# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ଅକ୍ଟୋବର ୮/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Berhampur, Saturday, October 8/2022 | Page 16 ₹ 7.00 | ★★★

୧୮ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 18 ISSUE 249 | ମୂଲ୍ୟ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
KP GROUP
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଲ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI

ଶନିବାର, ଅକ୍ଟୋବର ୮/୨୦୨୨ | Saturday, October 8/2022 | ପୃଷ୍ଠା-୧




## ହରମନପ୍ରୀତ୍ ପ୍ଲେୟର ଅଫ୍ ଦି ଇୟର

କ୍ରମାଗତ ଦ୍ୱିତୀୟ ଥର ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଛନ୍ତି ହରମନପ୍ରୀତ୍ ସିଂ ।

୧୨ ୧୦

## ଭିନ୍ନ ଚରିତ୍ରରେ ସୁସ୍ମିତା

ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍ ଫିଲ୍ମ 'ତାଲି'ରେ ଜଣେ ଟ୍ରାନ୍ସଜେଣ୍ଡର ଭୂମିକାରେ ନଜରକୁ ଆସିବେ।



# ବେଲାରୁଷ ଅଧିକାର କର୍ମୀଙ୍କୁ ନୋବେଲ ଶାନ୍ତି



ଆଲେସ୍ ବିୟାଲିଆଟ୍ସ୍କି

### ରୁଷିଆର ମେମୋରିଆଲ୍, ୟୁକ୍ରେନ୍‌ର ସେଣ୍ଟର ଫର୍ ସିଭିଲ୍ ଲିବର୍ଟିଜ୍ ମିଳିତ ଭାବେ ପାଇବେ ପୁରସ୍କାର

**ଓସ୍ଲୋ,୭।୧୦**

ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପ୍ରତିଧ୍ୱନି ମଧ୍ୟରେ ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ଘୋଷଣା କରାଯାଇଛି। ବେଲାରୁଷର ଅଧିକାର କର୍ମୀ ଆଲେସ୍ ବିୟାଲିଆଟ୍ସ୍କିଙ୍କ ସହ ରୁଷିଆର ମାନବାଧିକାର ଗୋଷ୍ଠୀ 'ମେମୋରିଆଲ' ଏବଂ ୟୁକ୍ରେନୀୟ ସଙ୍ଗଠନ 'ସେଣ୍ଟର ଫର୍ ସିଭିଲ୍ ଲିବର୍ଟିଜ୍'କୁ ନରୱେ ରାଜଧାନୀ ଓସ୍ଲୋସ୍ଥିତ ନରୱେଜିଆନ୍ ନୋବେଲ ଇନ୍‌ଷ୍ଟିଚ୍ୟୁଟ୍‌ରେ ଏହି ମର୍ଯ୍ୟାଦାଜନକ ପୁରସ୍କାରର ପ୍ରକୃତ ହକ୍‌ଦାର ବୋଲି କୁହାଯାଇଛି।

ନରୱେଜିଆନ୍ ନୋବେଲ କମିଟି ୨୦୨୨ ପାଇଁ ନୋବେଲ ଶାନ୍ତି ପୁରସ୍କାରରେ ମାନବ ଅଧିକାର, ଗଣତନ୍ତ୍ର ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଉତ୍ସର୍ଗୀକୃତ ତିନି ପଡ଼ୋଶୀ ଦେଶର ଚାମ୍ପିୟନ୍‌ଙ୍କୁ ପୁରସ୍କୃତ କରିବା ଲାଗି ଆଗ୍ରହୀ ବୋଲି କମିଟି ଚେୟାର ବେରିଟ୍ ରେଇସ୍ ଆଣ୍ଡେରସନ୍ ସ୍ପଷ୍ଟ କରିଛନ୍ତି। ଜେଲରେ ଥିବା ବିୟାଲିଆଟ୍ସ୍କିଙ୍କୁ ☞ପୃଷ୍ଠା-୨

# ଧ୍ୱଁସେଇଛି ଗଜ ସୁରକ୍ଷା ପ୍ରକଳ୍ପ

**ବନ୍ୟସମ୍ପଦ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି କରିବାକୁ ଅକ୍ଟୋବର ୨ରୁ ୮ ତାରିଖ ଯାଏ ସପ୍ତାହବ୍ୟାପୀ ପାଳନ କରାଯାଉଛି ବନ୍ୟପ୍ରାଣୀ ସପ୍ତାହ। ଶୋଭାଯାତ୍ରା, ପ୍ରତିଯୋଗିତା ସମେତ ବିବିଧ କାର୍ଯ୍ୟକ୍ରମ ମାଧ୍ୟମରେ ବନ୍ୟଜୀବନର ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କୁ କରାଯାଉଛି ଅବଗତ। ତେବେ ପ୍ରକୃତ ପକ୍ଷେ ଏଭଳି କାର୍ଯ୍ୟକ୍ରମ କେବଳ ଦିବସ ପାଳନ ଭିତରେ ସୀମିତ ରହିଯାଉଛି। ଓଡ଼ିଶାର ଦ୍ୱିତୀୟ ହସ୍ତୀବହୁଳ ଜିଲା ଢେଙ୍କାନାଳରେ ହାତୀ-ମଣିଷ ସଂଘର୍ଷର ହୃଦୟବିଦାରକ ଚିତ୍ର ଏହାକୁ ପ୍ରମାଣିତ କରୁଛି। ଏଠାରେ ଗଜ ସୁରକ୍ଷା ଲାଗି କାର୍ଯ୍ୟକ୍ଷମ ବହୁ ପାଇଲଟ୍ ପ୍ରକଳ୍ପ ଦିଗହରା ହୋଇଥିବାବେଳେ ହାତୀବଂଶ ପ୍ରତି ସଙ୍କଟ ଘନେଇବାରେ ଲାଗିଛି।**

**ରତନ ନାୟାର**

**ଢେଙ୍କାନାଳ ଅଫିସ୍, ୭।୧୦**



- ହାତୀଙ୍କ ସୁରକ୍ଷା ପାଇଁ ମିଳୁନାହିଁ ବାଟ
- ଗଜବନ୍ଧୁ ଯୋଜନା ଲାଗି ପାଣ୍ଠି ନାହିଁ
- କାଗଜରେ ଅଧଡଜନ ପ୍ରୋଜେକ୍ଟ

ସାଇରନ୍ ବଜାଇ ବୁଲୁଛି 'ଐରାବତ'। ନିଯୁକ୍ତ ହୋଇଛନ୍ତି 'ଗଜବନ୍ଧୁ'। ଅଭୟାରଣ୍ୟ ନିକଟବର୍ତ୍ତୀ ଗ୍ରାମରେ କରାଯାଇଛି 'ସୋଲାର ଫ୍ୟାନ୍ସି' ବ୍ୟବସ୍ଥା। ଆରମ୍ଭ ହୋଇଛି 'ରି-ହାବ୍' (ରିଡ୍ୟୁସିଂ ଏଲିଫ୍ୟାଣ୍ଟ-ହ୍ୟୁମାନ ଆଟାକ୍ସ ୟୁଜିଂ ବିଇଜ୍) । ଜାତୀୟ ରାଜପଥରେ ଲଗାଯାଇଛି ନାଲିବତୀ। ସ୍ୱତନ୍ତ୍ର ଧ୍ୱନି ସଙ୍କେତ ମାଧ୍ୟମରେ ପଥଚାରୀଙ୍କୁ କରାଯାଉଛି ସତର୍କ। ଏହାକୁ ବାଦ୍‌ଦେଲେ ରେଲୱେ ଓଭରପାସ୍, ଅଣ୍ଡରପାସ୍ ଭଳି ଅଧଡଜନରୁ ଊର୍ଦ୍ଧ୍ୱ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଅପେକ୍ଷାରେ। ଏହାସତ୍ତ୍ୱେ ଓଡ଼ିଶାର ମୟୂରଭଞ୍ଜର ଶିମିଳିପାଳ ପରେ ଦ୍ୱିତୀୟ ହାତୀବହୁଳ ଜିଲା ଢେଙ୍କାନାଳରେ କମୁନାହିଁ ହାତୀ-ମଣିଷ ବିବାଦ। ଅଦ୍ୟାବଧି କାର୍ଯ୍ୟକାରୀ ହୋଇଥିବା କୌଣସି ଗୋଟିଏ ବି ପାଇଲଟ୍ ପ୍ରୋଜେକ୍ଟ ଶତପ୍ରତିଶତ ସଫଳ ହୋଇପାରୁ ନ ଥିବାବେଳେ ଜଙ୍ଗଲ ଛାଡ଼ି ଜନବସତିରେ ପଶୁଛନ୍ତି ହାତୀ। ଏଥିରେ ଯେ କେବଳ ଧନଜୀବନ କିମ୍ବା ଫସଲ ହାନି ହେଉଛି ତାହା ନୁହେଁ, ଐତିହ୍ୟ ମାନ୍ୟତାପ୍ରାପ୍ତ ଏହି ବିଶାଳକାୟ ବନ୍ୟପ୍ରାଣୀ ମଧ୍ୟ ନିଜ ଅସ୍ତିତ୍ୱ ରକ୍ଷା ଲାଗି କରୁଛନ୍ତି ସଂଘର୍ଷ।

ହାତୀଙ୍କୁ ଘଉଡ଼ାଇବାରେ ଅତ୍ୟାଧୁନିକ 'ଐରାବତ' ଯାନ ଫେଲ୍ ମାରୁଛି। ଏକା ସମୟରେ ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ କଲେ ବନ ବିଭାଗ ଯୋଜନାର ଫସରଫାଟୁଛି। ସେହିପରି ଉପଦ୍ରୁତ ଅଞ୍ଚଳରେ ସ୍ଥାନୀୟ ବନ ସଂରକ୍ଷଣ ସମିତି (ଭିଏସ୍‌ଏସ୍) ସଦସ୍ୟଙ୍କୁ 'ଗଜବନ୍ଧୁ' ଭାବେ ନିଯୁକ୍ତି ଦିଆଯାଉଛି। ତେବେ ଏଥିଲାଗି ସ୍ୱତନ୍ତ୍ର ପାଣ୍ଠି ନାହିଁ। ଫଳରେ ଗଜବନ୍ଧୁମାନେ ଜୀବନକୁ ବିପଦରେ ପକାଇ ହାତୀ ସୁରକ୍ଷା ଲାଗି ଆଗଭର ହେଉନାହାନ୍ତି। ଅନୁରୂପ ଭାବେ ପରିଚାଳନା ଓ ସମନ୍ୱୟ ଅଭାବରୁ ସୋଲାର ତାରବାଡ଼ ଏବଂ ମହୁବାକ୍ସ ପ୍ରକଳ୍ପ ଦୀର୍ଘଦିନ ଫଳପ୍ରସୂ ହୋଇପାରୁନାହିଁ। ସୋଲାର ବାଡ଼ର ହାଲୁକା କରେଣ୍ଟ ଝଟ୍‌କା ହାତୀଙ୍କୁ କାବୁ କରୁ ନ ଥିବାବେଳେ ମହୁମାଛିଙ୍କୁ ବ୍ୟବହାର କରି ହାତୀ ଘଉଡ଼ାଇବା ପ୍ରକଳ୍ପ ଦକ୍ଷ ମାନବସମ୍ବଳ ଅଭାବରୁ ଫେଲ୍ ମାରିଛି। କେବଳ ଏତିକି ନୁହେଁ, ୫୫ନଂ. ଜାତୀୟ ରାଜପଥରେ ହାତୀ ଚଲାପଥ ସ୍ଥାନଗୁଡ଼ିକରେ ☞ପୃଷ୍ଠା-୨

## ୫ ବର୍ଷରେ ୮୦ ହାତୀ ମୃତ

ଢେଙ୍କାନାଳ ଜିଲାର ୮ ରେଞ୍ଜ୍‌ରେ ୩୦୦ ହାତୀ ବିଚରଣ କରୁଛନ୍ତି। ତନ୍ମଧ୍ୟରୁ କେବଳ ହିନ୍ଦୋଳ ରେଞ୍ଜ୍‌ରେ ଅଛନ୍ତି ୧୨୦ ହାତୀ। ଢେଙ୍କାନାଳର ଥଣ୍ଡା ଜଳବାୟୁ ପଡ଼ୋଶୀ ଜିଲାର ହାତୀଙ୍କୁ ଆକୃଷ୍ଟ କରୁଥିବାବେଳେ ବିଭିନ୍ନ ସମୟରେ କେନ୍ଦୁଝର, ଯାଜପୁର, ଅନୁଗୋଳ, କଟକ ଏବଂ ଭୁବନେଶ୍ୱର ଉପକଣ୍ଠ ଚନ୍ଦକାରୁ ଦଳଦଳ ହୋଇ ପ୍ରବେଶ କରୁଛନ୍ତି। ଫଳସ୍ୱରୂପ ହାତୀ-ମଣିଷ ସଂଘର୍ଷ ତୀବ୍ର ହୋଇଛି। ଗତ ୫ବର୍ଷରେ ଅର୍ଥାତ୍ ୨୦୧୭ରୁ ୨୦୨୨ ଅକ୍ଟୋବର ସୁଦ୍ଧା ବିଭିନ୍ନ କାରଣରୁ ଜିଲାରେ ୮୦ ହାତୀଙ୍କ ଜୀବନ ଯାଇଛି। ସେଥିରୁ ୨୪ ହାତୀ ବିଦ୍ୟୁତ୍ ସଂସ୍ପର୍ଶରେ, ୫ ଶିକାରୀଙ୍କ ବିଦ୍ୟୁତ୍ ଫାଶରେ, ଗୋଟିଏ ଗୁଳିମାଡ଼ରେ, ୩ଟି ଟ୍ରେନ୍ ଧକ୍କାରେ, ୩ଟି ସଡ଼କ ଦୁର୍ଘଟଣାରେ ମରିଛନ୍ତି। ଅବଶିଷ୍ଟ ହାତୀଙ୍କ ରୋଗ ଏବଂ ଅନ୍ୟାନ୍ୟ କାରଣରୁ ମୃତ୍ୟୁ ଘଟିଛି। ସମାନ ସମୟରେ ହାତୀ ଆକ୍ରମଣରେ ୧୨୪ ମଣିଷଙ୍କ ଜୀବନ ଅକାଳରେ ଝରିପଡ଼ିଛି। ଏସବୁ ପଛରେ ଯୋଜନାବିହୀନ ପାଇଲଟ୍ ପ୍ରକଳ୍ପଗୁଡ଼ିକର ବିଫଳତାକୁ ପରିବେଶବିତ୍‌ମାନେ ଦାୟୀ କରିଛନ୍ତି।

# ମୃତ ଶିଶୁ ଜନ୍ମ ଦେଇ ନାବାଳିକାଙ୍କ ମୃତ୍ୟୁ

### ଆବାସିକ ବିଦ୍ୟାଳୟ ଛାତ୍ରୀ ଗର୍ଭବତୀ ଘଟଣା

**ଫୁଲବାଣୀ ଅଫିସ/ଜି.ଉଦୟଗିରି (ଡି.ଏନ୍.ଏ.), ୭।୧୦**

କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ଗ୍ରାମପଞ୍ଚାୟତର ଏକ ଆବାସିକ ଉଚ୍ଚ ବାଳିକା ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ମୃତ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମୃତ ଶିଶୁ ଜନ୍ମ ପରେ ଛାତ୍ରୀଙ୍କୁ ଗୁରୁତର ଅବସ୍ଥାରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୁରୁବାର ରାତିରେ ଛାତ୍ରୀଙ୍କ ମଧ୍ୟ ମୃତ୍ୟୁ ଘଟିଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଚିନ୍ତାରେ ବାବୁ**






# ପ୍ରକାଶ ପାଇଲା ଓସିଏସ୍ ପରୀକ୍ଷାଫଳ

- ତେଜସ୍ୱିନୀ ବେହେରା ଟପ୍ପର
- ପ୍ରଥମ ୩ ସ୍ଥାନରେ ମହିଳା ପରୀକ୍ଷାର୍ଥୀ

**କଟକ ଅଫିସ, ୭।୧୦**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍) ୨୦୨୦ ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ୍ ୩୯୨ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୪୪ ଜଣ ପୁଅ ଓ ୧୪୮ ଜଣ ଝିଅ ରହିଛନ୍ତି। ଶୀର୍ଷ ୧୦ ଜଣଙ୍କ ମଧ୍ୟରେ ୭ ଜଣ ମହିଳା ପରୀକ୍ଷାର୍ଥୀ ଥିବାବେଳେ ପ୍ରଥମ ତିନୋଟି ସ୍ଥାନରେ ମହିଳା ଅଛନ୍ତି। ତେଜସ୍ୱିନୀ ବେହେରା ଓସିଏସ୍ ଟପ୍ପର ହୋଇଛନ୍ତି । ସେହିପରି ଦ୍ୱିତୀୟ ସ୍ଥାନରେ ଶୁଭଙ୍କରୀ ସୁଦେଷ୍ଣା ଦାଶ, ତୃତୀୟ ସ୍ଥାନରେ ଅନନ୍ୟା ସୃଷ୍ଟି ଶତପଥୀ ରହିଛନ୍ତି। ଏଥିସହ ଚତୁର୍ଥ ସ୍ଥାନରେ ଦେବବ୍ରତ କର, ପଞ୍ଚମରେ ଦେବବ୍ରତ ମହାରଣା, ଷଷ୍ଠରେ ଅଭିସ୍ମିତା ତିୱାରୀ, ସପ୍ତମରେ ଶୁଭଶ୍ରୀ ରଥ, ଅଷ୍ଟମରେ ଶ୍ରୀତପା ମିଶ୍ର, ନବମରେ ବିବେକାନନ୍ଦ ଷଡ଼ଙ୍ଗୀ ଓ ଦଶମ ସ୍ଥାନରେ ତପତି ରାଜ ରହିଛନ୍ତି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କ ଲିଷ୍ଟ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ପରୀକ୍ଷାର୍ଥୀମାନେ ଏହି ୱେବ୍‌ସାଇଟ୍ (www.opsc.gov.in)କୁ ଯାଇ ନିଜର ରେଜଲ୍ଟ ଦେଖିପାରିବେ।



ଓସିଏସ୍ ଟପ୍ପର ତେଜସ୍ୱିନୀ ବେହେରା

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ପାଇଁ ୭୧,୪୮୫ ଜଣ ଆବେଦନ କରିଥିଲେ। ଏଥିମଧ୍ୟରୁ ୩୬,୨୯୨ ଜଣ ଗତବର୍ଷ ଅଗଷ୍ଟ ୨୭ରେ ପ୍ରିଲିମ୍ ପରୀକ୍ଷା ଦେଇଥିଲେ। ଏଥିରେ ୪୭୫୪ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୧୫୫୧ ଜଣ ମହିଳା ଥିଲେ। ଓଡ଼ିଶା ସିଭିଲ ସର୍ଭିସ ୨୦୨୦ର ମେନ୍ ଲିଖିତ ପରୀକ୍ଷା ଗତ ଜାନୁୟାରୀ ୨୦ରୁ ଫେବୃୟାରୀ ୮ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୮୪୮ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏହା ମଧ୍ୟରୁ ୭୮୫ ପରୀକ୍ଷାର୍ଥୀଙ୍କୁ ଦସ୍ତାବିଜ ଯାଞ୍ଚ ଏବଂ ସାକ୍ଷାତକାର ପାଇଁ ଗତମାସ ୧୯ରୁ ୩୦ ତାରିଖ ମଧ୍ୟରେ କଟକସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟକୁ ଡକାଯାଇଥିଲା।

### ଟପ୍ପରଙ୍କ ମୁହଁରୁ...

ପ୍ରଥମ ଆଟେମ୍ପ୍‌ଟରେ ଟପ୍ପର ହୋଇଛି। ଏଥିପାଇଁ ଖୁବ୍ ଖୁସି ଅଛି। ଲିଷ୍ଟରେ ନାଁ ରହିବ ବୋଲି ନିଶ୍ଚିତ ଥିଲି। ହେଲେ ପ୍ରଥମ ହେବି ବୋଲି ଭାବି ନ ଥିଲି।

**-ତେଜସ୍ୱିନୀ ବେହେରା, ଓସିଏସ୍ ଟପ୍ପର**

୨୦୧୯ରେ ପ୍ରଥମେ ☞ପୃଷ୍ଠା-୨

# ଜଳିବାକୁ ଅମଙ୍ଗ ରାବଣ; କର୍ମଚାରୀ ଦଣ୍ଡିତ

**ରାୟପୁର,୭।୧୦**

ବେଶ୍ ଆନନ୍ଦ ଉଲ୍ଲାସରେ ଦେଶବ୍ୟାପୀ ଦଶହରା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାବଣପୋଡ଼ି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ, ଯେଉଁଥିରେ ଲଙ୍କେଶ୍ୱରଙ୍କ ଦଶ ମୁଣ୍ଡ ବିଶିଷ୍ଟ କୁଶ ପୁତ୍ତଳିକାରେ ଅଗ୍ନି ସଂଯୋଗ କରାଯାଏ। କିନ୍ତୁ ଚଳିତବର୍ଷ ଛତିଶଗଡ଼ର ଧାମତରିରେ ଏହି କାର୍ଯ୍ୟକ୍ରମ ଅଧାରେ ରହିଯାଇଛି। ଗତ ବୁଧବାର ଧାମତରି ମ୍ୟୁନିସିପାଲିଟି ପକ୍ଷରୁ କରାଯାଇଥିବା ରାବଣପୋଡ଼ି। ପାରମ୍ପରିକ ରୀତିନୀତି ଅନୁସାରେ ଧନୁସର ମାରି ରାବଣ ପୁତ୍ତଳିକାରେ ନିଆଁ ଲଗାଇବାର କିଛି କ୍ଷଣ ମଧ୍ୟରେ ତାଙ୍କ ଶରୀର ଜଳିଯାଇଥିଲା। ହେଲେ ୧୦ଟି ଯାକ ମୁଣ୍ଡ ଅପୋଡ଼ା ରହିଯାଇଥିଲା।



- ଅଧା ରହିଗଲା ରାବଣପୋଡ଼ି କାର୍ଯ୍ୟକ୍ରମ
- ୪ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ

ସତେ ଯେମିତି ରାବଣ ଜଳିବାକୁ ଅମଙ୍ଗ ହୋଇଥିଲେ, ଯାହାର ପରିଣତି ମ୍ୟୁନିସିପାଲିଟି କର୍ମଚାରୀ ଓ ଅଧିକାରୀଙ୍କୁ ଭୋଗିବାକୁ ପଡ଼ିଥିଲା। ସୂଚନାନୁସାରେ କାର୍ଯ୍ୟରେ ଅବହେଳା ନେଇ ଧାମତରି ନଗରପାଳିକା କିରାଣି ରାଜେନ୍ଦ୍ର ଯାଦବଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ୪ ଅଫିସର ଆସିଷ୍ଟାଣ୍ଟ ଇଞ୍ଜିନିୟର୍ ବିଜୟ ମେହେର, ସବ୍ ଇଞ୍ଜିନିୟର୍ ଲୋମାସ ଦେୱାଙ୍ଗନ୍, କାମଲେଶ ଠାକୁର ଏବଂ କାମତା ନଗେନ୍ଦ୍ରଙ୍କ ବିରୋଧରେ ☞ପୃଷ୍ଠା-୨




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନଭେମ୍ବର ୧୦ରେ ପାଳନ ହେବ ମାଣ୍ଡିଆ ଦିବସ

**ଭୁବନେଶ୍ୱର,୭।୧୦(ବ୍ୟୁରୋ)**

ମିଲେଟ୍ ମିଶନକୁ ପ୍ରୋତ୍ସାହନ ଦେବା ସକାଶେ ମାର୍ଗଶିର ମାସ ପ୍ରଥମ ଗୁରୁବାର ଅଥବା ନଭେମ୍ବର ୧୦ରେ ରାଜ୍ୟରେ ମାଣ୍ଡିଆ ଦିବସ ପାଳନ କରାଯିବ। ଚଳିତବର୍ଷ ନଭେମ୍ବର ୧୦ରେ ପାଳନ ହେବ ଏହି ଦିବସ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା କୃଷି ସଚିବ ଅରବିନ୍ଦ ପାଢ଼ୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ମାଣ୍ଡିଆ ପୁଷ୍ଟିଯୁକ୍ତ ଖାଦ୍ୟ। ଏଥିରୁ ପ୍ରସ୍ତୁତ ବିସ୍କୁଟ, ମିକ୍ସଚର, ନିମକି, ସେଓ, ପିଠା, ଛତୁଆ ଆଦି ସ୍ୱାଦିଷ୍ଟ ଓ ଶରୀର ପାଇଁ ହିତକର। ମାଣ୍ଡିଆ ଉତ୍ପାଦନ ଓ ଏହାର ପ୍ରଚାର ପ୍ରସାରକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏବେ ରାଜ୍ୟର ୧୯ ଜିଲାରେ ମିଲେଟ୍ ମିଶନ କାର୍ଯ୍ୟକାରୀ ହେଉଛି। ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। କେନ୍ଦ୍ର ସରକାର ଓଡ଼ିଶା ମଡେଲକୁ ଆପଣାଇବାକୁ ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ନୀତି ଆୟୋଗ ମଧ୍ୟ ଏହାକୁ ଏକାଧିକ ଥର ପ୍ରଶଂସା କରିଛନ୍ତି। ମନ୍ତ୍ରଣାଳୟ ଓ ବିଭାଗରେ ହେବାକୁ ଥିବା ବୈଠକରେ ଓ କ୍ୟାଣ୍ଟିନରେ ମାଣ୍ଡିଆ ପ୍ରସ୍ତୁତ ଲଡ୍ଡୁ, ମିକ୍ସଚର, ସ୍ନାକ୍ସ, ପୁରି, ଇଡ୍‌ଲି, ଦୋସା ଓ ବିସ୍କୁଟ୍ ପରଷିବାକୁ କେନ୍ଦ୍ର ଖାଦ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି।

୨୦୨୩କୁ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବେ ପାଳନ କରିବାକୁ ଜାତିସଂଘ ଘୋଷଣା କରିଛି। ଓଡ଼ିଶା ସରକାର ସ୍କୁଲରେ ମଧ୍ୟାହ୍ନଭୋଜନ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ବଣ୍ଟନ କରୁଛନ୍ତି। ସମସ୍ତଙ୍କ ପାଖରେ ଏହାକୁ ପହଞ୍ଚାଇବାକୁ ବିଭିନ୍ନ ସ୍ଥାନରେ ଖୋଲାଯାଉଛି ମିଲେଟ୍ ଶକ୍ତି ଆଉଟଲେଟ୍। ଆଦିବାସୀମାନଙ୍କର ଏହା ପ୍ରିୟ ଖାଦ୍ୟ। ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥିବାରୁ ଏହାର ବ୍ୟାପକ ପ୍ରଚାର ଓ ପ୍ରସାର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଇଁ ଝଟକିଲା ବିଜୁଳି ମାଇଲା,**
**ଦାଣ୍ଡ ଧୂଳି ନେଲା ଉଡ଼ାଇ;**
**ଏହି ବାଟେ ଗଲା, କଥା ନ କହିଲା,**
**ସାଙ୍ଗେ ସାଙ୍ଗେ ଗଲି ଗୋଡ଼ାଇ ।**

ଯେଉଁଠି ସ୍ନେହ ଆଦର ତଥା ଭଲ ପାଇବା ରହିଥାଏ ସେଠି ରାଗରୁଷା, ମାନ ଅଭିମାନ ମଧ୍ୟ ରହିଥାଏ। କୌଣସି କଥାକୁ ନେଇ ଅଭିମାନରେ ମୁହଁ ବୁଲାଇ ଚାଲି ଯାଉଥିବା ପ୍ରେମୀକୁ ମନେଇବା ନେଇ ପଛେ ପଛେ ଧାଇଁଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିଅ ଝିଆଣୀ,**
**ଦବା ନବା ଯାଏ ମୁହଁ ଚାହାଣି ।**

ଯୌତୁକ ଏକ ସାମାଜିକ ବ୍ୟାଧି। ଏହା ଏକ କଳଙ୍କିତ ପ୍ରଥା ହୋଇଥିଲେ ମଧ୍ୟ ବିବାହ ବେଳେ ଝିଅଘର ପକ୍ଷରୁ ଅନେକ ବସ୍ତୁ ବା ଜିନିଷ ଦାନ ଆକାରରେ ଦିଆଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ଦବାନବା ଠିକ୍ ଥିଲେ ଝିଅ ଝିଆଣୀ ବାପଘରକୁ ଯିବା ଆସିବାରେ କିଛି ବାରଣ ରହି ନ ଥାଏ କି ସମ୍ପର୍କରେ ମଧ୍ୟ କିଛି ସମସ୍ୟା ବା ଆଞ୍ଚ ଆସି ନ ଥାଏ ବୋଲି ଏଠାରେ ପ୍ରକାଶ କରଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଆଜି ଏକାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ ଆର୍ଥିକ ଉନ୍ନତି, ଜମିଜମା କାରବାର, ପାରିବାରିକ ସାହାଯ୍ୟ ସମର୍ଥନ ମିଳିବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଜନିତ ବିଷୟକୁ ନେଇ ଚିନ୍ତିତ ରହିବେ। ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ।

**ବୃଷ**



ମଙ୍ଗଳଙ୍କ ସ୍ଥିତି ଜନିତ ଆପଣ ଘର, ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ ନେଇ ଅର୍ଥ ବ୍ୟୟ କରିବାକୁ ବାଧ ହେବେ। କ୍ରୀଡ଼ା, କଳା, ସାହିତ୍ୟ ଚର୍ଚ୍ଚା ଓ ସାମ୍ବାଦିକତାରେ ସଫଳତା ହାସଲ କରିବେ । ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ। ପୂର୍ବରୁ ଲାଗି ରହିଥିବା ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି।

**ମିଥୁନ**



ଜନ ସମର୍ଥନ, ଯାନବାହନ ଦିଗରୁ ସୁଫଳ ସହ ପାରିବାରିକ ଜୀବନ ମଧ୍ୟ ସୁଖପ୍ରଦ ରହିବ। ଅଫିସରେ କିଛି କଡ଼ା ଭାଷା ପ୍ରୟୋଗ କରି ଶତ୍ରୁତା ଅର୍ଜନ କରିବେ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**



ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଲାଗି ରହିଲେ ମଧ୍ୟ ଆପଣ କଦାପି ଫେରିବେ ନାହିଁ। ଦୀର୍ଘ ଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ସାମୟିକ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ । ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି।

**ସିଂହ**



ବନ୍ଧୁଙ୍କ ସାହାଯ୍ୟ/ସହଯୋଗ ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ ବିଶେଷ କାରଣ ନ ଥାଇ ମଧ୍ୟ ସମାଲୋଚିତ ହୋଇପାରନ୍ତି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭକରି ବ୍ୟସ୍ତତା ବୃଦ୍ଧି ପାଇବ ।

**କନ୍ୟା**



ପାରିବାରିକ ଅଶାନ୍ତି କ୍ଷେତ୍ରରେ ଭୁଲ୍ ବୁଝାମଣା ହିଁ ପ୍ରଧାନ କାରଣ ହେବ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବାରେ ପଡ଼ୋଶୀ ମୁଖ୍ୟ ଭୂମିକା ଗ୍ରହଣ କରିବେ । ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରିନେବେ।

**ତୁଳା**



ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ। ଖଳ ଲୋକମାନଙ୍କ ପ୍ରାୟୋଜିତ କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇବେ।

**ବିଛା**



ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖାପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କ ହାତକୁ ଚାହିଁ ବସିବେ।

**ଧନୁ**



କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ନୂତନ କାମର ପରିକଳ୍ପନା କରିବେ କିନ୍ତୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର**



ଆଜି କୌଣସି କାମ ଅଟକିବ ନାହିଁ କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ସହ ଟେନ୍‌ସନ ଲାଗି ରହିବ। ଉଚ୍ଚ ବର୍ଗର ବ୍ୟକ୍ତି ବିଶେଷଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ । ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବାର ସୂଚନା ରହିଛି।

**କୁମ୍ଭ**



ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାଦ୍ୱାରା ଲାଭ ବଦଳରେ କ୍ଷତି ହିଁ ହେବ। ଜମିଜମା, କଳକାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ। ଚିନ୍ତା କରିଥିବା ଯୋଜନା ବିଗିଡ଼ି ଯିବା କାରଣରୁ ମନ ଭଲ ରହିବ ନାହିଁ।

**ମୀନ**



ବନ୍ଧୁଙ୍କ ଗହଣରେ ସାଧାରଣ କଥାରେ ଆପଣ ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି । ସଭାସମିତିରେ, ଆନୁଷ୍ଠାନିକ କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପରିବାରରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ଅଭାବ ନଥିଲେ ମଧ୍ୟ ଭୁଲ୍ ବୁଝାମଣା କାରଣରୁ ମାନସିକ ଶାନ୍ତି ପାଇବା କଷ୍ଟକର ହୋଇପଡ଼ିବ।


# classifieds Everyday
0674-2580101, 2549302



## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**Site ଦେଖନ୍ତୁ, Govtroad, project beautiful, ସହଜକିଣିବାକୁ, 6,80,000/- DPରେ 2000sqft. plot registration 12,75,000/-, loan-15,301/- EMI- 10 ବର୍ଷ, ଏବେ 1050/- 10 ବର୍ଷ ପରେ କିଣା ଆସିବ, sqft.- 1258/- loanରେ। ଯେତେବେଳେ କି Market price ହୋଇଥିବ sqft.- 5000/-. Contact: 9040045759.** D-74134

Around 5.5 gunth land with building at Baniamal, Po/district Kendrapada for sale . Contact - 9437048845. D-1665

**Gated community society plot sale at Puri-Pipili Bypass just Rs.-7,80,000/-. 8114935847.** D-74133

**ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର Rs 850/-sqft. Mob: 7008368091, 9437714391.** D-1576

GA Freehold commercial mainroad facing plot 2400sqft. at Bharatpur GA Colony for immediate sale. Owner- 7978214375. D-71658

**30ft. gharabari plot sale Gangapada near Maharaja College sqft.-850/- (Bank loan available). 9439364818, 9337766961.** D-1716

**Duplex sale at Bhubaneswar @45 lakhs and apartment @63lakhs. 9439206202.** D-74129

**ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799.** D-1651

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.-61,00,000.00 onwards. Delivery Shortly. Contact Number- 9238315816. D-73976

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-1669

**Gharabari Bank finance plot sale at Janla-Gangapada NH side, Bhubaneswar. 9437522339.** D-74132

**2/3BHK residential flats available for sale within gated community and facilities like childrens play area, community Centre, land scape Garden, Volleyball and Badminton Court etc. near Haribhaina Chhak, Jatni Town. Contact: 9337333685.** D-1679

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-1668

**ଘରବାରି boundary plot ନଖରା ତ୍ରିନାଥବଜାରରୁ ୨କିଲୋମିଟର ମେନ୍‌ରୋଡ୍‌ରୁ ୧୦୦ମିଟର 1300 ବର୍ଗ ଫୁଟ୍‌କୁ 13,00,000/-. 9437306208.** D-74130

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**ଭୁବନେଶ୍ୱର ହଂସପାଳ ଛକ ନିକଟରେ 3BHK Duplex Modern Amenities ସହିତ ମିଳୁଛି।** 9658122456, 8327785834. D-74122

## PURCHASE

**ଜମି ଆବଶ୍ୟକ: ଭୁବନେଶ୍ୱରରୁ ପୁରୀ NHରୁ 1 କିଲୋମିଟର ଭିତରେ 10 ଡିସିମିଲରୁ ଊର୍ଦ୍ଧ୍ୱ ସ୍ଥିତିବାନ୍ ଜମି outright ବା sharing ହିସାବରେ ଆବଶ୍ୟକ। ଜମି ମାଲିକ ବା ମଧ୍ୟସ୍ଥି ଯୋଗାଯୋଗ କରନ୍ତୁ। 9438220432.** D-1721



**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

Do you want to construct buildings on your own plot. Contact: 7008268129, 9439143273. D-71352




3BHK premium semi furnished flat Trident Galaxy, Paikarapur, Bhubaneswar rent- 23000/-. 9348867589. D-71541



Fullbody relax massage refresh your body with trend therapist. 7008773793. D-73650

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73982

Herbal full body massage by smart/ expert therapist. Contact: 9040171280. D-73984

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com**

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ଧ୍ୱମେଇଛି ଗଜ ...

ପଥଚାରୀଙ୍କୁ ସତର୍କ କରାଇବାକୁ ସେନ୍‌ସରଯୁକ୍ତ ସାଇରନ୍ ଏବଂ ନାଳିବତୀ ବ୍ୟବସ୍ଥା କରାଯାଇଥିବାବେଳେ ଅଧିକାଂଶ ସମୟରେ ସେସବୁ ଅଚଳ ହୋଇପଡୁଛି। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ଥିବାବେଳେ ଢେଙ୍କାନାଳ-ଅନୁଗୋଳ ମଧ୍ୟରେ ୫ ଅଣ୍ଡରପାସ୍ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇପାରୁନାହିଁ। ହାତୀଙ୍କ ସୁରକ୍ଷା ପାଇଁ ଢେଙ୍କାନାଳରେ ଦେଶର ପ୍ରଥମ ପାଇଲଟ୍ ପ୍ରୋଜେକ୍ଟ ଭାବେ ୧୦୦ ମିଟର ବିଶିଷ୍ଟ ରେଲୱେ ଓଭରପାସ୍ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି। କଟକ ଜିଲା ରାଜ ଆଠଗଡ଼ ଓ ଢେଙ୍କାନାଳ ଜିଲାର ଯୋରନ୍ଦା ରୋଡ୍ ରେଳଷ୍ଟେଶନ ମଧ୍ୟରେ ଏହାକୁ ନିର୍ମାଣ କରାଯିବ। ଏହାର ଡିଜାଇନ୍ ଶେଷ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ କପିଳାସ ଅଭୟାରଣ୍ୟରୁ ଆଠଗଡ଼ ଏବଂ ଆଠଗଡ଼ରୁ କପିଳାସ ଅଭୟାରଣ୍ୟକୁ ହାତୀପଲ ବିନା ବାଧାରେ ସୁରକ୍ଷିତ ଭାବେ ଯାତାୟାତ କରିପାରିବେ। ତେବେ ଅନ୍ୟ ଦୁଇଯୋଡ଼ା ରେଳପଥ ସମ୍ପ୍ରସାରଣ ହେବାକୁ ଥିବାରୁ ହାତୀଙ୍କ ସୁରକ୍ଷା ଲାଗି ପ୍ରସ୍ତାବିତ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ କାମକୁ ଦିଗ ମିଳୁନାହିଁ। କାରଣ ରେଳପଥ ସମ୍ପ୍ରସାରଣ କାର୍ଯ୍ୟ ସରିବା ପରେ ହିଁ ଓଭରପାସ୍‌ର ଲମ୍ବ ନିର୍ଦ୍ଧାରିତ ହେବ। ଏହାବାଦ୍ ହାତୀଙ୍କ ସୁରକ୍ଷା ଦାୟିତ୍ୱ ମୁଣ୍ଡାଇଥିବା ବନ ବିଭାଗରେ କର୍ମଚାରୀ ଅଭାବ ମୁଖ୍ୟ ସମସ୍ୟା ହୋଇଛି। ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଖାଲି ପଡ଼ିଥିବାବେଳେ ମାତ୍ର ୫୦% କର୍ମଚାରୀରେ କାମ ଚାଲିଛି। ଜୀବନକୁ ବିପଦରେ ପକାଇ ହାତୀ ଘଉଡ଼ାଇବା କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶିକ୍ଷଣ ତ ଦୂରର କଥା ଆନୁଷଙ୍ଗିକ ଉପକରଣ ମଧ୍ୟ ପ୍ରଦାନ କରାଯାଉନାହିଁ। ଅନଭିଜ୍ଞ କର୍ମଚାରୀଙ୍କ ପକ୍ଷେ ଏକାସଙ୍ଗରେ କାଠମାଫିଆଙ୍କ କବଳରୁ ଜଙ୍ଗଲକୁ ସୁରକ୍ଷା ଦେବା ଏବଂ ହାତୀ ଘଉଡ଼ାଇବା କାର୍ଯ୍ୟ କାଠିକର ପାଠ ହୋଇପଡୁଛି। ହାତୀଙ୍କ ଦ୍ୱାରା ବ୍ୟାପକ ଫସଲ ନଷ୍ଟ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଉଥିବାବେଳେ ଦିନକୁ ଦିନ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ରୂପ ନେବାରେ ଲାଗିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ ) ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ହାତୀ-ମଣିଷ ବିବାଦରେ ଢେଙ୍କାନାଳ ସମଗ୍ର ରାଜ୍ୟରେ ଆଗରେ ରହିଛି। ଏହା ପଛକୁ ସୁନ୍ଦରଗଡ, ରାଉରକେଲା ଏବଂ ବାରିପଦା ରହିଛି। ସୁନ୍ଦରଗଡ଼, ରାଉରକେଲା, ବାରିପଦାରେ ଝାଡ଼ଖଣ୍ଡୀ ହାତୀ ଉପଦ୍ରବ କରୁଛନ୍ତି। ଢେଙ୍କାନାଳରେ ପ୍ରଚୁର ଖାଦ୍ୟ, ପାଣି ମିଳୁଥିବାରୁ ହାତୀପଲ ଅଞ୍ଚଳ ଛାଡ଼ି ଯାଉନାହାନ୍ତି। ବିଦ୍ୟୁତ୍ ଆଘାତଜନିତ ହାତୀମୃତ୍ୟୁ ରୋକିବାକୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ତାର କେବୁଲିଂ କରାଯାଉଛି। ପ୍ରାୟ ୨୦୦ କି.ମି. ତାର କେବୁଲିଂ ହେବ। ଡିସେମ୍ବର ସୁଦ୍ଧା ୭୦ କି.ମି. କେବୁଲିଂ କାର୍ଯ୍ୟ ସରିବ। ଜଙ୍ଗଲ ଜଗିବା ଏବଂ ହାତୀକୁ ସୁରକ୍ଷା ଦେବା ଭଳି ୨୪ ଘଣ୍ଟିଆ କାର୍ଯ୍ୟ କରିବା ଲାଗି ବିଭିନ୍ନ ପଦବୀରେ ହେଉଥିବା ନିଯୁକ୍ତି ପ୍ରକ୍ରିୟାରେ ଅଧିକ ଆବେଦନ ହେଉନାହିଁ। ଫଳରେ କର୍ମଚାରୀ ଅଭାବ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

### ବେଲାରୁଷ ଅଧିକାର ...

ମୁକ୍ତ କରିବା ପାଇଁ ସେ ଏହି ଅବସରରେ ବେଲାରୁଷକୁ ପରାମର୍ଶ ଦେଇଛନ୍ତି। ନୋବେଲ ପୁରସ୍କାର ରାଶି ବାବଦକୁ ୧୦ ନିୟୁତ ସ୍ୱିଡିଶ୍ କ୍ରୋନର (ପ୍ରାୟ ୯ ଲକ୍ଷ ଡଲାର) ଡିସେମ୍ବର ୧୦ରେ ଓସ୍‌ଲୋରେ ପ୍ରଦାନ କରାଯିବ। ଏହି ଦିନ ହେଉଛି ସ୍ୱିଡେନ୍ ଶିଳ୍ପପତି ତଥା ପ୍ରଖ୍ୟାତ୍ ବୈଜ୍ଞାନିକ ଆଲ୍‌ଫ୍ରେଡ୍ ନୋବେଲଙ୍କ ଶ୍ରାଦ୍ଧବାର୍ଷିକୀ। ନିଜ ନିଜ ଦେଶରେ ନାଗରିକ ସମାଜର ପ୍ରତିନିଧିତ୍ୱ କରୁଥିବା ପୁରସ୍କାର ବିଜେତାମାନେ ଅନେକ ବର୍ଷ ଧରି କ୍ଷମତାସୀନ ସରକାରଙ୍କୁ ସମାଲୋଚନା କରିବା ସହ ନାଗରିକମାନଙ୍କ ମାନବ ଅଧିକାର ଓ ମୌଳିକ ଅଧିକାର ସୁରକ୍ଷା ପାଇଁ ଲଢ଼େଇ କରିଆସୁଛନ୍ତି। ଏଥିସହ ଯୁଦ୍ଧ ଅପରାଧ, ମାନବ ଅଧିକାର ଉଲ୍ଲଂଘନ ଓ କ୍ଷମତାର ଦୁରୁପଯୋଗ ସମ୍ପର୍କିତ ବିବରଣୀର ବଳିଷ୍ଠ ଆଲେଖ୍ୟ ପ୍ରସ୍ତୁତ କରି ସମାଜକୁ ଶାନ୍ତି ଓ ଗଣତନ୍ତ୍ରର ମହତ୍ତ୍ୱ ବୁଝାଇଛନ୍ତି ବୋଲି ନରୱେଜିଆନ୍ ନୋବେଲ କମିଟିର ପ୍ରଶଂସାପତ୍ରରେ ଉଲ୍ଲେଖ କରାଯାଇଛି। ମସ୍କୋସ୍ଥିତ ମେମୋରିଆଲ ଇଣ୍ଟରନ୍ୟାଶନାଲ ଏକ ବିବୃତିରେ କହିଛି, ଏହି ପୁରସ୍କାର ଜିତିବା ମାନବ ଅଧିକାର କ୍ଷେତ୍ରରେ ଏହାର କାର୍ଯ୍ୟକୁ ଏକ ସ୍ୱୀକୃତି। ସେହିପରି ସେଣ୍ଟର ଫର୍ ସିଭିଲ ଲିବର୍ଟିଜ୍ ପକ୍ଷରୁ ଏହାର ପ୍ରତିନିଧି ଭୋଲୋଡିମିର ୟାଭୋରସ୍କି ନିଜ ପ୍ରତିକ୍ରିୟାରେ କହିଛନ୍ତି, ଏହି ପୁରସ୍କାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଅନେକ ବର୍ଷ ଧରି ଆମେ ଏପରି ଏକ ଦେଶରେ କାର୍ଯ୍ୟ କରିଆସିଛୁ, ଯାହାକି ଦୃଶ୍ୟମାନ ନ ଥିଲା। ଏହି ସମ୍ମାନ ଆମକୁ ଆହୁରି ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିବ। ୟୁକ୍ରେନ୍‌ରେ ମାନବାଧିକାର ତଥା ଗଣତନ୍ତ୍ରକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ୨୦୦୭ରେ ପ୍ରତିଷ୍ଠିତ ସେଣ୍ଟ ଫର୍ ସିଭିଲ ଲିବର୍ଟିଜ୍ ନିଜ ଦେଶକୁ ଆଇନ ଶାସନାଧୀନ ଏକ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରିବା ସକାଶେ କର୍ତ୍ତୃପକ୍ଷଙ୍କ ଉପରେ ଚାପ ସୃଷ୍ଟି କରିଛି। ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠାରୁ ଏହି ଗୋଷ୍ଠୀ ୟୁକ୍ରେନୀୟଙ୍କ ନାଗରିକଙ୍କ ବିରୋଧରେ ରୁଷୀୟ ଯୁଦ୍ଧ ଅପରାଧକୁ ଲିପିବଦ୍ଧ କରିଛି। ସମାନ ଆହ୍ୱାନ, ସ୍ଥିତିକୁ ସାମ୍ନା କରୁଥିବା ୩ ପଡ଼ୋଶୀ ମଧ୍ୟରେ ଭ୍ରାତୃତ୍ୱକୁ ଏହି ପୁରସ୍କାର ରେଖାଙ୍କିତ କରିଛି, ଯାହାକି ଏକ ଅତ୍ୟନ୍ତ ଆଶାବାଦୀ ସନ୍ଦେଶ ବୋଲି ଇଣ୍ଟରନ୍ୟାଶନାଲ କାଟାଲାନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପିସ୍ ନିର୍ଦ୍ଦେଶକ କହିଛନ୍ତି। ୬୦ ବର୍ଷୀୟ ବିୟାଲିଆତ୍‌ସ୍କି ହେଉଛନ୍ତି ବେଲାରୁଷ ଅଧିକାର ଗୋଷ୍ଠୀ 'ଭିଆସ୍‌ନା' ମୁଖ୍ୟ। ଗତବର୍ଷ ଜୁଲାଇରେ ତାଙ୍କୁ ଟିକସ ଠକେଇ ଅଭିଯୋଗରେ ଗିରଫ କରାଯାଇଥିଲା। ବେଲାରୁଷ ଷ୍ଟ୍ରଙ୍ଗ୍‌ମ୍ୟାନ୍ ଲୁକାଶେଙ୍କୋ ନିଜ ସମାଲୋଚକମାନଙ୍କ ମୁହଁ ବନ୍ଦ କରିବା ପାଇଁ ଏପରି ଉପାୟ ଆପଣାଇଥାଆନ୍ତି। ଭିଆସ୍‌ନାର ଅର୍ଥ ହେଉଛି ବସନ୍ତ। ୧୯୯୬ରେ ପ୍ରତିଷ୍ଠିତ ଏହି ସଂସ୍ଥା ହେଉଛି ବେଲାରୁଷର ସବୁଠୁ ପ୍ରଭାବଶାଳୀ ଅଧିକାର ଗୋଷ୍ଠୀ, ଯାହାକି ରାଷ୍ଟ୍ରପତି ଲୁକାଶେଙ୍କୋ ଓ ତାଙ୍କ ସୁରକ୍ଷା ବଳର ଟାର୍ଗେଟରେ ରହିଆସିଛି। ବିୟାଲିଆତ୍‌ସ୍କି ହେଉଛନ୍ତି ନୋବେଲ ଶାନ୍ତି ପୁରସ୍କାର ଗ୍ରହଣ ପାଇଁ ସର୍ବୋତ୍ତମ ବ୍ୟକ୍ତି। କାରଣ ଅନେକ ବର୍ଷ ଧରି ସେ ବିଶ୍ୱର ବିଭିନ୍ନ ଭାଗରେ ଅତ୍ୟାଚାରୀ ଶାସନ ବିରୋଧରେ ସଂଗ୍ରାମ ଏବଂ ସାଧାରଣ ଲୋକଙ୍କ ଅଧିକାର ପାଇଁ ଲଢ଼େଇର ପ୍ରତୀକ ପାଲଟିଛନ୍ତି ବୋଲି ବେଲାରୁଷର ବିରୋଧୀ ଦଳ ନେତା ସ୍ୱାନାକ୍‌ଭିଆକୋର୍କା ପ୍ରକାଶ କରିଛନ୍ତି। ୧୯୮୦ ଦଶକରେ ସୋଭିଏତ୍ ସଂଘ ବିରୋଧରେ ସ୍ୱାଧୀନତା ସଂଗ୍ରାମ ଲଢ଼ିଥିବା ଏହି ଅଧିକାର ରକ୍ଷକ ପରବର୍ତ୍ତୀ ସମୟରେ ଲୁକାଶେଙ୍କୋଙ୍କ ବିପକ୍ଷରେ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କ ଜୀବନବ୍ୟାପୀ ସଂଗ୍ରାମକୁ ସମ୍ମାନ ଦେଇ ନୋବେଲ କମିଟି ପୁରସ୍କାର ପ୍ରଦାନ ନିମନ୍ତେ ଘୋଷଣା କରିଛି।

### ମୃତ ଶିଶୁ ଜନ୍ମ ଦେଇ...

ଏହି ଘଟଣାରେ ଜିଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ମାଟ୍ରନଙ୍କୁ ବହିଷ୍କୃତ କରାଯାଇଥିବା ବେଳେ ଏଏନ୍‌ଏମ୍‌ଙ୍କୁ ବହିଷ୍କାର ପାଇଁ ସୁପାରିସ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଛାତ୍ରଙ୍କୁ ବ୍ରହ୍ମପୁର ବାଳ ସୁଧାର ଗୃହକୁ ପଠାଯାଇଛି । ପ୍ରକାଶ ଯେ, ତୁମୁଡ଼ିବନ୍ଧ ବ୍ଲକ ବେଲଘର ଥାନା ଅନ୍ତର୍ଗତ ଏକ ଆବାସିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଗତ ମାସ ୨୩ ତାରିଖରେ ଜଣାପଡ଼ିଥିଲା। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥାନାରେ ଏତଲା ଦେଇଥିଲେ। ଏହା ପରେ ଜିଲା ଶିଶୁ ମଙ୍ଗଳ ସମିତି ପକ୍ଷରୁ ନାବାଳିକାଙ୍କୁ ଜି.ଉଦୟଗିରର ଶିଶୁ ଯତ୍ନ ଗୃହରେ ଥଇଥାନ କରାଯାଇଥିଲା। ଗୁରୁବାର ଛାତ୍ରୀଙ୍କ ପେଟରେ ଯନ୍ତ୍ରଣା ହେବାରୁ ତାଙ୍କୁ ଜି.ଉଦୟଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ସେ ଏକ ମୃତ ଶିଶୁକୁ ଜନ୍ମ ଦେଇଥିଲେ। ଛାତ୍ରୀଙ୍କ ଅବସ୍ଥା ଧୀରେ ଧୀରେ ଜଟିଳ ହେବାରୁ ତାଙ୍କୁ ଚିକିତ୍ସା ଯୋଗାଇ ଦିଆଯାଇଥିଲା । ହେଲେ ରାତି ପ୍ରାୟ ୧୧ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ଜିଲା ମଙ୍ଗଳ ଅଧିକାରୀ ସୀମାଞ୍ଚଳ ବେହେରାଙ୍କୁ ପଚାରିବାରୁ ଛାତ୍ରୀ ଜଣକ ଅନେକ ସମୟରେ ବିଦ୍ୟାଳୟକୁ ଆସୁ ନ ଥିଲେ । ଫଳରେ ତାଙ୍କ ବିଷୟରେ କୌଣସି ସୂଚନା ମିଳି ପାରି ନ ଥିଲା। ଘଟଣା ଜଣାପଡିବା ପରେ ଆମେ ପଦକ୍ଷେପ ନେଇଛୁ ବୋଲି ପ୍ରକାଶ କରିଛନ୍ତି।

### ଜଳିବାକୁ ଅମଙ୍ଗ ...

କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ରାବଣପୋଡ଼ି କାର୍ଯ୍ୟକ୍ରମରେ ଏ ପ୍ରକାର ବିଘ୍ନ ଦ୍ୱାରା ଧାମତରି ନଗରପାଳିକାର ଛବି କଳଙ୍କିତ ହୋଇଥିବା ମ୍ୟୁନିସିପାଲିଟି ପକ୍ଷରୁ କୁହାଯାଇଛି। ନଗରପାଳିକା କମିଶନର ବିଜୟ କୁମାର ଛୁଟିରେ ଥିବା କାରଣରୁ ରାଜେଶ ପଦମୱାର ମାମଲାର ଯାଞ୍ଚ କରୁଛନ୍ତି। ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସହ ଏ ନେଇ ଖର୍ଚ୍ଚ ନେଇ ହୋଇଥିବା ବିଲ୍ ପୈଠ କରାଯିବ ନାହିଁ ବୋଲି ଧାମତରି ମେୟର କହିଛନ୍ତି। ଲଘୁଚାପ କାରଣରୁ ଦଶହରା ସମୟରେ ଅନେକ ସ୍ଥାନରେ ବର୍ଷା ଲାଗି ରହିଥିଲା। ଏଥିଯୋଗୁ କିଛି ସ୍ଥାନରେ ରାବଣପୋଡ଼ି କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା। ବର୍ଷାରେ ଓଦା ହୋଇଯିବା କାରଣରୁ ରାବଣ ଦରପୋଡ଼ା ହୋଇ ରହିଥିବାର ମଧ୍ୟ ଦେଖିବାକୁ ମିଳିଛି।

### ପ୍ରକାଶ ପାଇଲା ଓସିଏସ୍ ...

ଓଏଏସ୍ ପରୀକ୍ଷା ଦେଇଥିଲି, କିନ୍ତୁ ପ୍ରିଲିମ୍‌ରୁ କଟିଥିଲି। ସେବେ ପରୀକ୍ଷା ବିଷୟରେ ଭଲ ଭାବେ ଜାଣି ନ ଥିଲି। ଦିଗ୍‌ଦର୍ଶନ ଦେବାକୁ ସେତେବେଳ ଭଲ ମେଣ୍ଟର ବି ମିଳି ନଥିଲେ। ପ୍ରାଣୀ ଚିକିତ୍ସକ ଭାବେ କାର୍ଯ୍ୟ କରୁଥିଲି। ଏହି ପରୀକ୍ଷା ପାଇଁ ଚାକିରି ଛାଡ଼ିଥିଲି। ଏହାପରେ ପରୀକ୍ଷା ପାଇଁ ଲାଗିପଡିଥିଲି । ଦ୍ୱିତୀୟ ଆଟେମ୍ପ୍‌ଟରେ କୃତକାର୍ଯ୍ୟ ହୋଇଛି। ଏଥିପାଇଁ ମୋ ପରିବାର ଲୋକେ ମୋତେ ବହୁତ ସହାୟତା କରିଛନ୍ତି । କଠିନ ପରିଶ୍ରମ ଦ୍ୱାରା ହିଁ ଏହା ସମ୍ଭବ ହୋଇପାରିଛି ।

**-ଶୁଭଙ୍କରୀ ସୁଦେଷ୍ଣା ଦାଶ**

ରେଜଲ୍ଟ ଭଲ ହେବ ବୋଲି ନିଶ୍ଚିତ ଥିଲି। କିନ୍ତୁ ତୃତୀୟ ସ୍ଥାନରେ ରହିବି ବୋଲି ଭାବି ନ ଥିଲି। ଏହା ମୋର ପ୍ରଥମ ଆଟେମ୍ପ୍‌ଟ ଥିଲା। ବୁର୍ଲାରୁ ଇଞ୍ଜିନିୟରିଂ ପରେ ଏବେ ମୁଁ ପିଏଚ୍.ଡି. କରୁଛି। କଠିନ ପରିଶ୍ରମ କରିବା ଆବଶ୍ୟକ । ସଫଳତା ନ ମିଳିଲେ ବି କେବେ ଭାଙ୍ଗି ପଡିବା ଉଚିତ ନୁହେଁ। ପ୍ରୟାସ ଜାରି ରଖିବା ଦରକାର। ଏହି ସଫଳତାର ଶ୍ରେୟ ପରିବାର ଲୋକଙ୍କୁ ଦେଉଛି।

**-ଅନନ୍ୟା ସୃଷ୍ଟି ଶତପଥୀ**

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୮ ଅକ୍ଟୋବର, ୨୦୨୨

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୫୭,୯୬,୦୨୬ | ୬୫,୫୮,୪୯୩ | ୬୦,୫୩,୯୦,୦୪୩ |
| ଭାରତ | ୪,୪୬,୦୬,୪୬୦ | ୫,୨୮,୭୫୪ | ୪,୪୦,୪୭,୩୪୪ |
| ଓଡ଼ିଶା | ୧୩,୩୪,୭୦୫ | ୯୧୯୯(+୫୩) | ୧୩,୨୪,୭୩୬ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି

- ୧୦ ଲକ୍ଷର ସୁନା ଅଳଙ୍କାର, ନଗଦ ଟଙ୍କା ଲୁଟ୍
- ଆତଙ୍କ ରଚିଲେ ୬ଜଣିଆ ବନ୍ଧୁକଧାରୀ ଗ୍ୟାଙ୍ଗ
- ଘଟଣାସ୍ଥଳରେ ଏସ୍‌ପି, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ

ପରଜଙ୍ଗ, ୭।୧୦(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗରେ ଗୁରୁବାର ସନ୍ଧ୍ୟାରେ ସଶସ୍ତ୍ର ଡକାୟତି ହୋଇଛି। ୬ଜଣିଆ ବନ୍ଧୁକଧାରୀ ଡକାୟତ ଦଳ ଜଣେ ବ୍ୟବସାୟୀଙ୍କ ଘରୁ ୧୦ ଲକ୍ଷର ସୁନାଗହଣା ଏବଂ ନଗଦ ଟଙ୍କା ଲୁଟି ନେଇଛନ୍ତି। ଥାନାଠାରୁ ଅନତିଦୂରରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ମାତ୍ର ୨୦ ମିନିଟ୍ ମଧ୍ୟରେ ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇବା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାସ୍ଥଳରେ ଏସ୍‌ପି ଏଲ୍. ଦିବ୍ୟା. ଭି ପହଞ୍ଚି ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି ରଖିଛି।

ଲୁଟ୍‌ର ଶିକାର ହୋଇଥିବା ଅଞ୍ଚଳର ପ୍ରତିଷ୍ଠିତ ଗ୍ରୋସେରି ବ୍ୟବସାୟୀ ବିନୟ କୁମାର ସାହୁ କହିଛନ୍ତି ଯେ, ସେ ସବୁଦିନ ରାତି ସାଢ଼େ ୮ଟାରେ ଦୋକାନ ବନ୍ଦ କରି ଘରକୁ ଆସିଥାଆନ୍ତି। ଗୁରୁବାର ସନ୍ଧ୍ୟାରେ ସେ ଦୋକାନରେ ଥିଲେ। ଘରେ ତାଙ୍କର ବୃଦ୍ଧା ମା’, ସ୍ତ୍ରୀ ଅନୁପମା, ଷଷ୍ଠ ଶ୍ରେଣୀରେ ପଢୁଥିବା ଝିଅ ସୁଶ୍ରୀ ପ୍ରଣିତା ଥିଲେ। ବଡ଼ପୁଅ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ମୁଖାଧାରୀ ଡକାୟତମାନେ ଘର ପାଚେରି ଡେଇଁ ଝରକା ଉପର ଦେଇ ଛାତକୁ ଚଢ଼ିଥିଲେ। ଶିଡ଼ି ଘର କବାଟ ଖୋଲାଥିବା ସୁଯୋଗ ନେଇ ସେମାନେ ସହଜରେ ଘର ଭିତରକୁ ପଶିଥିଲେ। ଅନୁପମା ଏବଂ ପ୍ରଣିତା ଲାପ୍‌ଟପ୍‌ରେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଏ ସମ୍ପର୍କରେ ସୁରାକ ପାଇପାରି ନ ଥିଲେ। ଅଭିଯୁକ୍ତମାନେ ଘରେ ପଶୁ ପଶୁ ଆତଙ୍କ ସୃଷ୍ଟି କରିଥିଲେ। ମାରଣାସ୍ତ୍ର, ବନ୍ଧୁକ ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରାଇବା ସହ ଖଟ ଓ ପଲଙ୍କକୁ ହାଣି ପକାଇଥିଲେ। ଏହାପରେ ସମସ୍ତଙ୍କୁ ଗୋଟିଏ ଘରେ


ଡକାୟତମାନେ ଘର ଭିତରେ ଭଙ୍ଗାରୁଜା କରିଛନ୍ତି।

ବନ୍ଦ କରିଦେଇଥିଲେ। ମୁଣ୍ଡରେ ବନ୍ଧୁକ ରଖି ଚିତ୍କାର ନ କରିବାକୁ ଚେତାବନୀ ଦେଇଥିଲେ। ଭୟଭୀତ ପରିବାର ଲୋକେ ଜୀବନ ବଞ୍ଚାଇବାକୁ ପଲଙ୍କ ତଳେ ସୁନାଗହଣା ଏବଂ ଟଙ୍କା ଥିବା କହିଥିଲେ। ଏହାପରେ ଏକ ଏୟାରବ୍ୟାଗ୍‌ରେ ସବୁତକ ଟଙ୍କା, ସୁନା ଅଳଙ୍କାର ଭର୍ତ୍ତି କରି ଅଭିଯୁକ୍ତମାନେ ଚମ୍ପଟ ମାରିଥିଲେ। ଯିବା ପୂର୍ବରୁ ଘରର ମୁଖ୍ୟ ଗେଟ୍‌ର ଚାବି ମାଗି ତାଲା ପକାଇ ଦେଇଥିଲେ। ମାତ୍ର ୨୦ ମିନିଟ୍ ମଧ୍ୟରେ ଏତେସବୁ କାଣ୍ଡ ଘଟିଥିବାବେଳେ ପାଖପଡ଼ୋଶୀ ଏହାର ସାମାନ୍ୟତମ ସୂଚନା ପାଇପାରି ନ ଥିଲେ। ଅପରପକ୍ଷେ ଘରେ ଥିବା ମୋବାଇଲ୍ ଫୋନ୍ ଖରାପ ହୋଇଯାଇଥିବାରୁ ଅନୁପମା ଏ ସମ୍ପର୍କରେ ସ୍ୱାମୀ ବିନୋଦଙ୍କୁ ସୂଚନା ଦେଇପାରି ନ ଥିଲେ।

ସୂଚନା ପାଇ ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ପ୍ରମୁଖ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ନମୁନା ସଂଗ୍ରହ କରିଥିବାବେଳେ ସନ୍ଧାନୀ କୁକୁର ସହାୟତାରେ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାକୁ ପୋଲିସ ଉଦ୍ୟମ କରିଥିଲା।

### ଚିହ୍ନା ପରିଚିତଙ୍କ ସମ୍ପୃକ୍ତି ସନ୍ଦେହ

ବ୍ୟବସାୟୀ ବିନୋଦ ସାହୁଙ୍କ ଘରେ ହୋଇଥିବା ସଶସ୍ତ୍ର ଡକାୟତି ଘଟଣାରେ କେହି ଜଣେ ଚିହ୍ନା ପରିଚିତଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଏହାର କାରଣ ବିନୋଦ ସବୁବେଳେ ସାଢ଼େ ୮ଟା ବେଳକୁ ଦୋକାନ ବନ୍ଦ କରୁଥିବାବେଳେ ଏହାର ପ୍ରାୟ ଘଣ୍ଟାଏ ପୂର୍ବରୁ ଡକାୟତି ଦଳ ଘରେ ପଶିଥିଲେ। ସେହିପରି ଶିଡ଼ି ଘର କବାଟ ଖୋଲାଥିବା ବିଷୟରେ ଅଭିଯୁକ୍ତମାନେ କିପରି ଜାଣିଲେ ତାହାକୁ ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି। ପୋଲିସ ଠିକ୍ ଭାବେ ତଦନ୍ତ କଲେ ଅଭିଯୁକ୍ତ ଧରାପଡ଼ିବେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ତେବେ ଏଥିରେ ବିଶେଷ ସଫଳତା ମିଳିନାହିଁ। ସେହିପରି ଘଟଣା ଅତି ସମ୍ବେଦନଶୀଳ ହୋଇଥିବାରୁ ସନ୍ଧ୍ୟାରେ ଏସ୍‌ପି ଏଲ୍. ଦିବ୍ୟା ଭି. ପହଞ୍ଚି ତନାଘନା କରିଛନ୍ତି। ପାରିପାର୍ଶ୍ୱିକ ଅବସ୍ଥା ଏବଂ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ପୋଲିସ ଛାନଭିନ ଆରମ୍ଭ କରିଛି।

## ୧୦ ବର୍ଷ ପରେ ବାସନ୍ଦ ଉଠିଲା

### ପୋଲିସ ପ୍ରଶାସନର ହସ୍ତକ୍ଷେପ

ଗଞ୍ଜାମ/ରମ୍ଭା, ୭।୧୦(ଡି.ଏନ.ଏ.)

ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ୧୦ ବର୍ଷ ପରେ ଗଞ୍ଜାମ ଜିଲାର ଏକ ପରିବାର ଉପରୁ ବାସନ୍ଦ ଉଠିଛି। ରମ୍ଭା ଥାନା ଅନ୍ତର୍ଗତ ଏଚ.ବୁରୁଡି ଗ୍ରାମର ହରିଶଙ୍କର ନାୟକ ପରିବାର ୨୦୧୨ ମସିହାରୁ ଗ୍ରାମବାସୀଙ୍କ ଦ୍ୱାରା ବାସନ୍ଦ ହୋଇ ରହିଥିଲେ। ଏ ନେଇ ରମ୍ଭା ଥାନା ଅଧିକାରୀ ସ୍ୱରୂପ କିଷନ ଉକ୍ତ ଗ୍ରାମରେ ବାରମ୍ବାର ବୈଠକ ଡକାଇ ଉକ୍ତ ଘଟଣାର ସମାଧାନ କରିଛନ୍ତି। ଉକ୍ତ ଗ୍ରାମରେ ୨୦୧୨ରେ ଏକ ହତ୍ୟାକାଣ୍ଡ ଘଟିଥିଲା। ଏହି ଘଟଣାରେ ହରିଶଙ୍କର ନାୟକଙ୍କ ପୁଅକୁ ଅଭିଯୁକ୍ତ କରାଯାଇଥିବା ବେଳେ ସେ ନ୍ୟାୟାଳୟରୁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ମଧ୍ୟ ତାଙ୍କ ପରିବାରକୁ ଉକ୍ତ ହତ୍ୟାକାଣ୍ଡ ଘଟଣାକୁ ନେଇ ବାସନ୍ଦ କରି ରଖାଯାଇଥିଲା।

## ସଂକ୍ଷେପରେ

### ଧାମନଗର ଉପନିର୍ବାଚନ ପୂର୍ବରୁ ବଦଳିଲେ ୨ ବିଡିଓ

**ଭଦ୍ରକ ଅଫିସ, ୭।୧୦:** ଭଦ୍ରକ ଜିଲା ଧାମନଗର ବିଧାନସଭା ଆସନ ଲାଗି ଉପନିର୍ବାଚନ ପୂର୍ବରୁ ନିର୍ବାଚନମଣ୍ଡଳୀ ଅଧୀନ ଧାମନଗର ଓ ତିହିଡ଼ି ବିଡିଓଙ୍କୁ ଶୁକ୍ରବାର ବଦଳି କରାଯାଇଛି। ଧାମନଗର ବିଡିଓ ଦୁର୍ଗା ଚରଣ ମୁର୍ମୁଙ୍କୁ ସୂଚନା ଓ ଲୋକ ସମ୍ପର୍କ ଏବଂ ତିହିଡ଼ି ବିଡିଓ ବସନ୍ତ କୁମାର ସାହାଣୀଙ୍କୁ ଜିଲା ଜନମଙ୍ଗଳ ବିଭାଗକୁ ବଦଳି କରାଯାଇଥିବା ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି। ସେହିପରି ଧାମନଗରରେ ନୂତନ ବିଡିଓ ଭାବେ କୋରାପୁଟ ଜିଲା ଲକ୍ଷ୍ମୀପୁର ତହସିଲଦାର ବନ ବିହାରୀ ଦିନ୍ଦା ଓ ତିହିଡ଼ିରେ କଳାହାଣ୍ଡି ଜିଲା କେସିଙ୍ଗା ତହସିଲଦାର ଜ୍ୟୋତିର୍ମୟ କର ଯୋଗଦେବେ।

### ଚୋରି ସାମଗ୍ରୀ ଜବତ, ଜଣେ ଗିରଫ

**କଣିହାଁ, ୭।୧୦(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଗହମ ଗ୍ରାମସ୍ଥିତ ଶିବାନନ୍ଦ ସେବାଶ୍ରମରୁ ଗତ ୩ ତାରିଖ ସୋମବାର ରାତିରେ ଏୟାର କଣ୍ଡିସନର, ଷ୍ଟାବିଲାଇଜର, ଗୃହ ନିର୍ମାଣ ନିମନ୍ତେ ଥିବା ଲୁହା ଛଡ, ପ୍ଲେଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ଆଶ୍ରମ ତରଫରୁ ସମଲ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଗହମ ଗ୍ରାମର ଭୁବନ ବେହେରାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ଘରୁ ସମସ୍ତ ଚୋରି ସାମଗ୍ରୀ ଜବତ କରାଯାଇଥିବା ସମଲ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନ ସୂଚନା ଦେଇଛନ୍ତି।

### ମା’ ବୁଢ଼ୀ ଠାକୁରାଣୀ ଯାତ୍ରାରେ ଦୁଲୁକୁଛି ଦିଗପହଣ୍ଡି

**ଦିଗପହଣ୍ଡି, ୭।୧୦(ଡି.ଏନ୍.ଏ.):** ଗଞ୍ଜାମ ଜିଲା ବଡ଼ଖେମୁଣ୍ଡି ତଥା ଦିଗପହଣ୍ଡି ସହରରେ ସ୍ନେହ ଶ୍ରଦ୍ଧା, ଆନନ୍ଦ ଉଲ୍ଲାସ ମଧ୍ୟରେ ଚାଲିଛି ମା’ ବୁଢ଼ୀ ଠାକୁରାଣୀଙ୍କ ଶାରଦୀୟ ଯାତ୍ରା ମହୋତ୍ସବ। ବିଶ୍ୱର କଲ୍ୟାଣ ଏବଂ ସହରବାସୀଙ୍କ ମଙ୍ଗଳ ବିଧାନ ନିମନ୍ତେ ଶାକ୍ତ ପରମ୍ପରା ଅନୁଯାୟୀ ମା’ଙ୍କ ପୂଜା ପାର୍ବଣ ଅସ୍ଥାୟୀ ଯାତ୍ରା ପୀଠରେ ଚାଲୁଛି। ପୂର୍ବରୁ ପ୍ରତିଦିନ ରାତିରେ ମା’ ବୁଢ଼ୀ ଠାକୁରାଣୀଙ୍କ ଘଟ ଶୋଭାଯାତ୍ରା ବିଭିନ୍ନ ସାହି ବସ୍ତି ପରିକ୍ରମା କରିସାରିଛି। ଶୁକ୍ରବାର ଯାତ୍ରାର ୭ମ ଦିବସ ବିତିଛି। ଘଟ ଶୋଭାଯାତ୍ରାର ଶେଷ ଦିନରେ ଦିଗପହଣ୍ଡି ସହର ସମେତ ଆଖପାଖ ଗ୍ରାମାଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ମା’ ବୁଢ଼ୀ ଠାକୁରାଣୀ ଯାତ୍ରା ପୀଠରୁ ବାହାରି ଜନତା ଲେନ, ରାଣୀ ସାହି, ବସ୍‌ଷ୍ଟାଣ୍ଡ ଲିଙ୍କ୍ ରୋଡ ଦେଇ ଆନନ୍ଦ ନଗର, ପୁରୁଣା ବସ୍‌ଷ୍ଟାଣ୍ଡ ଏବଂ ନୂଆ ବସଷ୍ଟାଣ୍ଡ ନିକଟରୁ ପୁଣି ଜନତା ଲେନ ଦେଇ ଯାତ୍ରା ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲା। ବସଷ୍ଟାଣ୍ଡ ବ୍ୟବସାୟୀ ସଂଘ ପକ୍ଷରୁ ପୂଜା ପାଇ ଆସୁଥିବା ଦୁର୍ଗା ମେଢ଼ ସହ ମା’ ବୁଢ଼ୀ ଠାକୁରାଣୀଙ୍କ ଭେଟ ପୂଜାର୍ଚ୍ଚନା, ବନ୍ଦାପନା କରାଯାଇଥିଲା। ବ୍ୟବସାୟୀ ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ଯାତ୍ରା ପୀଠକୁ ଯାଇ ବିଧି ମୁତାବକ ମା’ ବୁଢ଼ୀ ଠାକୁରାଣୀଙ୍କୁ ନିମନ୍ତ୍ରଣ କରିଥିଲେ। ବସଷ୍ଟାଣ୍ଡ ଦୁର୍ଗା ମେଢ଼ ନିକଟରେ ବହୁ ସଂଖ୍ୟକ ବ୍ୟବସାୟୀ ସମବେତ ହୋଇ ନୀତି ମୁତାବକ ମା’ଙ୍କୁ ଆବାହନ କରିଥିଲେ।

### ୧୩ରୁ ଯୁଜି, ୧୭ରୁ ପିଜି ପାଠପଢ଼ା

ଭୁବନେଶ୍ୱର, ୭।୧୦(ବ୍ୟୁରୋ): ୨୦୨୨-୨୩ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ଯୁକ୍ତ୩(ଯୁଜି) ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବ। ସେହିଭଳି ସ୍ନାତକୋତ୍ତର(ପିଜି) ପାଠପଢ଼ା ୧୭ ତାରିଖରୁ ଚାଲିବ। ଏ ନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗର ଯୁଗ୍ମ ସଚିବ ଧୀରେନ୍ଦ୍ର ନାଥ କର ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ, ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ହଷ୍ଟେଲରେ ସବୁ ପ୍ରକାର ସୁବିଧା ରଖିବା ପାଇଁ ମଧ କୁହାଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ଏହି ନିର୍ଦ୍ଦେଶକୁ ପାଳନ କରିପାରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ୨୦୨୨-୨୩ ଶିକ୍ଷା ବର୍ଷ ପାଇଁ ଉଭୟ ଯୁଜି ଏବଂ ପିଜି ନାମଲେଖା ସରିନାହିଁ। ଯୁଜିରେ ସିଟ୍ ବଳକା ପଡ଼ିଥିବାରୁ ପୁଣିଥରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିଭଳି ପିଜି ପାଠ୍ୟକ୍ରମରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଶେଷ ହୋଇଥିବାବେଳେ ସ୍ପଟ୍ ନାମଲେଖା ବାକି ରହିଛି। ଆସନ୍ତା ୧୦ ତାରିଖରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ଓ ୧୮ ତାରିଖରେ ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ଏହାପରେ ୧୯ ଓ ୨୦ ତାରିଖରେ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ।


କଟକର ଶିଳ୍ପୀ କୁମ୍ଭାରସାହି ଅଞ୍ଚଳରେ ଜଣେ ଶିଳ୍ପୀ ମା’ ଗଜଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ରଙ୍ଗ ଓ ତୂଳୀରେ ପୂର୍ଣ୍ଣାଙ୍ଗ ରୂପ ଦେଉଛନ୍ତି।

## ମାଓବାଦୀ ହିଂସା

# ବଢ଼ିଲା ଅନୁକମ୍ପା ରାଶି

### ଲୋକଙ୍କ ସହ ଯୋଡ଼ିହୋଇ ରହିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ମାଓବାଦୀ ଆକ୍ରମଣ କିମ୍ବା କୌଣସି ସନ୍ତ୍ରାସବାଦ କାର୍ଯ୍ୟକଳାପରେ ନିହତ ଯବାନ ଓ ସାଧାରଣ ଲୋକଙ୍କ ଆତ୍ମୀୟଙ୍କ ପାଇଁ ଅନୁକମ୍ପାମୂଳକ ସହାୟତା ରାଶି ବୃଦ୍ଧି କରାଯାଇଛି। ସୁରକ୍ଷା କର୍ମୀ କର୍ତ୍ତବ୍ୟ ସମ୍ପାଦନ ବେଳେ ଯଦି ମାଓବାଦୀ ଆକ୍ରମଣରେ ମୃତ୍ୟୁବରଣ କରନ୍ତି ତେବେ ସେମାନଙ୍କ ନିକଟତମ ଆତ୍ମୀୟଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପରିମାଣ ୨୦ରୁ ୪୦ ଲକ୍ଷକୁ ବୃଦ୍ଧି କରାଯାଇଛି। ସେହିପରି ଜଣେ ସାଧାରଣ ଲୋକ ମାଓବାଦୀ କାର୍ଯ୍ୟକଳାପରେ ମୃତ୍ୟୁବରଣ କଲେ ସେମାନଙ୍କ ନିକଟ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଉଥିବା ସହାୟତା ରାଶି ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଚଳିତ ବର୍ଷ ମାଓବାଦୀ କାର୍ଯ୍ୟକଳାପକୁ ପ୍ରତିହତ କରିବା ସକାଶେ ଆନୁଆଲ ୱାର୍କ ପ୍ଲାନ୍(ଏଡବ୍ଲ୍ୟୁପି) ବାବଦରେ ୮୫.୮୫ କୋଟି ଟଙ୍କା ଖର୍ଚ୍ଚ କରିବାକୁ ମଧ୍ୟ ଅନୁମୋଦନ କରାଯାଇଛି। ମାଓବାଦୀପ୍ରବଣ ଅଞ୍ଚଳଗୁଡ଼ିକରେ ଲୋକମାନଙ୍କର ବିଶ୍ୱାସଭାଜନ ହୋଇ ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପିଲାମାନଙ୍କର ଶିକ୍ଷା ଓ ବିକଳ୍ପ ଜୀବିକା ଦିଗରେ କାର୍ଯ୍ୟ କରି ଲୋକମାନଙ୍କର ବିଶ୍ୱସନୀୟତାକୁ ବଢ଼ାଇବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। କୋରାପୁଟ ଜିଲାର ସ୍ୱାଭିମାନ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣରେ ରହିଛି। ଏକଦା ଏହି ଅଞ୍ଚଳ ମାଓବାଦୀଙ୍କର ଗଡ଼ ଭାବେ ପରିଚିତ ଥିଲା। ବିକାଶମୂଳକ କାର୍ଯ୍ୟ ଯୋଗୁ ସେହି ଅଞ୍ଚଳ ମାଓବାଦୀ ମୁକ୍ତ ହୋଇପାରିବ। ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପକୁ ହ୍ରାସ କରିବା ପାଇଁ ୨୦୨୧-୨୨ରେ ୫୦.୫୬ କୋଟି ଟଙ୍କା ଥିବା ବେଳେ ଚଳିତ ବର୍ଷ ଏହାକୁ ୫୦% ଅଧିକ ବୃଦ୍ଧି କରାଯାଇଛି। ମାଓବାଦୀ କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ନିୟୋଜିତ ହୋଇଥିବା ସୁରକ୍ଷା କର୍ମୀମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଆଇଜି ଅପରେଶନ ଅମିତାଭ ଠାକୁର, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ଏବଂ ପୋଲିସ ଓ ଗୋଇନ୍ଦା ବିଭାଗର ବହୁ ଅଧିକାରୀ ଯୋଗ ଦେଇଥିଲେ।

# ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ବିଜ୍ଞପ୍ତି

- ୧୩ରୁ ୧୯ ଆବେଦନ
- ୨୭ରେ ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, ୭।୧୦(ବ୍ୟୁରୋ)

ରାଜ୍ୟର ଡିଗ୍ରୀ କଲେଜଗୁଡ଼ିକରେ ଯୁକ୍ତ୩ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଯୁକ୍ତ୨ ଭଳି ଯୁକ୍ତ୩ରେ ନାମଲେଖାଇବାରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କୁ ଆଉଥରେ ଆବେଦନ କରିବାକୁ ସୁଯୋଗ ଦେଇଛି ଉଚ୍ଚ ଶିକ୍ଷା ବିଭାଗ। ଏନେଇ ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନ୍‌ସିଲ ଚେୟାରମ୍ୟାନ ଏବଂ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଦିଆଯାଇଛି। ଏଥିସହ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମଧ୍ୟ ଗାଇଡ୍‌ଲାଇନ୍ ଜାରି ହୋଇଛି। ଯେଉଁ ଛାତ୍ରୀଛାତ୍ର ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ଚୟନ ହୋଇ ନାମ ଲେଖାଇଥିଲେ କିମ୍ବା ମନୋନୀତ ହୋଇ ମଧ୍ୟ ନାମ ଲେଖାଇ ନ ଥିଲେ, ଯେଉଁମାନେ ଆଦୌ ମନୋନୀତ ହୋଇ ନ ଥିଲେ ଏବଂ ବିଭିନ୍ନ କାରଣରୁ ଯେଉଁ ଛାତ୍ରୀଛାତ୍ରମାନେ ଆବେଦନ କରିପାରି ନ ଥିଲେ, ସେମାନେ ହିଁ ଏହି ପର୍ଯ୍ୟାୟ ପାଇଁ ଆବେଦନ କରିପାରିବେ। ଏହି ନାମଲେଖା ପାଇଁ ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୧୧ଟାରେ ସାମ୍ସ ପୋର୍ଟାଲରେ ଫର୍ମ ଉପଲବ୍ଧ ହେବ। ଏହି ସମୟଠାରୁ ୧୯ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଆବେଦନ କରିପାରିବେ। ୨୭ ତାରିଖ ଅପରାହ୍ନ ୨ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ୨୮, ୨୯ ଏବଂ ୩୧ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମଲେଖାଇବେ। ସେହିଭଳି ନଭେମ୍ବର ୭ ଅପରାହ୍ନ ୨ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ। ୯ରୁ ୧୧ ତାରିଖ ଅପରାହ୍ନ ୫ଟାରେ ଏହି ମନୋନୀତ ଛାତ୍ରୀଛାତ୍ର ନାମଲେଖାଇବେ।

ସୂଚନାଯୋଗ୍ୟ, ରାଜ୍ୟରେ ୧,୦୨୩ ଡିଗ୍ରୀ କଲେଜରେ ମୋଟ ୨,୫୨,୦୧୩ ସିଟ୍ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧,୬୧,୧୭୯ଜଣ ନାମଲେଖାଇଛନ୍ତି। ଏବେ ୯୦,୮୩୪ ସିଟ୍ ବଳକା ପଡ଼ିଛି। କଳାରେ ୪୦,୦୧୪ ସିଟ୍ ଖାଲି ପଡ଼ିଥିବାବେଳେ ଫିଜିକାଲ ସାଇନ୍ସରେ ୨୦,୮୪୫, ବାୟୋଲୋଜିକାଲ ସାଇନ୍ସରେ ୧୦,୮୬୩, ବାଣିଜ୍ୟରେ ୧୩,୭୦୪, ସେଲ୍ଫ ଫାଇନାନ୍ସିଂରେ ୬୯୮ ଏବଂ ସଂସ୍କୃତରେ ୪,୭୧୦ ସିଟ୍ ଖାଲି ପଡ଼ିଛି। ଏହିସବୁ ବଳକା ସିଟ୍‌ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ତେବେ ବର୍ତ୍ତମାନ ସୁଦ୍ଧା ୬୩ ପ୍ରତିଶତରୁ ଅଧିକ ସିଟ୍ ପୂରଣ ହୋଇଯାଇଥିବାରୁ ଶ୍ରେଣୀଗୃହ ପାଠପଢ଼ା ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି।

# ଶ୍ରୀମନ୍ଦିରରେ ନାବାଳକଙ୍କୁ ଯୌନ ନିର୍ଯାତନା

### ଜେଲ ଗଲେ ଅଭିଯୁକ୍ତ ଯାତ୍ରୀ ଗୁମାସ୍ତା

ପୁରୀ ଅଫିସ, ୭।୧୦

ଶ୍ରୀକ୍ଷେତ୍ରରେ ପୁଣି ଘଟିଛି ଲଜ୍ଜାଜନକ ଘଟଣା। ଶ୍ରୀମନ୍ଦିର ପରିସରରେ ଜଣେ ନାବାଳକ (୧୩)ଙ୍କୁ ଜଣେ ଯାତ୍ରୀ ଗୁମାସ୍ତା ଯୌନ ନିର୍ଯାତନା ଦେଇଥିବା ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ପୁରୀ ଟାଉନ ଥାନା ଅଧୀନ ହରଚଣ୍ଡୀ ସାହି ଲୋକନାଥ ରୋଡ୍ ଅଞ୍ଚଳର ସୁଦର୍ଶନ ମିଶ୍ର (୪୫)। ଏନେଇ ପୋଲିସ ଆଇପିସିର ଦଫା ୩୭୭/୫୧୧ ଓ ୧୦ ପୋକ୍ସୋ ଆଇନରେ ଏକ ମାମଲା (ନଂ. ୯୧/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଗତ ୫ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ପୂଜାପଣ୍ଡା ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ପରିସରରେ କିଛି ମାସ ହେବ ସମ୍ପୃକ୍ତ ନାବାଳକ ବେଦପାଠ ଶିକ୍ଷା ଲାଭ କରୁଥିଲେ। ଅଭିଯୁକ୍ତ ସୁଦର୍ଶନ ସମ୍ପୃକ୍ତ ନାବାଳକଙ୍କୁ ପ୍ରାୟ ଦେଢ଼ମାସ ହେଲା ଯୌନ ନିର୍ଯାତନା ଦେଇ ଆସୁଥିଲେ। ଲୋକଲଜ୍ଜା ଭୟରେ କାହାକୁ କିଛି ନ ଜଣାଇ ନାବାଳକ ଜଣକ ଚୁପ୍‌ଚାପ୍ ସବୁ ସହିଯାଉଥିଲେ। ଗତ ୪ତାରିଖ ଅପରାହ୍ନ ୧ଟାରେ ପୀଡ଼ିତ ନାବାଳକ ନୀଳାଦ୍ରି ବିହାର ମ୍ୟୁଜିୟମ ନିକଟରେ ଥିଲେ। ଅଭିଯୁକ୍ତ ସୁଦର୍ଶନ ସେଠାରେ ପହଞ୍ଚି ଜୋରଜବରଦସ୍ତ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇ ଯୌନ ନିର୍ଯାତନା ଦେଇଥିଲେ। ଏଥିରେ ନାବାଳକ ଅତିଷ୍ଠ ହୋଇ ସେହି ଦିନ ସନ୍ଧ୍ୟାରେ ସିଂହଦ୍ୱାର ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ତଦନ୍ତ କରି ଅଭିଯୁକ୍ତ ସୁଦର୍ଶନଙ୍କୁ ଗିରଫ କରିଥିଲା।

ଅନ୍ୟପକ୍ଷରେ ଯେଉଁ ଭକ୍ତ ଅସଦାଚରଣର ଶିକାର ହୁଅନ୍ତି, ସେମାନେ ପ୍ରାୟତଃ ବାହାରୁ ଆସିଥାନ୍ତି। ଥାନାରେ ଏତଲା ଦେବା ପରେ ସେମାନେ ଶ୍ରୀକ୍ଷେତ୍ରରୁ ଫେରିଯାଇଥାନ୍ତି। ତେଣୁ ଅଧିକାଂଶ ଘଟଣା ଲୋକଲୋଚନକୁ ଆସିପାରେ ନାହିଁ। ଏପରିକି କେତେକ ମାମଲାରେ ସାକ୍ଷ୍ୟ, ପ୍ରମାଣ ଅଭାବରୁ ଅଭିଯୁକ୍ତ ଖସିଯାଆନ୍ତି। ପୋଲିସ ଏସବୁ ଦିଗକୁ ନେଇ ଅଧିକ ତଦନ୍ତ ମଧ୍ୟ କରେନାହିଁ। ଫଳରେ ମାମଲାରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଏ। ଯଦି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଆନ୍ତା ତା’ ହେଲେ ଶ୍ରୀମନ୍ଦିର ଭଳି ପବିତ୍ର ସ୍ଥାନରେ ଏଭଳି କାଣ୍ଡ ଭିଆଇବାକୁ କେହି ସାହସ କରନ୍ତେ ନାହିଁ ବୋଲି ଅନେକେ ମତ ଦେଇଛନ୍ତି।




# ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର କମୁନାହିଁ



- ଗତବର୍ଷର ୭ ମାସ ତୁଳନାରେ ଏବର୍ଷ ୮.୧% ମୃତ୍ୟୁହାର ବଢ଼ିଛି
- ଗତ ଜୁଲାଇ ତୁଳନାରେ ଏବର୍ଷ ଜୁଲାଇରେ ୪.୧% ହ୍ରାସ
- ଗୋଟିଏ ମାସର ହ୍ରାସ ଦେଖି ଏସ୍‌ଟିଏ ଉତ୍ସାହିତ

ଭୁବନେଶ୍ୱର,୭।୧୦(ବ୍ୟୁରୋ)

ରାଜ୍ୟରେ ସଡ଼କ ଦୁର୍ଘଟଣା ଏବଂ ଏଥିଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇବାର ନାଁ ଧରୁନାହିଁ। ୨୦୨୧ ଜାନୁୟାରୀରୁ ଜୁଲାଇ ମଧ୍ୟରେ ଘଟିଥିବା ଦୁର୍ଘଟଣା ଏବଂ ମୃତ୍ୟୁ ସଂଖ୍ୟା ଦେଖିଲେ ସବୁଥିରେ ବୃଦ୍ଧି ଘଟିଛି। ସୁପ୍ରିମକୋର୍ଟ କମିଟିର ବାରମ୍ବାର ତାଗିଦ ଏବଂ ଯୋଜନା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ୨୦୨୧ ଜାନୁୟାରୀରେ ରାଜ୍ୟରେ ୧୧୦୪ ଦୁର୍ଘଟଣା ପଞ୍ଜୀକୃତ ହୋଇଥିବାବେଳେ ଏଥିଯୋଗୁ ୪୯୨ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୧ ଫେବୃୟାରୀରେ ୧୦୨୭ ଦୁର୍ଘଟଣା ଏବଂ ୪୬୬ ମୃତ୍ୟୁ, ମାର୍ଚ୍ଚରେ ୧୦୯୯ ଦୁର୍ଘଟଣା ଏବଂ ୫୧୨ ଜଣଙ୍କ ମୃତ୍ୟୁ, ଏପ୍ରିଲରେ ୮୭୦ ଦୁର୍ଘଟଣାରେ ୪୦୪ ଜଣଙ୍କ ମୃତ୍ୟୁ, ମେ ମାସରେ ୬୩୫ ଦୁର୍ଘଟଣା ଏବଂ ୨୯୫ ଜଣଙ୍କ ମୃତ୍ୟୁ, ଜୁନ୍‌ରେ ୮୨୬ ଦୁର୍ଘଟଣା ଏବଂ ୩୮୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଜୁଲାଇରେ ୮୪୮ ଦୁର୍ଘଟଣା ଏବଂ ୩୯୯ ଜଣଙ୍କ ମୃତ୍ୟୁ ଘଟିଛି। ଏହି ୭ ମାସରେ ୬,୪୦୯ ଦୁର୍ଘଟଣା ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଓ) ପକ୍ଷରୁ ପଞ୍ଜୀକୃତ କରାଯାଇଥିବାବେଳେ ଏଥିରେ ୨୯୫୪ ଜଣଙ୍କ ମୃତ୍ୟୁ ଘଟିଛି। ସେ ୨୦୨୨ରେ ଏହି ୭ ମାସକୁ ତୁଳନା କଲେ ମୋଟ ୬,୯୨୮ ଦୁର୍ଘଟଣା ଘଟିଥିବାବେଳେ ୩,୨୩୨ ଜଣଙ୍କ ମୃତ୍ୟୁ ଘଟିଛି। ଉଭୟ ବର୍ଷର ସମାନ ସମୟକୁ ତୁଳନା କଲେ ଦୁର୍ଘଟଣା ୮.୧ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ମୃତ୍ୟୁହାର ୯.୪୧% ବଢ଼ିଛି।

ଏହି ତଥ୍ୟକୁ ନେଇ ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ କହିଛନ୍ତି, ୨୦୨୨ର ଏପ୍ରିଲରୁ ଜୁନ୍ ସହିତ ୨୦୨୧ର ଏହି ସମୟ ସହିତ ତୁଳନା କରିବାପରେ ଜଣାପଡ଼ିଛି ଗତବର୍ଷ ତୁଳନାରେ ଏଥର ଦୁର୍ଘଟଣା ଏବଂ ମୃତ୍ୟୁହାର ବହୁ ବଢ଼ିଥିଲା। କୋଭିଡ୍ ଯୋଗୁ ଗତବର୍ଷ ଗାଡ଼ି ଚଳାଚଳ ନ ଥିବାରୁ ଏବର୍ଷ ଏହି ସମୟ ତୁଳନାରେ ଦୁର୍ଘଟଣା ଏବଂ ମୃତ୍ୟୁହାର ବହୁ ମାତ୍ରାରେ ବଢ଼ିଛି। ସେ ଆହୁରି କହିଛନ୍ତି, ୨୦୨୧-୨୨ ମଧ୍ୟରେ ସମୁଦାୟ ୨,୪୭,୯୪୫ ଇ-ଚାଲାଣ ଜାରି କରାଯାଇଛି। ଦୁର୍ଘଟଣା କମାଇବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ରାଜ୍ୟରେ ଏନ୍‌ଏଚ୍ ଏବଂ ଏସ୍‌ଏଚ୍‌ର ୩୦୫୯ କି.ମି.ର ଅଡିଟ୍ ସମାପ୍ତ ହୋଇସାରିଛି। ଆବଶ୍ୟକ ସଂଶୋଧନ ଲାଗି ହିତାଧିକାରୀଙ୍କ ନିକଟରେ ରିପୋର୍ଟ ଦାଖଲ କରାଯାଇଛି। ଆଗକୁ ଅତିରିକ୍ତ ୫ ହଜାର କିଲୋମିଟର ସଡ଼କ ଅଡିଟ୍ ପାଇଁ ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ସୁନ୍ଦରଗଡ଼ ଜିଲାରେ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟର କାର୍ଯ୍ୟକ୍ଷମ ହେବ। ଟ୍ରାଫିକ ଉଲ୍ଲଂଘକାରୀଙ୍କ ପାଇଁ ଏହି ଜିଲାରେ ଇ-ଚାଲାଣ ଜାରି କରିବାକୁ ସିସିଟିଭି ଫୁଟେଜ ଉପରେ ନଜର ରଖାଯିବ।






# ଚିନ୍ତାରେ ବାବୁ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତର ପୂର୍ବାଞ୍ଚଳରେ ନିଯୁକ୍ତ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ଓ ଭତ୍ତାଗୁଡ଼ିକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିନେଇଛନ୍ତି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ଏ ସଂକ୍ରାନ୍ତରେ ସବୁ ରାଜ୍ୟର ମୁଖ୍ୟ ସଚିବଙ୍କ ନିକଟକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଉତ୍ତର ପୂର୍ବାଞ୍ଚଳରେ ନିଯୁକ୍ତ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀମାନଙ୍କୁ ଦିଆଯାଇଥିବା ଅତିରିକ୍ତ ୨୫% ବେସିକ୍ ପେ ସହିତ ଅନ୍ୟସବୁ ପ୍ରୋତ୍ସାହନ ପ୍ରତ୍ୟାହାର ହେବ ଓ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଉକ୍ତ ନିର୍ଦ୍ଦେଶରେ ସୂଚିତ କରାଯାଇଛି। ଜଣାପଡ଼ିଛି ଯେ, ଆସାମ-ମେଘାଳୟ ଜଏଣ୍ଟ କ୍ୟାଡର, ସିକିମ, ନାଗାଲାଣ୍ଡ, ତ୍ରିପୁରା ଏବଂ ମଣିପୁର କ୍ୟାଡର ଅଧୀନରେ ରହିଥିବା ଆଇଏଏସ୍ ,ଆଇପିଏସ୍ ଏବଂ ଆଇଏଫ୍ଏସ୍ (ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ୍) ଅଧିକାରୀମାନଙ୍କ ପାଇଁ ୨୦୦୯ରେ ୟୁପିଏ ସରକାରଙ୍କ ଦ୍ୱାରା ଅତିରିକ୍ତ ଆର୍ଥିକ ଭତ୍ତା ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ପୁନଶ୍ଚ ନର୍ଥଇଷ୍ଟ କ୍ୟାଡର ଅଧୀନରେ ଥିବା ଟ୍ରାଇବାଲ ଅଲ୍ ଇଣ୍ଡିଆ ସର୍ଭିସ ଅଧିକାରୀମାନେ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ଥିବାବେଳେ ସେମାନଙ୍କୁ ପ୍ରଦାନ କରାଯାଉଥିବା ଦେୟଯୋଗ୍ୟ ଆୟକରର ପ୍ରତିପୂର୍ତ୍ତି ପ୍ରୋତ୍ସାହନକୁ ମଧ୍ୟ ପ୍ରତ୍ୟାହାର କରାଯାଇଛି। ଏହା ସହ ୨୦୦୭ରେ ଅବସର ପରେ ସେମାନଙ୍କ ପାଇଁ ଆରମ୍ଭ କରାଯାଇଥିବା ଗୃହ ସୁବିଧାକୁ ବି ପ୍ରତ୍ୟାହାର କରାଯାଇଛି। ଏହି ନିର୍ଦ୍ଦେଶରେ ପ୍ରଭାବିତ ବାବୁମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ସେମାନେ କହିଛନ୍ତି ଯେ,ଏହି ଅଞ୍ଚଳରେ ଅଧିକାରୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ବିଚାରକୁ ନ ନେଇ ସରକାର ଏଭଳି ନିର୍ଦ୍ଦେଶ ଜାରି କରିଛନ୍ତି। ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ ସାଙ୍ଗମା କେନ୍ଦ୍ର ସରକାରଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରି ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା ଲାଗି କହିବେ ବୋଲି କହିଛନ୍ତି। ବାବୁମାନେ ମଧ୍ୟ ସେମାନଙ୍କ ତରଫରୁ ପ୍ରତିନିଧିମାନଙ୍କୁ କେନ୍ଦ୍ରକୁ ପଠାଇ ଉକ୍ତ ନିର୍ଦ୍ଦେଶକୁ ରଦ୍ଦ କରିବାକୁ ଦାବି କରିବା ଲାଗି ଯୋଜନା କରୁଛନ୍ତି।

### ବିବାଦୀୟ ପଦୋନ୍ନତି

ହରିୟାଣାରେ ଆଇପିଏସ୍ ଅଧିକାରୀମାନଙ୍କ ପଦୋନ୍ନତିକୁ ନେଇ କଡ଼ା ସମାଲୋଚନାର ସ୍ୱର ଉଠିଛି। ଏହି ସ୍ଥିତିରେ ମନୋହରଲାଲ ଖଟ୍ଟର ସରକାର ରାଜ୍ୟରେ ଆଇପିଏସ୍ ଅଧିକାରୀଙ୍କ କ୍ୟାଡର ମ୍ୟାନେଜ୍‌ମେଣ୍ଟର ସମୀକ୍ଷା କରିବା ପାଇଁ ଏକ କମିଟି ଗଠନ କରିଛନ୍ତି। ଗୃହ ସଚିବ ବିନୟ ସିଂଙ୍କ ନେତୃତ୍ୱରେ ଗଠିତ ଉକ୍ତ କମିଟିରେ ରାଜ୍ୟ ଆଇନ ବିଭାଗର ଦୁଇ ଜଣ ଅଧିକାରୀ ସାମିଲ ହୋଇଛନ୍ତି। ମେ'ପ୍ରାରମ୍ଭରେ ଯେତେବେଳେ ୪ ଜଣ ଆଇଜିପି ର୍‍ୟାଙ୍କ ଅଧିକାରୀଙ୍କୁ ଅତିରିକ୍ତ ଡିଜିପି ର୍‍ୟାଙ୍କକୁ ପଦୋନ୍ନତି ଦିଆଗଲା ସେତେବେଳେ ଭିତରେ କୁହୁଳୁଥିବା ପ୍ରସଙ୍ଗଟି ସମ୍ପୂର୍ଣ୍ଣ ଲୋକଲୋଚନକୁ ଆସିଗଲା। ରାଜ୍ୟରେ କେବଳ ୧୪ଟି ପଦବୀ ଏଡିଜିପି ର୍‍ୟାଙ୍କ ଲାଗି ଉଦ୍ଦିଷ୍ଟ ଥିବାବେଳେ ଉକ୍ତ ପଦୋନ୍ନତି ଯୋଗୁ ଏଡିଜିପିଙ୍କ ସଂଖ୍ୟା ୧୭କୁ ବୃଦ୍ଧିପାଇଲା। ଉଦ୍ଦିଷ୍ଟ ୧୪ଟି ପଦବୀ ମଧ୍ୟରୁ ୬ଟି ହେଉଛି କ୍ୟାଡର ପଦବୀ ଓ ଅନ୍ୟସବୁ ଅଣ କ୍ୟାଡରର। ଏଣୁ ଅଭାବ ପୂରଣ କରିବା ଲାଗି ୪ଟି ଅଣ କ୍ୟାଡର ଡିଜିପି ପଦବୀକୁ ଏଡିଜିପିକୁ ପରିବର୍ତ୍ତନ କରିବା ପାଇଁ ହରିୟାଣା ପୋଲିସ ଜୋର୍ ଦେଇଛି। ସୂତ୍ରରୁ ପ୍ରକାଶ, ଭବିଷ୍ୟତରେ ଉଭୟ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କ ପଦୋନ୍ନତି ସକାଶେ ଏକ ନ୍ୟାୟସଙ୍ଗତ ପଦକ୍ଷେପ ଗ୍ରହଣ କରିବାକୁ ଖଟ୍ଟର ଚାହିଁଛନ୍ତି। ଏବେ ରାଜ୍ୟ ସରକାର ୧୯୯୨ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଅରୁଣ କୁମାର ଗୁପ୍ତାଙ୍କୁ ପ୍ରମୁଖ ସଚିବ ପଦବୀରୁ ଅତିରିକ୍ତ ମୁଖ୍ୟ ସଚିବକୁ ପଦୋନ୍ନତି ଦେଇଛନ୍ତି। ଏହାପରେ ପୋଲିସ ଅଧିକାରୀମାନେ ବର୍ତ୍ତମାନ ୧୯୯୧ ବ୍ୟାଚ୍ ଅଧିକାରୀମାନଙ୍କୁ ଡିଜିପି ର୍‍ୟାଙ୍କକୁ ପଦୋନ୍ନତି ଦେବା ଲାଗି ଦାବି କରୁଛନ୍ତି। ବିନୟ ସିଂ କମିଟି ଏହି ସବୁ ପ୍ରସଙ୍ଗ ଅନୁଧ୍ୟାନ କରି ଉକ୍ତ ବିବାଦୀୟ ସମସ୍ୟାର ସମାଧାନର ବାଟ ବତାଇବ।

### ନୂଆ ସିଡିଏସ୍, ନୂଆ ଆହ୍ୱାନ

ଗତବର୍ଷ ହେଲିକପ୍ଟର ଦୁର୍ଘଟଣାରେ ପୂର୍ବତନ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ବିପିନ ରାୱତଙ୍କ ମୃତ୍ୟୁ ହୋଇଥିଲା। ଏହି ପଦବୀ ୯ମାସରୁ ଊର୍ଦ୍ଧ୍ୱ ହେବ ଖାଲି ରହିବା ପରେ ମୋଦି ସରକାର ଭାରତର ଦ୍ୱିତୀୟ ସିଡିଏସ୍ ଭାବେ ଜେନେରାଲ ଅନିଲ ଚୌହାନଙ୍କୁ ନିଯୁକ୍ତ କରିଛନ୍ତି। ସରକାରଙ୍କ ତତ୍‌କ୍ଷଣାତ ଘୋଷଣା ଦ୍ୱାରା ରାୱତଙ୍କ ପରେ ଏହି ପଦବୀର ଉତ୍ତରାଧିକାରୀକୁ ନେଇ ଉଠିଥିବା ଗୁଞ୍ଜରଣ ଥମିଯାଇଛି। ଚୌହାନ ମିଲିଟାରି ବ୍ୟାପାର ବିଭାଗର ସଚିବ ଏବଂ ଚିଫ୍ ଅଫ ଷ୍ଟାଫ କମିଟିର ସ୍ଥାୟୀ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିବେ। ସମ୍ଭବତଃ ଏହା ଏକ ସଂଯୋଗ ଯେ, ଜେନେରାଲ ଚୌହାନ ଜେନେରାଲ ରାୱତଙ୍କ ୟୁନିଟ୍‌ରୁ ଆସିଛନ୍ତି ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଘନିଷ୍ଠ ବୋଲି କୁହାଯାଉଛି। ଏହା ବ୍ୟତୀତ ଚୌହାନ, ରାୱତ ଓ ଡୋଭାଲ ତିନିହେଁ ଗଡୱାଲ ଅଞ୍ଚଳରୁ ଆସିଛନ୍ତି। ଏହା ପୂର୍ବରୁ ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ(ଡିଜିଏମ୍ଓ) ଏବଂ ଆର୍ମି କମାଣ୍ଡର, ଇଷ୍ଟର୍ନ କମାଣ୍ଡ ଭାବେ ଚୌହାନଙ୍କ ଭୂମିକାରେ ସରକାରଙ୍କ ରାଜନୈତିକ ଦୃଷ୍ଟିକୋଣ ପ୍ରତିଫଳିତ ହୋଇଥିବା କୁହାଯାଏ। ଏବେ ସେ ତିନି ସେନାରେ ସୈନ୍ୟ ଭର୍ତ୍ତି କରିବା ପାଇଁ ସରକାରଙ୍କ ବିବାଦୀୟ ଅଗ୍ନିପଥ ନୀତିକୁ ଲାଗୁ କରିବା ଲାଗି ସୁଯୋଗ ପାଇଛନ୍ତି। ଏହି ଗୋଟିଏ ନୁହେଁ, ଆଗକୁ ଅନେକ ଆହ୍ୱାନ ତାଙ୍କୁ ସାମ୍ନା କରିବାକୁ ପଡ଼ିବ। ସବୁଠୁ ବଡ଼ ପ୍ରଶ୍ନ ହେଉଛି, ପୂର୍ବବର୍ତ୍ତୀ ସୁଧାର ପ୍ରତି ସେ କେତେ ଗୁରୁତ୍ୱ ଦେବେ ଏବଂ କ'ଣ ସବୁ ନୂଆ କରିବେ ତାହା ଆମେ ଖୁବ୍ ଶୀଘ୍ର ଜାଣିପାରିବା।

Email: dilipcherian@gmail.com

# ସମ୍ପର୍କର ଫାନ୍ଦ ଓ ସୂକ୍ଷ୍ମ ଜଗତ




ଡ. ଗୌରୀଶଙ୍କର ସାହୁ

ଆମେ ମିଲିମିଟରର ହଜାର ଭାଗରୁ ଭାଗେ ଏବଂ ତା'ଠାରୁ କ୍ଷୁଦ୍ର କଣିକା ଦୁନିଆକୁ ଗଲେ ସେମାନଙ୍କ ସ୍ୱରୂପ, ସ୍ଥିତି ଓ ଗତିକୁ ବୁଝିବା ପାଇଁ ସୂକ୍ଷ୍ମଜଗତ ପାଇଁ ଉଦ୍ଦିଷ୍ଟ ନୀତିନିୟମ ମାନିବାକୁ ହେବ। ପାରମ୍ପରିକ ସ୍ଥୂଳଜଗତରେ ସ୍ଥିତି ଓ ଗତି ନିଉଟନ୍‌ଙ୍କ ଗତି ସମୀକରଣ ଓ ଅନ୍ୟାନ୍ୟ ପାରମ୍ପରିକ ନିୟମ ଦ୍ୱାରା ନିୟନ୍ତ୍ରିତ ହେଉଥିବାବେଳେ ଅଣୁ-ପରମାଣୁ-କଣିକାଗୁଡ଼ିକ ସୂକ୍ଷ୍ମଜଗତ, କ୍ୱାଣ୍ଟମ୍ ତତ୍ତ୍ୱ ଦ୍ୱାରା ପରିଚାଳିତ ହୋଇଥାଏ। ଏ ଦୁଇ ଦୁନିଆ ବିଷୟରେ ଲେଖକ ଡ. ସହଦେବ ସାହୁ ୩ ଅକ୍ଟୋବରରେ ଏହି ସ୍ତମ୍ଭରେ ବିସ୍ତୃତଭାବେ ବର୍ଣ୍ଣନା କରିଥିଲେ।

ଜଗତରେ କଣିକା ଓ ତରଙ୍ଗ ଏହିପରି ଦୁଇପ୍ରକାର ପଦାର୍ଥ ଦେଖାଯାଏ। ଏହାସହ ଆଲୋକପେଟିକା, ଯାହା ଉଭୟ କଣିକା ଓ ତରଙ୍ଗ ଗୁଣଯୁକ୍ତ। ବସ୍ତୁ ଗୋଟିଏ ସମୟରେ ଗୋଟିଏ ସ୍ଥାନରେ ରହିବ, ଭିନ୍ନ ଭିନ୍ନ ସ୍ଥାନରେ ରହିପାରିବ ନାହିଁ। ସ୍ଥୂଳଜଗତ କଣିକାଗୁଡ଼ିକ ସମାହାରରେ ଗଠିତ ବସ୍ତୁଗୁଡ଼ିକ ସ୍ଥିତି ଓ ଗତିର ଗାଥା। ସୂକ୍ଷ୍ମଜଗତ ବ୍ୟକ୍ତ ହୁଏ ତରଙ୍ଗ ଧର୍ମ (ୱେଭ୍ ଫଙ୍କ୍‌ଶନ୍) ମାଧ୍ୟମରେ, କ୍ୱାଣ୍ଟମ ନିୟମରେ। କ୍ୱାଣ୍ଟମ୍ ନିୟମ ମୁତାବକ ଗୋଟିଏ ତରଙ୍ଗ ଧର୍ମ ଦୁଇଟି କଣିକାର ପ୍ରତିନିଧି ହୋଇପାରେ, କଣିକା ଦୁଇଟି ପରସ୍ପରଠାରୁ ଯେତେ ଦୂରରେ ଥାଆନ୍ତୁ ନା କାହିଁକି। ଅଧାରୋପଣ (ସୁପରପୋଜିଶନ୍), ତ ଗୋଟିଏ କଣିକା ଏକ ସମୟରେ ଦୁଇଟି ଭିନ୍ନ ଅବସ୍ଥାରେ ରହୁଥିବା ଦର୍ଶାଇଥାଏ।

ସ୍ଥୂଳଜଗତର ଅବଧାରଣା ସ୍ଥାନୀୟତା ଓ କାର୍ଯ୍ୟ-କାରଣ ମନମସ୍ତିଷ୍କରେ ବସା ବାନ୍ଧିଥିବା ଯାଏ ଏହାକୁ ବୁଝିବା କାଠିକାର ପାଠ। ଆଲବର୍ଟ ଆଇନ୍‌ଷ୍ଟାଇନ୍ ମୂଳରୁ କ୍ୱାଣ୍ଟମ୍ ତତ୍ତ୍ୱକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ। ପରସ୍ପର ସହ ଅସଂଲଗ୍ନ ଦୁଇଟି କଣିକା ମଧ୍ୟରେ ସମ୍ପର୍କର ସେତୁ ରହିପାରିବ, ଗୋଟିକରେ ପରିବର୍ତ୍ତନ ଅନ୍ୟଟିକୁ ପ୍ରଭାବିତ କରିପାରିବ, ଏ କଥା- କ୍ୱାଣ୍ଟମ ତତ୍ତ୍ୱର ଦ୍ରଷ୍ଟା ସ୍ରୋଡିଞ୍ଜର ଓ ସମାଲୋଚକ ଆଇନ୍‌ଷ୍ଟାଇନ୍ ଉଭୟଙ୍କୁ ଆନ୍ଦୋଳିତ କରିଥିଲା। ଅସଂଲଗ୍ନ ଅର୍ଥ ନା ପରସ୍ପରକୁ ଲାଗି ରହିଥିବେ, ନା କୌଣସି କ୍ଷେତ୍ର ଯେମିତିକି ମାଧ୍ୟାକର୍ଷଣ, ବିଦ୍ୟୁତ ଚୁମ୍ବକୀୟ ପ୍ରଭୃତି ଦ୍ୱାରା ପରସ୍ପର ସହ ସଂଲଗ୍ନ ହୋଇଥିବେ। ଆଇନ୍‌ଷ୍ଟାଇନ୍, ବୋରିସ୍ ପୋଡାଲସ୍କି ଓ ନାଥନ୍ ରୋଜେନ୍ (୧୯୩୫) କହିଲେ କ୍ୱାଣ୍ଟମ୍ ତତ୍ତ୍ୱରେ କେତେକ ଲୁକ୍କାୟିତ ଚଳରାଶି (ହିଡ଼େନ୍ ଭାରିଏବ୍ଲ)ର ଉପସ୍ଥିତି ଦ୍ୱାରା ହିଁ ଏହିପରି ଅଦ୍ଭୁତ ଅବସ୍ଥାକୁ ବୁଝାଇହେବ (ଏହା ଇ.ପି.ଆର୍. ପ୍ରମାଦ ନାମରେ ପ୍ରସିଦ୍ଧ)। ଏକତ୍ୱ (ଏନ୍‌ଟାଙ୍ଗଲମେଣ୍ଟ)କୁ ଅବାସ୍ତବ କହି ଆଜକୁ ୯୦ ବର୍ଷ ତଳେ ଆଇନ୍‌ଷ୍ଟାଇନ୍, କ୍ୱାଣ୍ଟମ୍ ତତ୍ତ୍ୱକୁ କାଠଗଡ଼ାରେ ଠିଆକରି ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ପ୍ରଚେଷ୍ଟା କରିଥିଲେ। ସେ କହିଥିଲେ, ତମେ ଜହ୍ନକୁ ଦେଖୁନାହଁ ବୋଲି କ'ଣ ଜହ୍ନ ନାହିଁ? ଗୋଟିଏ ନର୍ତ୍ତକୀ ନାଚୁଥିବାବେଳେ ତା'ର ପଦପାତ ଓ ଅଙ୍ଗଭଙ୍ଗୀ ପୂର୍ବରୁ ଦର୍ଶକ ଗ୍ୟାଲେରିରେ ବସିଥିବା ଆଉ ଜଣେ ନର୍ତ୍ତକୀ ଏହାର ସମ୍ପୂର୍ଣ୍ଣ ଠିକ୍ ପୂର୍ବାନୁମାନକରି ନିଜ ଅଙ୍ଗଭଙ୍ଗୀରେ ତାହା ପ୍ରଦର୍ଶିତ କରିଥାଏ। ବହୁଦୂରରେ ଥାଇ ପୂର୍ବାନୁମାନ, ତାତ୍କାଳିକ ନୁହେଁ ବରଂ ଅତୀତର ଅଭିଜ୍ଞତାର ଇତିବୃତ୍ତ। ଆଲିସ୍ ଓ ବବ୍ ଦୁଇବନ୍ଧୁଙ୍କ ପାଖକୁ ଦୁଇଟି ଭିନ୍ନରଙ୍ଗର ପେଣ୍ଡୁ ଫୋପାଡିଲେ କିଏ କେଉଁ ବଲ୍‌ଟି ପାଇବ ତାହା ଆଲୋକ କାହାଳୀ (ଲାଇଟ୍ କୋନ୍) ଦ୍ୱାରା ପୂର୍ବନିର୍ଦ୍ଧାରିତ; ଆଲିସ୍ ଗୋଟିଏ ରଙ୍ଗର ବଲ୍ ଧରିବା ପରେ ସେହି ସୂଚନା, ସଙ୍କେତ ଭାବେ ବବ୍ ପାଖରେ ପହଞ୍ଚେ ଓ ଏହି ସଙ୍କେତର ପ୍ରତୀକ ସେହି ଲୁକ୍କାୟିତ ଚଳରାଶି, ଯାହା ଆମ ପାଇଁ ଅବୋଧ, ଅଦୃଶ୍ୟ। ୧୯୬୪ରେ ଆୟର୍‌ଲାଣ୍ଡର ବୈଜ୍ଞାନିକ ଜନ୍ ଷ୍ଟୁଆର୍ଟ ବେଲ୍ ଉପପାଦ୍ୟ ଦ୍ୱାରା ପ୍ରମାଣିତ କଲେ ଯେ କ୍ୱାଣ୍ଟମ୍ ତତ୍ତ୍ୱର ସମସ୍ତ ସାଂଖ୍ୟିକ ପୂର୍ବାନୁମାନ ମଧ୍ୟରୁ କେବଳ ସେତିକି ଦେଖିହେବ ଯାହା ସ୍ଥାନୀୟ ଲୁକ୍କାୟିତ ଚଳରାଶିମାନଙ୍କ ନିଗମନ ଦ୍ୱାରା ସମ୍ଭବ। ଏହା ବେଲ୍‌ଙ୍କ ଅସମତା (ଇନ୍‌ଇକ୍ୱାଲିଟି)ଭାବେ ପ୍ରସିଦ୍ଧ। ଏହି ଆବିଷ୍କାର ଗ୍ରହଣୀୟହେବା ଅସମ୍ଭବ ଭାବି ସେ ନିଜ କାର୍ଯ୍ୟକ୍ଷେତ୍ର ସ୍ୱର୍ଣ୍ଣ ଗବେଷଣାଗାରର ବୈଜ୍ଞାନିକମାନଙ୍କୁ ବହୁବର୍ଷ ପର୍ଯ୍ୟନ୍ତ ଏ କଥା ଜଣାଇ ନ ଥିଲେ ଓ ଲେଖାଟିକୁ ଛାପିଥିଲେ ଅନାମଧେୟ 'ଫିଜିକ୍ସ' ପତ୍ରିକାରେ। ଆଇନ୍‌ଷ୍ଟାଇନ୍ ଓ ସାଥିମାନଙ୍କ ଅବଧାରଣାକୁ ଦୃଢ଼ୀଭୂତ କରିବା ପାଇଁ ଚେଷ୍ଟା କରିଥିଲା, ବେଲ୍‌ଙ୍କ ଉପପାଦ୍ୟ- "ଆମ ଅଗୋଚରରେ କିଛି ଗୋଟିଏ ଘଟୁଛି, ଯାହା ଆଲୋକଠାରୁ ଅଧିକ ବେଗରେ ଗତିର ସ୍ୱାକ୍ଷର ବହନ କରୁଛି।"



ମାର୍କିନ୍ ଗବେଷକ କ୍ଲାଉଜର, ଷ୍ଟୁଆର୍ଟ ଫ୍ରିଡ୍‌ମ୍ୟାନଙ୍କ ସହ ମିଶି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପଦାର୍ଥବିଜ୍ଞାନ ବିଭାଗରେ ପଡ଼ିଥିବା ଅବ୍ୟବହୃତ ଓ ବର୍ଜ୍ୟ ଯନ୍ତ୍ରାଂଶରୁ ବୈଜ୍ଞାନିକ ଉପକରଣଟିଏ ଗଢ଼ି ବେଲ୍‌ଙ୍କ ଅସମତା, ଠିକ୍ କି ନୁହେଁ ପରୀକ୍ଷା କଲେ। ସେ କାଲ୍‌ସିୟମ୍ ପରମାଣୁରୁ ନିର୍ଗତ ଫାନ୍ଦରେ ପଡ଼ିଥିବା ଦୁଇଟି ଆଲୋକପେଟିକା (ଏନ୍‌ଟାଙ୍ଗଲଡ୍ ଫୋଟୋନ୍)କୁ ଉତ୍ସର ଦୁଇ ବିପରୀତ ଦିଗକୁ ଛାଡ଼ିଲେ। ହରରଙ୍ଗୀ କାଚପରି ପାର୍ଶ୍ୱିକରଣ ଚାଲୁଣି (ଫିଲ୍‌ଟର) ଦେଇ ପ୍ରଥମ ଆଲୋକ ପେଟିକା ସୂଚକଯନ୍ତ୍ରରେ ପହଁଚିବା ବେଳକୁ ମାପରୁ ଜଣାପଡ଼ିଲା ତା'ର ଗୋଟିଏ ପାର୍ଶ୍ୱୀକୃତ ଅବସ୍ଥା। ଦୁଇପାଖର ଥିବା ସୂଚକଯନ୍ତ୍ର ମଧ୍ୟରେ ଥିବା ଚାଲୁଣିର ଉପସ୍ଥିତି ଯୋଗୁ ଗୋଟିଏ ସୂଚକଯନ୍ତ୍ରରୁ ଆରଟିକୁ ସୂଚନା ବା ସଙ୍କେତ ଯିବା ଅସମ୍ଭବ। ଆରମୁଣ୍ଡରେ ଥିବା ସୂଚକଯନ୍ତ୍ର ଜଣାଇଲା ଭିନ୍ନ ପାର୍ଶ୍ୱୀକୃତ ଅବସ୍ଥାଯୁକ୍ତ ଦ୍ୱିତୀୟ ଆଲୋକପେଟିକାର ଅବସ୍ଥିତି। ଅର୍ଥାତ୍ ସଙ୍କେତ ସଞ୍ଚରଣ ନୁହେଁ ବା କୌଣସି ପୂର୍ବ ନିର୍ଦ୍ଧାରିତ ଲୁକ୍କାୟିତ ସୂଚନା ନୁହେଁ ବରଂ ସହସମ୍ପର୍କ ଯୋଗୁ ଗୋଟିଏ ଆଲୋକପେଟିକାର ସ୍ଥିତି ଓ ସ୍ୱରୂପ ଆରଟିର ଗୁଣ, ଧର୍ମକୁ ପ୍ରଭାବିତ କରୁଛି- ଏହା ପ୍ରମାଣିତ ହେଲା। ହେଲେ ସନ୍ଦେହଟିଏ ରହିଗଲା- ପରୀକ୍ଷଣର ଅନ୍ତର୍ନିହିତ ଦୋଷତ୍ରୁଟି ଯୋଗୁ ଆମେ ଯାହା ଦେଖୁଛୁ ତାହା କେବଳ ଏକ ମାୟାଜାଲ ନୁହେଁ ତ ? ଫରାସୀ ଗବେଷକ ଆଲେନ୍ ଆସ୍ପେକ୍ଟ ଏହି ଅବିଶ୍ୱାସର ସତ୍ୟାସତ୍ୟ ପରୀକ୍ଷଣ ପାଇଁ ଘୂର୍ଣ୍ଣନ ପାଇଁ ସକ୍ଷମ ଚାଲୁଣି ନେଇ ପରୀକ୍ଷାକଲେ। ଗୋଟିଏ ପଟର ଚାଲୁଣି କିପରି ଘୂରୁଛି ଆରପାଖ ଚାଲୁଣି ବା କଣିକା ଜାଣିପାରିବ ନାହିଁ। ତେଣୁ ସୂଚକଯନ୍ତ୍ରର ସୂଚନା ଏହାଦ୍ୱାରା ପ୍ରଭାବିତ ହେବନାହିଁ। କିନ୍ତୁ ଗୋଟିଏ ପଟ ଚାଲୁଣିର ଘୂର୍ଣ୍ଣନ ଦ୍ୱାରା ସେହି ପାଖର ଆଲୋକପେଟିକାର ପାର୍ଶ୍ୱିକୃତ ଅବସ୍ଥା ପ୍ରଭାବିତ ହେଲା ଓ ତତ୍କାଳ ପ୍ରଭାବିତ କଲା ଆରପାଖର ଆଲୋକପେଟିକାର ପାର୍ଶ୍ୱୀକୃତ ଅବସ୍ଥା। ସୂଚକଯନ୍ତ୍ର ଦୁଇଟି ମଧ୍ୟରେ ସଙ୍କେତ ସଂଚରଣର ସମ୍ଭାବନା ନଥିବା ସତ୍ତ୍ୱେ ଆଲୋକପେଟିକା ଦୁଇଟି ପରସ୍ପର ସହ ସମ୍ପର୍କ ସ୍ଥାପନ କଲେ ଫାନ୍ଦରେ ପଡ଼ି। ଏହି ତାତ୍କାଳିକ ସମ୍ପର୍କ ଉକ୍ତ ଚଳରାଶି ଦ୍ୱାରା ନିଗମନ ହୋଇଥିବା ବେଲ୍‌ଙ୍କ ଅସମତାକୁ ପ୍ରତ୍ୟାଖ୍ୟାନ କରିବାପୂର୍ବକ କ୍ୱାଣ୍ଟମ ତତ୍ତ୍ୱକୁ ପ୍ରମାଦଶୂନ୍ୟ ବୋଲି ପ୍ରମାଣିତ କଲା।

ଭିଏନା ବିଶ୍ୱବିଦ୍ୟାଳୟ, ଅଷ୍ଟ୍ରିଆର ଗବେଷକ ଆଣ୍ଟନ ଜେଲିଙ୍ଗର୍, ଫାନ୍ଦରେ ପଡ଼ିଥିବା ତିନି ଓ ତତୋଽଧିକ ଆଲୋକପେଟିକା ନେଇ ପୂର୍ବୋକ୍ତ ପରୀକ୍ଷାକରି ଦେଖିଲେ, ବେଲ୍‌ଙ୍କ ଅସମତା ଭୁଲ୍। ସେ ଦେଖାଇଲେ କିପରି ଗୋଟିଏ ଆଲୋକପେଟିକାର କ୍ୱାଣ୍ଟମ ଅବସ୍ଥା ବହୁଦୂରରେ ଥିବା ଆର ଅଲୋକପେଟିକାଟିକୁ ପ୍ରଭାବିତ କରୁଛି ଓ ସେଥିରେ ସଞ୍ଚରିଯାଉଛି, କାରଣ ସାଜୁଛି ଗୁଣଧର୍ମ ବିନିମୟର। ୨୦୧୭ରେ ଚାଇନା ଉପଗ୍ରହ ମିସିଅସ ୧୨୦୦ କି.ମି. ଦୂରରେ ଥିବା ତିନୋଟି ସୂଚକଯନ୍ତ୍ରକୁ ଏହିପରି ଆଲୋକପେଟିକା ପ୍ରେରଣ କରି ଗବେଷକତ୍ରୟୀଙ୍କ ଗବେଷଣାକୁ ସତ୍ୟ ପ୍ରମାଣିତ କଲା। ବେଲ୍‌ଙ୍କ ଅସମତା, ଇ.ପି.ଆର୍. ପ୍ରମାଦକୁ ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ କ୍ୱାଣ୍ଟମ ତତ୍ତ୍ୱକୁ ଏକ ପୂର୍ଣ୍ଣାଙ୍ଗ ବିଷୟରୂପେ ସ୍ୱୀକୃତି ପ୍ରଦାନ କରିବାରେ ଭଗୀରଥ ସାଜିଥିବାରୁ ଏ ବର୍ଷ ପଦାର୍ଥବିଜ୍ଞାନରେ ନୋବେଲ୍ ପୁରସ୍କାର ଲାଭ କରିବେ ମାର୍କିନ୍ ଗବେଷକ ଜନ୍ କ୍ଲାଉଜର୍, ଫରାସୀ ବୈଜ୍ଞାନିକ ଆଲେନ୍ ଆସ୍ପେକ୍ଟ ଓ ଅଷ୍ଟ୍ରୀୟ ଗବେଷକ ଆଣ୍ଟନ ଜେଲିଙ୍ଗର। ଅନେକ କଣିକା / ପେଟିକା ମଧ୍ୟ ଗୋଟିଏ ସତ୍ତା ଦ୍ୱାରା ପରସ୍ପରକୁ ପ୍ରଭାବିତ ଓ ନିୟନ୍ତ୍ରିତ କରିପାରନ୍ତି, ସର୍ବବ୍ୟାପୀ ହୋଇପାରେ ଗୋଟିଏ ସତ୍ତା ଏ ଅବଧାରଣାକୁ ସ୍ୱୀକୃତି ମିଳିଲା କ୍ୱାଣ୍ଟମ ଜଗତରେ। ଆଜି ମନେପଡ଼ନ୍ତି ସନ୍ଥକବି ଭୀମଭୋଇ- "ଭାବକୁ ନିକଟ, ଅଭାବେ ଅଭେଟ / ଦେଖାଦେଖି କରୁ ହରି, ଯନ୍ତ୍ରରେ ସୂତ୍ରକୁ ଧରି।"

ଅଧ୍ୟାପକ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା


# ନକଲି ଶିକ୍ଷକ



ହରିଶଙ୍କର ମିଶ୍ର

ନକଲି ପ୍ରମାଣପତ୍ରରେ କିଛି ଶିକ୍ଷକ ନିଯୁକ୍ତି ପାଇଥିବା ଅଭିଯୋଗର ତଦନ୍ତ ଚାଲିଛି। କିଛି ଶିକ୍ଷୟିତ୍ରୀ, ଶିକ୍ଷକ ମଧ୍ୟ ଚିହ୍ନଟ ହୋଇଛନ୍ତି। କିନ୍ତୁ ଆମ ଆଇନର ଗଳାବାଟ ଏବଂ ନକଲି ପ୍ରମାଣପତ୍ର ସଂଜ୍ଞା ନିର୍ଦ୍ଧାରଣରେ ଭିନ୍ନତା ଯୋଗୁ ନକଲିଙ୍କୁ ଚିହ୍ନଟ କରି ଦଣ୍ଡିତ କରିବା ସମ୍ଭବ ନୁହେଁ। କୌଣସି ବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟରେ ନାମ ନ ଲେଖାଇ ସେଠାରୁ କୃତିତ୍ୱ ପ୍ରମାଣପତ୍ର ବା ପରୀକ୍ଷାରେ ପାଇଥିବା ନମ୍ବର ଚଢ଼ାଇ ଚାକିରି ପାଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ସହଜ ହୋଇପାରେ। ମାତ୍ର ଶିକ୍ଷା ବିଭାଗର ଏଇ ତଦନ୍ତ ଦାୟିତ୍ୱରେ ଥିବା କେତେକ ଅଧିକାରୀ ମଧ୍ୟ ନକଲି ପ୍ରମାଣପତ୍ରରେ ଚାକିରି କରିଥିବା ଅଭିଯୋଗ ରହିଛି। ଆମ ରାଜ୍ୟର ଶିକ୍ଷକ ଓ ଶିକ୍ଷାଧିକାରୀମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ନିବିଡ଼। ତେଣୁ ତଦନ୍ତ କରୁଥିବା ଅଧିକାରୀମାନଙ୍କର ପ୍ରମାଣପତ୍ର ଓ ଚାକିରିର ବୈଧତା ପ୍ରଥମେ ତଦନ୍ତ କରାଯିବା ଉଚିତ କିମ୍ବା କୌଣସି ନିରପେକ୍ଷ ସଂସ୍ଥା ଦ୍ୱାରା ସମସ୍ତ ତଦନ୍ତ କରିବା ବାଞ୍ଛନୀୟ। ନକଲି ଜାତିଗତ ପ୍ରମାଣପତ୍ର ଦେଇ ଚାକିରି ପାଇଥିବା ଅଭିଯୋଗ ବି ରହିଛି। ମାତ୍ର ଦିବ୍ୟାଙ୍ଗ ଭାବେ ଚାକିରି ପାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟରେ ସମସ୍ୟା ରହିଛି। ନିକଟରେ +୨ ଓ +୩ ଶ୍ରେଣୀରେ ନକଲି ଦିବ୍ୟାଙ୍ଗ ଭାବେ ନାମ ଲେଖାଉଥିବା କିଛି ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ତଦନ୍ତ ପରେ ଜଣାଗଲା ଯେ ସମସ୍ତେ ଶ୍ରବଣବାଧିତ ପ୍ରମାଣପତ୍ର ଦାଖଲ କରିଥିଲେ। ପ୍ରତ୍ୟେକଙ୍କ ପଛରେ କେହି ନା କେହି ବିଶିଷ୍ଟ ଲୋକ ରହିଥିଲେ। ସେମାନଙ୍କୁ ନାମଲେଖା ସ୍ୱୀକୃତି ମିଳିଥିଲେ ନିଯୁକ୍ତିରେ ସେଇ ସୁଯୋଗ ନେଇଥାନ୍ତେ। ତେଣୁ ଦିବ୍ୟାଙ୍ଗ ପ୍ରମାଣପତ୍ର ଆଧାରରେ ଚାକିରିର ବହୁ ସ୍ତରୀୟ ତଦନ୍ତ କରାଯିବା ଉଚିତ।

ରାଜ୍ୟରେ ନକଲି ପ୍ରମାଣପତ୍ରର ଇତିହାସ ବି ବହୁ ପୁରୁଣା। ବିଗତ ନବେ ଦଶକରେ ଓଡ଼ିଶାରେ ମାଟ୍ରିକ ପାସ୍ କରିବା କଷ୍ଟକର ଥିଲା। କିନ୍ତୁ ସରକାର ଆନ୍ଧ୍ର ମାଟ୍ରିକ ସାର୍ଟିଫିକେଟକୁ ଗ୍ରହଣ କରିବାରେ ଅନେକେ ପରବର୍ତ୍ତୀ ଉଚ୍ଚ ଶିକ୍ଷା ବା ଚତୁର୍ଥ ଶ୍ରେଣୀ ପଦବୀରୁ ତୃତୀୟ ଶ୍ରେଣୀ ପଦବୀକୁ ପଦୋନ୍ନତି ପାଇଥିବା ମୂଳରେ ଆନ୍ଧ୍ର ମାଟ୍ରିକ୍ ପ୍ରମାଣପତ୍ର ରହିଥିଲା। ମାତ୍ର ପାଠପଢ଼ା ବା ପରୀକ୍ଷା ପାଇଁ କେହି ଜଣେ ବି ଆନ୍ଧ୍ରର ସୀମା ସ୍ପର୍ଶ କରିନଥିଲେ। ପ୍ରମାଣପତ୍ର ଘରେ ପହଞ୍ଚି ଯାଉଥିଲା। ତାହାର ବୈଧତା ପାଇଁ ସରକାରୀ ଅନାଗ୍ରହର କାରଣ, ପଦୋନ୍ନତି ପାଇଥିବା ପ୍ରତ୍ୟେକ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପଛରେ ବୋଧହୁଏ କୌଣସି ହାକିମଙ୍କର ସମର୍ଥନ ଥିଲା। ପୁରୀରେ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆରମ୍ଭ ପରେ ଏବଂ ମଧ୍ୟମା ଯୋଗ୍ୟତାକୁ ମାଟ୍ରିକ୍ ତୁଲ୍ୟ ଘୋଷଣା ଯୋଗୁ ଦେଶରେ ସହସ୍ରାଧିକ ଟୋଲ ଖୋଲିଗଲା। ପାସ୍ ପାଇଁ କେବଳ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତି ଆବଶ୍ୟକ ଥିଲା। ଯେତେବେଳେ ମଧ୍ୟମା ପରୀକ୍ଷା ମାଧ୍ୟମିକ ଶିକ୍ଷା ବୋର୍ଡ ଅଧୀନ ହେଲା, ସେଇଦିନ ୯୫ ଶତାଂଶ ଟୋଲ ଉଭାନ୍ ହୋଇଗଲା। ଚାରି ବର୍ଷ ପୂର୍ବରୁ ପୁରୀରେ ନକଲି ହିନ୍ଦୀ ଶିକ୍ଷାନୁଷ୍ଠାନ ଦ୍ୱାରା



ପରୀକ୍ଷା ପରିଚାଳନା ହେଉଥିବା ଏବଂ ପ୍ରମାଣପତ୍ର ମିଳୁଥିବାର ତଦନ୍ତ କ୍ରାଇମବ୍ରାଞ୍ଚ କରିସାରିଛି। ଏବେ ବି.ଇଡି. ପ୍ରମାଣ ପତ୍ର ସମ୍ପର୍କରେ ଆଲୋଚନା କରିବା। ୨୦୧୦-୧୧ ମସିହା ବେଳକୁ ଓଡ଼ିଶାରେ ଆବଶ୍ୟକ ବି.ଇଡି. ଯୋଗ୍ୟତାଧାରୀଙ୍କ ଅଭାବ ଯୋଗୁ ଅନ୍ୟ ରାଜ୍ୟର ପ୍ରମାଣପତ୍ରକୁ ସରକାର ସ୍ୱୀକୃତି ଦେଲେ। କିନ୍ତୁ ନିଯୁକ୍ତି ପାଇଁ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ କରାଗଲା।

କିଛି ବ୍ୟକ୍ତି ଏହି ଆଦେଶ ବିରୋଧରେ ହାଇକୋର୍ଟରେ ମକଦ୍ଦମା କଲେ। ଏହା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଯୋଗୁ ନ୍ୟାୟାଳୟ ହସ୍ତକ୍ଷେପ କଲେ ନାହିଁ। ୨୦୧୨ରେ ମାଧ୍ୟମିକ ଶିକ୍ଷା ବୋର୍ଡକୁ ଏହି ଓଟିଇଟି ପରୀକ୍ଷା ଦାୟିତ୍ୱ ଦିଆଗଲା। ୮ ଦିନ ରାଜ୍ୟର ବିଭିନ୍ନ ସ୍କୁଲରେ ଫର୍ମ ପୂରଣ ହେଲା। ପରୀକ୍ଷା ନିଶ୍ଚିତ ଜାଣି ଏହାକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କ ତରଫରୁ ଫର୍ମ ପୂରଣ ଅବଧି ବଢ଼ାଇବାକୁ ପୁନଶ୍ଚ ମକଦ୍ଦମା କରାଗଲା। କୋର୍ଟ ଦୁଇଦିନ ସ୍ୱତନ୍ତ୍ର ସମୟ ଦେବାକୁ ନିର୍ଦ୍ଦେଶ ଦେଲେ। ସେଇ ଦୁଇ ଦିନ ବୋର୍ଡ ଅଫିସ୍ ପରିସର ଲୋକାରଣ୍ୟ ହୋଇଥିଲା। ଯେତେ ପିଲା ଫର୍ମ ପୂରଣ କରୁଥିଲେ, ସମସ୍ତଙ୍କ ପାଖରେ ରାଜ୍ୟ ବାହାରର ବି.ଇଡି. ସାର୍ଟିଫିକେଟ ରହିଥିଲା। ଲେଖକ ସେତେବେଳେ ସେଠାରେ ଅବସ୍ଥାପିତ ଯୋଗୁ ସ୍ୱ ଅନୁଭୂତି ଥିଲା ଯେ, ବାହାର ରାଜ୍ୟର ପ୍ରମାଣପତ୍ରଧାରୀ କୌଣସି ପରୀକ୍ଷାର୍ଥୀ ପଢ଼ିଥିବା ବିଶ୍ୱବିଦ୍ୟାଳୟର ସ୍ଥିତି ବା ଯାତାୟାତର ମାଧ୍ୟମ ବି ଜାଣିନଥିଲେ। ସେମାନେ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ଯେତିକି ସନ୍ଦେହଜନକ, ଶିକ୍ଷା ସ୍ନାତକ ପାଇଁ ଶ୍ରେଣୀଗୃହ ଶିକ୍ଷାଦାନ ଦକ୍ଷତା ର ପରୀକ୍ଷା କରାନଯାଇ ପ୍ରମାଣପତ୍ର ପ୍ରଦାନ ତତୋଽଧିକ ଦୁର୍ଭାଗ୍ୟଜନକ। ସେହିବର୍ଷ ମାତ୍ର ୯ ଶତାଂଶ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ପ୍ରମାଣପତ୍ର ଅର୍ଥ ବିନିମୟରେ ସୁଲଭ ଥିଲା। ପରେ ଏହି ବ୍ୟବସ୍ଥାକୁ ବ୍ୟବସାୟ ଉଦ୍ଦେଶ୍ୟରେ ଏବଂ ଧର୍ମକୁ ଆଖିଠାର ପରି କିଛି ବ୍ୟକ୍ତି ହରିୟାଣାର କୁରୁକ୍ଷେତ୍ର, କର୍ନାଟକର ଗୁଲବର୍ଗ ଏବଂ ଆନ୍ଧ୍ରର ନାଗାର୍ଜୁନ ଭଳି ଅନେକ ବିଶ୍ୱବିଦ୍ୟାଳୟର ଶାଖା ଓଡ଼ିଶାରେ ଖୋଲିଦେଲେ। ପରୀକ୍ଷାରେ ଶତପ୍ରତିଶତ ପାଶ୍ କରାଇବା ପାଇଁ ଯାବତୀୟ ଉଦ୍ୟମ ବି କରାଗଲା। ଛାତ୍ରୀଛାତ୍ରମାନେ କେବଳ ପରୀକ୍ଷା ପାଇଁ ପୂର୍ବ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରକୁ ଯାଇଥାନ୍ତି। ପରୀକ୍ଷାରେ ପାଶ୍ ପାଇଁ ସମସ୍ତ ସୁଯୋଗ ପୂର୍ବ ବ୍ୟବସ୍ଥିତ ହୋଇଥାଏ। ଶ୍ରେଣୀ ଗୃହରେ ପାଠପଢ଼ାର ଯୋଗ୍ୟତା ନିର୍ଣ୍ଣୟ ମଧ୍ୟ ପାରସ୍ପରିକ ବୁଝାମଣାରେ ହୁଏ, ଯେଉଁ ପ୍ରକ୍ରିୟା ଏବେ ବି ଚାଲିଛି। ଏତଦ୍‌ବ୍ୟତୀତ ଆମ ରାଜ୍ୟର ଇତିହାସ ବା ଭୌଗୋଳିକ ଜ୍ଞାନ ସମ୍ପର୍କରେ କୌଣସି ଶିକ୍ଷା ଦିଆଯାଇ ନଥାଏ। ସେଥିପାଇଁ ସେମାନଙ୍କ ଦକ୍ଷତା କେବଳ ପ୍ରମାଣପତ୍ରରେ ସୀମିତ ରହେ, ଯାହା କି ଗୁଣାତ୍ମକ ଶିକ୍ଷା ପାଇଁ ଅନୁପଯୁକ୍ତ। ତେଣୁ ନକଲି ପ୍ରମାଣପତ୍ରର ସଂଜ୍ଞା ପ୍ରଥମେ ନିର୍ଣ୍ଣିତ ହେବା ଆବଶ୍ୟକ। ନିଯୁକ୍ତି ପୂର୍ବରୁ ଶ୍ରେଣୀଗୃହରେ ଶୈକ୍ଷିକ ଦକ୍ଷତା ପରୀକ୍ଷା କରାଇଲେ ଅର୍ଦ୍ଧାଧିକ ଶିକ୍ଷକ ସେଥିରେ ଅନୁପଯୁକ୍ତ ହେବାରେ ତିଳାର୍ଦ୍ଧ ସନ୍ଦେହ ନାହିଁ। ଏତଦ୍‌ବ୍ୟତୀତ ଗତ ପାଞ୍ଚବର୍ଷ ପରିବର୍ତ୍ତେ ୨୦୧୧ ମସିହାରୁ ଆପରାଧିକ ତଦନ୍ତ ବ୍ୟବସ୍ଥା ହେବା ଆବଶ୍ୟକ। ଶିକ୍ଷକ ନିଯୁକ୍ତି ପାଇଁ କୌଣସି ବୁଝାମଣା ଦେଶ ଓ ରାଜ୍ୟର ଭବିଷ୍ୟତ ପାଇଁ ଅସ୍ପୃହଣୀୟ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

## ଏଇ ଭାରତରେ

ସହରୀକରଣ ପ୍ରଭାବରେ ପକ୍ଷୀବଂଶ ଲୋପ ପାଉଥିବାରୁ ଏମାନଙ୍କୁ ରକ୍ଷା କରିବା ପରିବେଶ ଲାଗି ହିତକର ବୋଲି ଅନୁଭବ କରିଛନ୍ତି ଦିଲ୍ଲୀର ଦୁଇ ଭାଇ ଅମିତ ଓ ଅଭିଷେକ ଜୈନ। ସେମାନେ ସହରର ବିଭିନ୍ନ ସ୍ଥାନରୁ ଆହତ ପକ୍ଷୀମାନଙ୍କୁ ଉଦ୍ଧାର କରୁଛନ୍ତି। ପରେ ସେମାନଙ୍କ ଚିକିତ୍ସା କରି ଛାଡି ଦେଉଛନ୍ତି। ଅମିତ ଜଣେ କେମିଷ୍ଟ ଓ ଅଭିଷେକଙ୍କର ଏକ ଦୋକାନ ରହିଛି। ନିଜ ପେସା ସହ ପକ୍ଷୀ ଉଦ୍ଧାର କରିବା ସେମାନଙ୍କ ନିଶା ପାଲଟିଯାଇଛି। ଏବେ ସୁଦ୍ଧା ଦୁଇ ଭାଇ ୧୫୦୦ରୁ ଊର୍ଦ୍ଧ୍ୱ ପକ୍ଷୀଙ୍କୁ ଉଦ୍ଧାର କରିସାରିଲେଣି। ୨୦୧୮ରେ ସେମାନେ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। 'ବିଦ୍ୟାସାଗର ଜୀବ ଦୟା ପରିବାର' ଟ୍ରଷ୍ଟ ଗଢ଼ି ତା' ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ପ୍ରତିଦିନ ଏମାନଙ୍କ ପାଖକୁ ୫ରୁ ୧୦ କଲ୍ ଆସୁଛି। କଲ୍ ପାଇବା କ୍ଷଣି ସେମାନେ ସ୍ୱେଚ୍ଛାସେବୀଙ୍କ ସହ ସେଠାରେ ପହଞ୍ଚି ପକ୍ଷୀକୁ ଉଦ୍ଧାର କରୁଛନ୍ତି। ଏମାନଙ୍କ ସହ ବହୁ ସ୍ୱେଚ୍ଛାସେବୀ ଯୋଡ଼ି ହୋଇଛନ୍ତି। ଦିଲ୍ଲୀ, ଏନ୍‌ସିଆର୍‌ରେ ଏମାନେ ପକ୍ଷୀ ଉଦ୍ଧାର କାର୍ଯ୍ୟ କରିବା ସହ ବିଭିନ୍ନ ସ୍ଥାନରେ ପାରାମାନଙ୍କୁ ପ୍ରତିଦିନ ଖାଇବାକୁ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ଅକ୍ଟୋବର ୧୯୯୭

- ଆଫଗାନିସ୍ତାନର ମାଜାର-ଇ-ଶରିଫଠାରୁ ୨୫ କିମି ପୂର୍ବରେ ଅବସ୍ଥିତ ଗେଜେଲ ଆବାଜ ସହରରେ ତାଲିବାନ ମୌଳବାଦୀମାନେ ୭୦ ଜଣଙ୍କୁ ଗଳାକାଟି ହତ୍ୟା କରିଛନ୍ତି।
- ଖଣି, ପର୍ଯ୍ୟଟନ, ବିଜ୍ଞାନ ଓ କାରିଗରୀ ଏବଂ ସାଂସ୍କୃତିକ ବିନିମୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୪ଟି ଦ୍ୱିପାକ୍ଷୀକ ରାଜିନାମା ସ୍ୱାକ୍ଷରିତ।
- ଶ୍ରୀଲଙ୍କା ଉପଦ୍ୱୀପରେ ସେନାବାହିନୀ ଓ ଏଲ୍‌ଟିଟିଇ ଉଗ୍ରପନ୍ଥୀଙ୍କ ମଧ୍ୟରେ ଲଢ଼େଇ ଘଟି ୧୬୦ ଉଗ୍ରପନ୍ଥୀ ଓ ୪୨ ସୈନ୍ୟ ନିହତ।

## ସୁଡୋକୁ

sudoku Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 2 | | | 5 | | 1 | 7 | |
| 7 | 6 | | | | | | | 9 |
| | 9 | 4 | | | | | | |
| 9 | 1 | | | 8 | | 7 | 6 | |
| 6 | 3 | | | 7 | | | | |
| | | | | | | | | 3 |
| | | | | | | | | |
| | | 7 | | 1 | 8 | 4 | | |
| | | | | | | | 9 | 8 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 7 | 2 | 4 | 5 | 9 | 6 | 3 |
| 5 | 4 | 3 | 9 | 8 | 6 | 1 | 7 | 2 |
| 9 | 2 | 6 | 3 | 1 | 7 | 4 | 5 | 8 |
| 7 | 1 | 8 | 5 | 3 | 4 | 2 | 9 | 6 |
| 4 | 9 | 5 | 6 | 2 | 8 | 3 | 1 | 7 |
| 6 | 3 | 2 | 7 | 9 | 1 | 8 | 4 | 5 |
| 2 | 5 | 1 | 8 | 7 | 9 | 6 | 3 | 4 |
| 8 | 6 | 9 | 4 | 5 | 3 | 7 | 2 | 1 |
| 3 | 7 | 4 | 1 | 6 | 2 | 5 | 8 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅହର୍ନିଶ ବଲ୍‌ବ ଜଳୁଛି

ମହାଶୟ,

ଭୁବନେଶ୍ୱର କିଟ୍ ଛକରୁ କିମ୍ସ ପର୍ଯ୍ୟନ୍ତ ରାସ୍ତାର ବିଦ୍ୟୁତ୍ ଖୁଣ୍ଟିଗୁଡିକରେ ଅହର୍ନିଶ ବଲ୍‌ବ ଜଳୁଛି। ବିଦ୍ୟୁତ୍ ବିଭାଗ ତଥା ମ୍ୟୁନିସିପାଲ କର୍ପୋରେଶନକୁ ପ୍ରାୟ ୧ମାସ ହେବ ଲଗାତର ଅଭିଯୋଗ କଲେ ବି ତା'ର ସୁଫଳ ମିଳିପାରୁ ନାହିଁ। ତେବେ ଏତାଦୃଶ ରାଜସ୍ୱ ଅପବ୍ୟବହାର ପାଇଁ ଦାୟୀ ଯେ କେହି ହୁଅନ୍ତୁ ନା କାହିଁକି, ବୋଝ ତ ସାଧାରଣ ଜନତାଙ୍କ ଉପରେ ପଡୁଛି। ସମ୍ପୃକ୍ତ ଅଧିକାରୀଙ୍କ ଏଭଳି ବେପରୁଆ ମନୋଭାବରେ ଲଗାମ ଲାଗିପାରିବ କି ?

– କାଶୀନାଥ ପଣ୍ଡା, ମାରୁତି ଭିଲା, କିଟ୍ ଛକ, ପଟିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିଶ୍ୱର ତପତ ଶ୍ୱାସ
ଜାଳଇ ଅନଳ,
ଜାଗଇ ବିରାଟ ତୃଷା
ଭୁବନେ କେବଳ।

-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



# ଦୁଇ ରାଜ୍ୟ ଉପରେ ଅକ୍ତିଆର ସ୍ୱପ୍ନ

**ନୂଆଦିଲ୍ଲୀ, ୭।୧୦**

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ନିଜ ଦଳ ଟିଆର୍‌ଏସ୍‌କୁ ଭାରତୀୟ ରାଷ୍ଟ୍ର ସମିତିରେ ପରିବର୍ତ୍ତିତ କରିବାର ଦୁଇଦିନ ପରେ ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି (ୱାଇଏସ୍‌ଆର୍‌ଟିପି) ପ୍ରତିଷ୍ଠାତା ୱାଇ.ଏସ୍. ଶର୍ମିଳା ରେଡ୍ଡୀ କହିଛନ୍ତି, ଦୁର୍ନୀତିରେ ବୁଡ଼ି ରହିଥିବା କେସିଆର୍‌ଙ୍କ ଯିବା ସମୟ ଆସିଗଲାଣି। ମୋ ଦଳ ୱାଇଏସ୍‌ଆର୍‌ସିପିଠାରୁ ଭିନ୍ନ। ୨୦୨୩ ବିଧାନସଭା ନିର୍ବାଚନରେ ତେଲଙ୍ଗାନାର ସବୁ ଆସନରେ ଆମେ ଲଢ଼ିବୁ। ଶର୍ମିଳା ହେଉଛନ୍ତି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍‌ଆର୍. ରେଡ୍ଡୀଙ୍କ ଝିଅ ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଜଗନ୍‌ମୋହନ ରେଡ୍ଡୀଙ୍କ ଭଉଣୀ। ଶର୍ମିଲାଙ୍କ ମା' ୱାଇଏସ୍ ବିଜୟାମ୍ମା ୱାଇଏସ୍‌ଆର୍‌ଟିପି ଅଧ୍ୟକ୍ଷା ଥିବାରୁ ଝିଅଙ୍କ ଉପରେ ତାଙ୍କ ଆଶୀର୍ବାଦ ରହିବା ସ୍ୱାଭାବିକ। ତେଣୁ ଭଉଣୀ ଭାଇ ଅବିଭକ୍ତ ଆନ୍ଧ୍ରପ୍ରଦେଶ (ଆନ୍ଧ୍ର ଓ ତେଲଙ୍ଗାନା)କୁ ଅକ୍ତିଆର କରିବା ପାଇଁ ସ୍ୱପ୍ନ ଦେଖୁଥିବା ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

# ଅପରାଧ ରେକର୍ଡ ଥିବା ପ୍ରାର୍ଥୀ ୩ ଥର ବିଜ୍ଞାପନ ଦେବେ

**ଭୁବନେଶ୍ୱର,(ବ୍ୟୁରୋ)/ଭଦ୍ରକ ଅଫିସ, ୭।୧୦**

ଧାମନଗର ବିଧାନସଭା ଉପନିର୍ବାଚନ ପାଇଁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିସହ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଅକ୍ଟୋବର ୧୪ ରେ ନାମାଙ୍କନପତ୍ର ଦାଖଲ ଶେଷ ହେବ। ୧୫ରେ ନାମାଙ୍କନପତ୍ରର ଯାଞ୍ଚ ଏବଂ ୧୭ରେ ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଆସନ୍ତା ନଭେମ୍ବର ୩ ରେ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଅନୁଷ୍ଠିତ ହେବ ଏବଂ ୬ ରେ ଭୋଟଗଣତି କରାଯିବ। ନଭେମ୍ବର ୮ ପୂର୍ବରୁ ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ କହିଛନ୍ତି।

ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଲୋହାନୀ କହିଛନ୍ତି ଯେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଉପନିର୍ବାଚନ ଘୋଷଣାଦିନଠାରୁ ଅର୍ଥାତ୍ ଅକ୍ଟୋବର ୩ ଠାରୁ ଭଦ୍ରକ ଜିଲା ସହ ସମଗ୍ର ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ପ୍ରାର୍ଥୀ, ସବୁ ରାଜନୈତିକ ଦଳ ଏବଂ ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ଓ ବିଭିନ୍ନ ସଂସ୍ଥାଗୁଡ଼ିକରେ ଆଦର୍ଶ ଆଚରଣ ବିଧି କଡ଼ାକଡ଼ି ଭାବେ ଲାଗୁ କରାଯାଇଛି। ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୨୨ ଜାନୁୟାରୀ ପହିଲା ସୁଦ୍ଧା ସମୁଦାୟ ଭୋଟରଙ୍କ ସଂଖ୍ୟା ୨,୩୮,୩୬୦। ସେମାନଙ୍କ ମଧ୍ୟରେ ୧,୨୩,୦୧୩ ପୁରୁଷ ଭୋଟର ଥିବାବେଳେ ୧,୧୫,୩୧୪ ଜଣ ମହିଳା ଏବଂ ୩୩ ଜଣ ତୃତୀୟ ଲିଙ୍ଗ ମତଦାତା ଅଛନ୍ତି।

୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ଦିବ୍ୟାଙ୍ଗ ଭୋଟର ଯେଉଁମାନେ ଘରେ ରହି ପୋଷ୍ଟାଲ ବାଲଟ୍ ମାଧ୍ୟମରେ ଉପନିର୍ବାଚନରେ ମତଦାନ କରିବାକୁ ଚାହିଁବେ ସେମାନେ ପ୍ରଥମେ ୧୨(ଘ) ଫର୍ମ ପୂରଣ କରି ପସନ୍ଦ କରିବା ପରେ ସମ୍ପୃକ୍ତ ରିଟର୍ନିଂ ଅଧିକାରୀଙ୍କୁ ପ୍ରଦାନ କରିବେ। ସେମାନଙ୍କ ଲାଗି ରିଟର୍ନିଂ ଅଧିକାରୀ ଏକ ତାଲିକା ପ୍ରସ୍ତୁତ କରି ଭୋଟର ତାଲିକାରେ ଚିହ୍ନଟ କରିବେ। ପରେ ସେମାନଙ୍କୁ ପୋଷ୍ଟାଲ ବାଲଟ୍ ଯୋଗାଇ ଦିଆଯିବ ଓ ସେମାନେ ଘରେ ରହି ମତଦାନ କରିସାରିବା ପରେ ଉପନିର୍ବାଚନ ଧାର୍ଯ୍ୟ ତାରିଖ ପୂର୍ବରୁ ପୋଷ୍ଟାଲ ବାଲଟଗୁଡ଼ିକୁ ସଂଗ୍ରହ କରାଯିବ।

## ଧାମନଗର ଉପନିର୍ବାଚନ ପାଇଁ ବିଜ୍ଞପ୍ତି

- ୧୪ରେ ଶେଷ ହେବ ନାମାଙ୍କନ ଦାଖଲ
- ୧୭ରେ ପ୍ରତ୍ୟାହାର, ନଭେମ୍ବର ୩ରେ ଭୋଟ
- ୨୫୨ ବୁଥ୍‌ରେ ହେବ ମତଦାନ
- ପ୍ରଥମ ଦିନରେ ହୋଇନି ନାମାଙ୍କନ ଦାଖଲ

ସେହିପରି ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀମାନେ ସେମାନଙ୍କ ଅପରାଧ ସମ୍ପର୍କରେ ଅତିକମ୍‌ରେ ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ୩ଥର ଖବରକାଗଜ ଓ ଟିଭି ମାଧ୍ୟମରେ ପ୍ରଚାର ପ୍ରସାର କରାଇବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଲୋହାନୀ କହିଛନ୍ତି।

ଅପରପକ୍ଷେ ଶୁକ୍ରବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଛୁଟିଦିନ ବ୍ୟତୀତ ଆସନ୍ତା ୧୪ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ ଲାଗି ଧାର୍ଯ୍ୟ କରାଯାଇଛି। ପ୍ରାର୍ଥୀମାନେ ଭଦ୍ରକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ। ରିଟର୍ନିଂ ଅଫିସର ଭାବେ ଅତିରିକ୍ତ ଉପଜିଲାପାଳ ଲକ୍ଷ୍ମୀପ୍ରସାଦ ସାହୁ ଓ ସହାୟକ ରିଟର୍ନିଂ ଅଫିସର ଭାବେ ତିହିଡ଼ି ତହସିଲଦାର ପ୍ରତୀକ ଦାସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ଦିନରେ କେହି ନାମାଙ୍କନ ଦାଖଲ କରି ନ ଥିବା ରିଟର୍ନିଂ ଅଫିସର ଅତିରିକ୍ତ ଉପଜିଲାପାଳ ସାହୁ ପ୍ରକାଶ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

Urgently Required
D.T.P OPERATOR
Photoshop, Microsoft Office & CorelDRAW 5-6 years of Experience in Online work
Time : 10am to 8pm (Full Time / Part Time)
Salary : 10,000/- to 15,000/- & above
CHELSHHA
2977, Ravi Talkies Road, Bhubaneswar-02
Contact : 9040821015 / 9437387034

M/S Vijaynagar Biotech Private Limited
WANTED
CIVIL ENGINEER
Qualifications : B.Tech (Civil)-Minimum 2 years experience
Site Supervisor:Minimum 2 years experience
Place of Work: IDCO, Plot No.1, Bamini, Kodinga Tahasil, Nabarangpur, Odisha
Interested may apply on or before 15.10.2022
E-mail: adm@vbtpl.com

MCL
ମହାନଦୀ କୋଲଫିଲ୍ଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in
ସନ୍ଦର୍ଭ ସଂଖ୍ୟା: MCL/JA/Hiring of Services/Rev.Pers/2022/5415 ତା.01/10/2022ରିଖ
ଏକ ବର୍ଷ ଅବଧି ନିମନ୍ତେ ରାଜସ୍ୱ କର୍ମଚାରୀଙ୍କ ସେବାଜନିତ ନିଯୁକ୍ତି ପାଇଁ ବିଜ୍ଞପ୍ତି/ବିଜ୍ଞାପନ
ଜଗନ୍ନାଥ ଏରିଆ, ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ନିମ୍ନବର୍ଣ୍ଣିତ ରାଜସ୍ୱ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ଯୋଗ୍ୟ ଭାରତୀୟ ନାଗରିକମାନଙ୍କ ଠାରୁ ଏକ ବର୍ଷ ଅବଧି ନିମନ୍ତେ ସ୍ଥାୟୀ ସାନ୍ତ୍ୱନାମୂଳକ ପାରିଶ୍ରମିକ ଭିତ୍ତିରେ ନିଯୁକ୍ତିଜନିତ ସେବା ପାଇଁ ଦରଖାସ୍ତ ଆହ୍ୱାନ କରୁଛି । ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି, ଯାହାକି ତା.୧୭.୧୦.୨୦୨୨ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ମହାପ୍ରବନ୍ଧକ, ଜଗନ୍ନାଥ ଏରିଆ, ପୋଷ୍ଟ-ଡେରା, ଅନୁଗୁଳ, ଓଡ଼ିଶା-୭୫୯୧୦୩ଙ୍କ କାର୍ଯ୍ୟାଳୟରେ ନିଶ୍ଚିତ ଭାବେ ପହଞ୍ଚି ପାରୁଥିବା ଆବଶ୍ୟକ ।

| କ୍ରମ ସଂ. | ବିବରଣୀ | ସାନ୍ତ୍ୱନାମୂଳକ ପାରିଶ୍ରମିକ | ଆବଶ୍ୟକ କର୍ମଚାରୀ ସଂଖ୍ୟା |
|---|---|---|---|
| 1. | ରାଜସ୍ୱ ନିରୀକ୍ଷକ | ₹20,000.00 PM | 02 |

ଦରଖାସ୍ତ ଫର୍ମ, ଯୋଗ୍ୟତା ମାନଦଣ୍ଡ, ବୟସ, ଦରଖାସ୍ତ ଗ୍ରହଣ କରାଯିବାର ଅନ୍ତିମ ତାରିଖ ଏବଂ ଅନ୍ୟ ନିୟମ ତଥା ସର୍ତ୍ତାବଳୀ ସମ୍ବନ୍ଧୀୟ ବିସ୍ତୃତ ବିଜ୍ଞାପନ/ବିଜ୍ଞପ୍ତି ଏମ୍‌ସିଏଲ୍ ୱେବ୍‌ସାଇଟ୍ www.mahanadicoal.inରେ ଖୁବ୍‌ଶୀଘ୍ର ଉପଲବ୍ଧ ହେବ ଏବଂ ସବୁ ଦୃଷ୍ଟିରୁ ସଂପୂର୍ଣ୍ଣ ହୋଇଥିବା ଦରଖାସ୍ତଗୁଡ଼ିକ ତା.୦୩.୧୦.୨୦୨୨ରିଖ ଠାରୁ ତା.୧୭.୧୦.୨୦୨୨ରିଖ ମଧ୍ୟରେ ଦାଖଲ କରାଯାଇ ପାରିବ । ଏ ସମ୍ପର୍କିତ କୌଣସି ପ୍ରକାର ସଂଯୋଗପତ୍ର/ଶୁଦ୍ଧିପତ୍ର କେବଳ ଏମ୍‌ସିଏଲ୍ ୱେବ୍‌ସାଇଟ୍ ଏବଂ ଏରିଆ ସୂଚନା ଫଳକରେ ଦେଖାଯାଇ ପାରିବ ।
ମହାପ୍ରବନ୍ଧକ,
ଏମ୍‌ସିଏଲ୍, ଜଗନ୍ନାଥ ଏରିଆ
R- 5122

ODISHA HYDRO POWER CORPORATION LIMITED
(A Government of Odisha Undertaking)
Regd. Office: Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-751022
Ph: 2542983, 2542802, 2545526, Fax: (0674) 2542102
Website: www.ohpcltd.com
CIN : U40101OR1995SGC003963
OHPC
ISO 14001:2015 45001:2018 & 9001 : 2015
CANCELLATION OF RECRUITMENT PROCESS
The recruitment process to the post of Jr. Clerk Trainee/ L D Assistant Trainee & Steno-cum-Computer Assistant Trainee pursuant to the Advertisement no. OHPC:HQ: HRD:RECTT: 01/2019 dated 02.03.2019 is hereby cancelled.
Sd/-
Director (HR)

ବିଜ୍ଞାପନ
ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
ପ୍ଲଟ ନଂ-୧/ଏ, ଜାଭିୟର ଛକ, ଜୟଦେବ ବିହାର, ଭୁବନେଶ୍ୱର - ୭୫୧୦୧୩
Email:gkcmorc@gmail.com / gkcmorc01@gmail.com
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଗୁରୁ କେଲୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶୀ ନୃତ୍ୟ, ସଂଗୀତ ଶିକ୍ଷା କ୍ଷେତ୍ରକୁ ସଂପ୍ରସାରଣ ଏବଂ ଗବେଷଣା କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ନିମନ୍ତେ ବିଭିନ୍ନ ବିଭାଗ ଗୁଡ଼ିକ ପାଇଁ ବିଭାଗମୁଖ୍ୟ ପଦବୀ ନିମନ୍ତେ କେନ୍ଦ୍ର ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।
ଆବଶ୍ୟକୀୟ ପଦବୀ ଏବଂ ଯୋଗ୍ୟତା
୧) ନୃତ୍ୟ ବିଭାଗ -(କ) ଓଡ଼ିଶୀ ନୃତ୍ୟରେ ଯେକୌଣସି ଅନୁଷ୍ଠାନରୁ ଅବସରପ୍ରାପ୍ତ ପ୍ରଫେସର /ସହଯୋଗୀ ପ୍ରଫେସର ହୋଇଥିବେ ଅଥବା ଜାତୀୟ କିମ୍ବା ଆନ୍ତର୍ଜାତୀୟ ସ୍ତରରେ ଜଣେ ଖ୍ୟାତିସମ୍ପନ୍ନ ଗୁରୁଙ୍କର ମାନ୍ୟତା ଅର୍ଜନ କରିଥିବେ ।
୨) ସଂଗୀତ ବିଭାଗ (କଣ୍ଠସଂଗୀତ) - (କ) କଣ୍ଠସଂଗୀତରେ ଯେକୌଣସି ଅନୁଷ୍ଠାନରୁ ଅବସରପ୍ରାପ୍ତ ପ୍ରଫେସର / ସହଯୋଗୀ ପ୍ରଫେସର ହୋଇଥିବେ ଅଥବା ଜାତୀୟ କିମ୍ବା ଆନ୍ତର୍ଜାତୀୟ ସ୍ତରରେ ଜଣେ ଖ୍ୟାତିସମ୍ପନ୍ନ ଗୁରୁ ଭାବେ ମାନ୍ୟତା ଅର୍ଜନ କରିଥିବେ ।
୩) ଗବେଷଣା ଏବଂ ପ୍ରକାଶନ - ଗବେଷଣା ଏବଂ ପ୍ରକାଶନ କ୍ଷେତ୍ରରେ ପ୍ରଗାଢ଼ ଜ୍ଞାନ ସହିତ ନିଜ ନାମରେ ଅନ୍ୟୁନ ୫ଟି ଗବେଷଣା ମୂଳକ ପୁସ୍ତକ ପ୍ରକାଶିତ ହୋଇଥିବା ସହ ଯେକୌଣସି ଅନୁଷ୍ଠାନରୁ ପ୍ରଫେସର/ସହାୟକ ପ୍ରଫେସର ଭାବେ ଅବସର ଗ୍ରହଣ କରିଥିବେ ଅଥବା ଖ୍ୟାତିସମ୍ପନ୍ନ ଗୁରୁ / ବିଦ୍ୱାନ (Scholar) ଭାବରେ ଅଭିଲିଖିତ ହୋଇଥିବେ ।
୪) ବୟସ- ବିଜ୍ଞାପନ ପ୍ରକାଶନ ତାରିଖ ସୁଦ୍ଧା ୬୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ହୋଇନଥିବେ । ଅସାଧାରଣ ଓ ଅତ୍ୟନ୍ତ ଉତ୍ତମ ବ୍ୟକ୍ତିଙ୍କ କ୍ଷେତ୍ରରେ ବୟସସୀମା କୋହଳ କରାଯାଇପାରେ ।
୫) ମାନଦେୟ (Honorarium) - ମାନଦେୟ ସ୍ୱରୂପ ମାସିକ ୫୦୦୦୦/- ଟଙ୍କା ପ୍ରଦାନ କରାଯିବ ।
୬) ଆବେଦନ କରିବାର ଶେଷ ତାରିଖ - ବିଜ୍ଞାପନ ପ୍ରସାରିତ ହେବାର ୩୦ ଦିନ ମଧ୍ୟରେ ପ୍ରାର୍ଥୀ ଆବେଦନ କରିପାରିବେ ।
ସ୍ୱା/-
ମୁଖ୍ୟନିର୍ବାହୀ
ବି.ଦ୍ର : ପ୍ରାର୍ଥୀ ଉପରୋକ୍ତ ଠିକଣା କିମ୍ବା ଇ-ମେଲ୍ ଜରିଆରେ ଆବେଦନ କରିପାରିବେ । ଯୋଗାଯୋଗ ନଂ.: 8117826035/7608055052
No. RR-33 OIPR-03004/11/0004/2223

# ଶିନ୍ଦେ ଧନୁତୀର ଚିହ୍ନ ଦାବି କରିପାରିବେ ନାହିଁ

**ନୂଆଦିଲ୍ଲୀ,୭।୧୦**

ଶିବସେନା ଓ ଏହାର ଚିହ୍ନକୁ ନେଇ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ସୁପ୍ରିମକୋର୍ଟ ଏହାର ନିଷ୍ପତ୍ତି ନିର୍ବାଚନ କମିଶନଙ୍କ ଉପରେ ଛାଡ଼ିଥିଲେ। ଏକନାଥ ଓ ତାଙ୍କ ସମର୍ଥକ ବିଧାୟକମାନେ ସ୍ୱେଚ୍ଛାକୃତ ଭାବେ ଶିବସେନା ଛାଡ଼ିଥିବାରୁ ସେମାନେ ଦଳୀୟ ଚିହ୍ନ ଧନୁତୀର ପାଇଁ ଦାବି କରିପାରିବେ ନାହିଁ ବୋଲି ଠାକ୍‌ରେ ନିର୍ବାଚନ କମିଶନଙ୍କୁ ଶୁକ୍ରବାର ଜଣାଇଛନ୍ତି। ଅନ୍ଧେରୀ ଇଷ୍ଟ ଆସନରେ ନଭେମ୍ବର ୩ରେ ହେବାକୁ ଯାଉଥିବା ବିଧାନସଭା ଉପନିର୍ବାଚନ ଲାଗି ଶିନ୍ଦେ ଗୋଷ୍ଠୀ ଧନୁତୀର ଚିହ୍ନ ଦାବି କରିଥିଲେ। ଠାକ୍‌ରେ ଗୋଷ୍ଠୀ ଉକ୍ତ ଆସନ ଲାଗି ଦିବଂଗତ ବିଧାୟକ ରମେଶ ଲାଟ୍‌କେଙ୍କ ସ୍ତ୍ରୀ ରତ୍ନୁଜାଙ୍କୁ ପ୍ରାର୍ଥୀ କରିଥିବାବେଳେ ଶିନ୍ଦେ ଗୋଷ୍ଠୀ ଭାଜପା ପ୍ରାର୍ଥୀ ମୁରଜୀ ପଟେଲଙ୍କୁ ସମର୍ଥନ ଜଣାଇଛି। ଶିନ୍ଦେ ଗୋଷ୍ଠୀଙ୍କ ଦାବି ଉପରେ ନିର୍ବାଚନ କମିଶନ ଠାକ୍‌ରେଙ୍କ ଗୋଷ୍ଠୀକୁ ଜବାବ ମାଗିଥିଲେ।

ଗତ ଜୁନ୍‌ରେ ଠାକ୍‌ରେ ସରକାର କ୍ଷମତାରୁ ଯିବା ପରେ ପ୍ରଥମ ଥର ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଶିବସେନାରେ ବିଭାଜନ ପରେ ଭାଜପା ସମର୍ଥନରେ ଏକନାଥ ଶିନ୍ଦେ ସରକାର ଗଢ଼ିଥିବାବେଳେ ତାଙ୍କ ପଛରେ ସଂଖ୍ୟାଧିକ ଦଳୀୟ ବିଧାୟକ ଓ ଏମ୍‌ପିଙ୍କ ସମର୍ଥନ ରହିଛି। ତେଣୁ ତାଙ୍କ ଗୋଷ୍ଠୀକୁ ପ୍ରକୃତ ଶିବସେନା ଭାବେ ସ୍ୱୀକୃତି ଦେବା ସହ ଧନୁତୀର ଚିହ୍ନ ପ୍ରଦାନ ଲାଗି ଶିନ୍ଦେ ଦାବି କରୁଛନ୍ତି। ଅନ୍ୟପକ୍ଷରେ ବ୍ୟବସ୍ଥା ଅନୁଯାୟୀ ଦଳର ଅଧ୍ୟକ୍ଷ ରହିଥିବା ଠାକ୍‌ରେ କହିଛନ୍ତି, ଶିନ୍ଦେ ଗୋଷ୍ଠୀ ବିଧାୟକମାନଙ୍କ ବିରୋଧରେ ଅଯୋଗ୍ୟ ଘୋଷଣା ଆବେଦନ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଥିବାରୁ ସେମାନଙ୍କୁ ଦଳର ସଦସ୍ୟ ଭାବେ ଗଣାଯିବା ଉଚିତ ନୁହେଁ। ଦଳୀୟ ସଦସ୍ୟଙ୍କଠାରୁ ୫ ଲକ୍ଷରୁ ଉର୍ଦ୍ଧ୍ୱ ସତ୍ୟପାଠ ସଂଗ୍ରହ ଲକ୍ଷ୍ୟ ରଖିଥିବା ଠାକ୍‌ରେ କହିଛନ୍ତି, ତାଙ୍କ ବାପା ବାଲ୍ ଠାକ୍‌ରେ ୫୦ ବର୍ଷ ପୂର୍ବେ ଦଳ ପ୍ରତିଷ୍ଠା କରିଥିଲେ। ଅନ୍ୟପକ୍ଷରେ ଶିନ୍ଦେ ନିଜକୁ ବାଲ୍ ଠାକ୍‌ରେଙ୍କ ହିନ୍ଦୁତ୍ୱର ପ୍ରକୃତ ଲିଗାସୀ ବୋଲି ଦାବି କରିଆସୁଛନ୍ତି।

## ନିର୍ବାଚନ କମିଶନଙ୍କୁ ଜଣାଇଲେ ଉଦ୍ଧବ



ଉଦ୍ଧବ ଠାକ୍‌ରେ ଏକନାଥ ଶିନ୍ଦେ

# ଧର୍ମାନ୍ତରୀକରଣ କାର୍ଯ୍ୟକ୍ରମରେ ଏଏପି ମନ୍ତ୍ରୀ

## ବହିଷ୍କାର ଦାବି କଲା ଭାଜପା

**ନୂଆଦିଲ୍ଲୀ,୭।୧୦**



ରାଜେନ୍ଦ୍ର ପାଲ୍ ଗୌତମ୍

ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମନ୍ତ୍ରୀ ରାଜେନ୍ଦ୍ର ପାଲ୍ ଗୌତମ୍ ଏକ ଧର୍ମାନ୍ତରୀକରଣ କାର୍ଯ୍ୟକ୍ରମରେ ଯୋଗଦେବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ଏଥିପାଇଁ ଭାଜପା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ସମାଲୋଚନା କରିବା ସହ ସମ୍ପୃକ୍ତ ମନ୍ତ୍ରୀଙ୍କୁ କ୍ୟାବିନେଟରୁ ବିଦା କରିବା ଲାଗି ଦାବି କରିଛି। ମନ୍ତ୍ରୀ ଗୌତମଙ୍କ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ଅସନ୍ତୁଷ୍ଟ ଥିବା ଏଏପି ପକ୍ଷରୁ କୁହାଯାଇଛି। ତେବେ ଦିଲ୍ଲୀ ସରକାର କିମ୍ବା ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଏନେଇ କିଛି କୁହାଯାଇ ନାହିଁ।

କେଜ୍‌ରିୱାଲ ସରକାରରେ ଗୌତମ ସାମାଜିକ କଲ୍ୟାଣ ମନ୍ତ୍ରୀ ଅଛନ୍ତି। ଏଏପି ହିନ୍ଦୁମାନଙ୍କ ଭାବାବେଗକୁ ଆଘାତ ଦେଇଛି। ଗୌତମଙ୍କ ମନ୍ତବ୍ୟ ଏହି ସମ୍ପ୍ରଦାୟ ପ୍ରତି ଦଳର ଘୃଣା ମାନସିକତାକୁ ପଦାରେ ପକାଇଛି ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଗୌରବ ଭାଟିଆ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଧର୍ମାନ୍ତରୀକରଣ କାର୍ଯ୍ୟକ୍ରମରେ ୧୦ ହଜାର ଲୋକ ଯୋଗଦେଇ ହିନ୍ଦୁ ଦେବଦେବୀ ପୂଜା ତ୍ୟାଗକରି ବୌଦ୍ଧଧର୍ମ ଗ୍ରହଣ କରିବାକୁ ଶପଥ ନେଇଥିଲେ। କେଜ୍‌ରିୱାଲଙ୍କ ତରଫରୁ ଗୌତମ ହିନ୍ଦୁ ବିରୋଧୀ ମନ୍ତବ୍ୟ ଦେଇଥିବା ଭାଜପା ମୁଖପାତ୍ର କହିଛନ୍ତି।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India
Andhra Corporation
କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର
୩ୟ ମହଲା, ଆଶିଷ୍ ପ୍ଲାଜା, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର - ୭୫୬୦୦୧
ଡିମାଣ୍ଡ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଡୁବୁରି ଶାଖା-୨ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରିକରାଯାଇଥିଲା ଏବଂ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା । ତେଣୁ ସେଗୁଡିକର ବିଷୟ ବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ଡୁବୁରି ଶାଖା-୨/ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ସେକ୍ ମନ୍‌ଜୁର ଅଲ୍ଲି, ପିତା: ଅବଦୁଲ ସତାର, ସା/ପୋ./ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର-୭୫୫୦୧୮/ ଗ୍ୟାରେଣ୍ଟିଦାତାମାନେ:୧) ପ୍ରଦୀପ୍ତ କୁମାର ରାୟ, ପିତା: ସୁକାନ୍ତ ରାୟ, ସା: ମାଣତିରା, ଭାୟା: ଦାନଗଦି, ଜିଲ୍ଲା: ଯାଜପୁର-୭୫୫୦୨୬, ୨) ଆଶୁତୋଷ ଦ୍ୱିବେଦୀ, ପିତା: ଲୋକନାଥ ଦ୍ୱିବେଦୀ, ସା/ପୋ./ଥାନା: ସୁକିନ୍ଦା, ଜିଲ୍ଲା: ଯାଜପୁର-୭୫୫୦୧୮ | ୧)ହାଉସିଂ ଲୋନ୍ / ଟ.୧୮,୨୭,୦୦୦/- ୨)ହାଉସିଂ ଲୋନ୍ / ଟ.୮,୦୦,୦୦୦/- ସମୁଦାୟ: ଟ.୨୬,୨୭,୦୦୦/- | ୧୪.୦୯.୨୦୨୨ / ୩୦.୧୧.୨୦୨୦ ସୁଦ୍ଧା ଟ.୧୫,୭୨,୮୨୭.୭୦ +ସେବାବଦ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | ମନ୍‌ଜୁର ଅଲ୍ଲିଙ୍କ ନାମରେ ଥିବା ୩ ବିଆର ଫ୍ଲାଟ୍ ଯାହାର ନଂ.: ଏ ୩/୧, ୨ୟ ମହଲା, ସୁପର ବିଲ୍ଟ-ଅପ୍ ଏରିଆ: ୧୪୭୨ ବର୍ଗଫୁଟ (ଏକର ୦.୦୩୪ଡିସିମିଲି) ସହିତ ହେନା ଆପାର୍ଟମେଣ୍ଟରେ ଥିବା ଜମିର ଆନୁପାତିକ ଅଂଶ, କନ୍ହେଇପୁର, ଯାଜପୁର ରୋଡ୍, ମୌଜା: ଚାନ୍ଦମା, ସ୍ଥିତିବାନ ଖାତା ନଂ.: ୪୮୨, ପ୍ଲଟ୍ ନଂ.: ୨୨୨, ଖାତା ନଂ.: ୬୧୧, ପ୍ଲଟ୍ ନଂ.: ୨୨୨/୨୩୨୪, ଖାତା ନଂ.: ୩୫୬, ପ୍ଲଟ୍ ନଂ.: ୨୨୨/୨୩୨୫, ଖାତା ନଂ.: ୫୩, ପ୍ଲଟ୍ ନଂ.: ୨୨୨/୨୩୨୩, ସମୁଦାୟ କ୍ଷେତ୍ର: ଏକର୦.୪୨ଡିସିମିଲି, ଓମ୍ ବିଲ୍ଡର୍ସ ଆଣ୍ଡ ଡେଭେଲପର୍ସରୁ, ସମ୍ପତ୍ତିର ଚାରିପାର୍ଶ୍ୱରେ ଉତ୍ତର: ସୀମା ସରହଦ, ଦକ୍ଷିଣ: ମେନ୍ ରୋଡ, ପୂର୍ବ: ପ୍ଲଟ୍ ନଂ.: ୨୨୧, ପଶ୍ଚିମ: ରାସ୍ତା |

ଉପରଦର୍ଶିତ ଡୁବୁରି ଶାଖା-୨ର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ସେମାନଙ୍କର ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତି (NPA) ରେ ଶ୍ରେଣୀଭୁକ୍ତ ହୋଇଯାଇଛି, ତେଣୁ ଚୁକ୍ତି ଅନୁସାରେ ସେମାନେ ସେମାନଙ୍କର ଆକାଉଣ୍ଟ ନିମନ୍ତେ ଉପର ଦର୍ଶିତ ଦେୟ ରାଶି ଓ ତତ୍‌ପରବର୍ତ୍ତୀ ସୁଧ ଦର୍ଶିତ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଦାୟୀ ଅଟନ୍ତି । ସେମାନଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ବର୍ତ୍ତମାନ ସୁଦ୍ଧା ସୁଧ ସହିତ ଉପରୋକ୍ତ ବକେୟା ରାଶି ଏହି ନୋଟିସ୍ ପ୍ରକାଶନର ୬୦ଦିନ ମଧ୍ୟରେ ପ୍ରଦାନ କରନ୍ତୁ, ଅନ୍ୟଥା ବ୍ୟାଙ୍କ ନିମ୍ନଲିଖିତ ଯେକୌଣସି ଗୋଟିଏ କିମ୍ବା ତତୋଧିକ କାର୍ଯ୍ୟାନୁଷ୍ଠାନ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତି ଉପରେ ଗ୍ରହଣ କରି ଅଦାଲତର ବିନା ହସ୍ତକ୍ଷେପରେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (୨୦୦୨ର ୫୪) ଅନୁଯାୟୀ ଉପର କଥିତ ଦେୟରାଶି ଆଦାୟ କରିବେ । ଯଥା: ୧. ଋଣଗ୍ରହୀତାଙ୍କ ବନ୍ଧକ ସମ୍ପତ୍ତିକୁ ଦଖଲ, ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରି କରାଯାଇ ଋଣ ରାଶି ଆଦାୟ କରିପାରିବେ । ୨. ଋଣଗ୍ରହୀତାଙ୍କ ବନ୍ଧକ ସମ୍ପତ୍ତିର ପରିଚାଳନା ଭାର ଗ୍ରହଣ କରି ଲିଜ୍ ମାଧ୍ୟମରେ ହସ୍ତାନ୍ତରିତ, ଆଇନଗତ ହସ୍ତାନ୍ତରିତ କିମ୍ବା ବିକ୍ରୟ କରି ଋଣ ରାଶି ଆଦାୟ କରିପାରିବେ । ୩. ବନ୍ଧକଧାରୀ ଋଣଦାତା ଭାବେ ବ୍ୟାଙ୍କ ବନ୍ଧକପ୍ରାପ୍ତ ସମ୍ପତ୍ତିର ପରିଚାଳନା ପାଇଁ ଯେକୌଣସି ବ୍ୟକ୍ତିଙ୍କୁ (ଏହା ପରେ ପରିଚାଳକ ଭାବେ ଦର୍ଶିତ ହେବେ) ନିଯୁକ୍ତି କରିପାରିବେ । ୪. କୌଣସି ବ୍ୟକ୍ତିଙ୍କୁ ଯିଏ କି ଋଣଗ୍ରହୀତାଙ୍କ ଠାରୁ ସୁରକ୍ଷିତ ସମ୍ପତ୍ତିକୁ ଅଧିକାର କରିଛନ୍ତି ଏବଂ ଯାହାଙ୍କ ଠାରୁ ଅର୍ଥରାଶି ପ୍ରାପ୍ତ ହେବାକୁ ଅଛି କିମ୍ବା ଯାହାଙ୍କର ଋଣଗ୍ରହୀତାଙ୍କୁ ଦେୟ ପ୍ରଦାନ କରିବାକୁ ଅଛି, ତାଙ୍କୁ ଲିଖିତ ନୋଟିସ୍ ମାଧ୍ୟମରେ ବ୍ୟାଙ୍କକୁ ଉକ୍ତ ଅର୍ଥରାଶି ଯାହାକି ସୁରକ୍ଷିତ ଋଣ ନିମନ୍ତେ ଯଥେଷ୍ଟ ତାହା ପ୍ରଦାନ କରିବାକୁ କୁହାଯିବ। ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି, ନୋଟିସ୍ ପ୍ରାପ୍ତି ପରେ ଆପଣ ନୋଟିସ୍ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବ୍ୟାଙ୍କର ପୂର୍ବ ଲିଖିତ ଅନୁମତି ବିନା ବିକ୍ରି, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ହସ୍ତାନ୍ତରିତ କରିପାରିବେ ନାହିଁ । ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦେୟ, ଖର୍ଚ୍ଚ ଇତ୍ୟାଦି ବିକ୍ରି ଲବ୍ଧ ଅର୍ଥରେ ଭରଣା କରାଯିବ । ଯଦି ବ୍ୟାଙ୍କର ସମସ୍ତ ଦେୟ ନିମନ୍ତେ ବିକ୍ରି ଲବ୍ଧ ରାଶି ପର୍ଯ୍ୟାପ୍ତ ନ ହୁଏ, ତେବେ ସରଫେଶୀ ଆକ୍ଟ ୨୦୦୨ର ୫୪ ଅନୁସାରେ କିମ୍ବା ଆବଶ୍ୟକୀୟ କୌଣସି ପ୍ରଚୁର୍ଯ୍ୟ ଆଇନ ଅନୁସାରେ ଆପଣଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଅବଶିଷ୍ଟ ରାଶି ନିମନ୍ତେ ଗ୍ରହଣ କରାଯିବ । ସେବାବଦ ସମସ୍ତ ଆଇନଗତ ଖର୍ଚ୍ଚ ଏବଂ ଫଳାଫଳ ନିମନ୍ତେ ଆପଣ ସମସ୍ତେ ଏକତ୍ର ଏବଂ ପୃଥକ୍ ଭାବେ ଦାୟୀ ରହିବେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତିମାଧ୍ୟମରେ ଲିଜ୍ ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି । ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଇଛି ।
ସ୍ଥାନ : ବାଲେଶ୍ୱର
ତାରିଖ : ୦୭.୧୦.୨୦୨୨
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]
ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦ୍ରାପଡା ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲକୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦ୍ରାପଡା ଶାଖା ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| କେନ୍ଦ୍ରାପଡା ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ : ୧) କଳ୍ପନା ମହାନ୍ତି (ସ୍ୱ ଋଣଗ୍ରହୀତା ଲଳିତ୍ ମହାନ୍ତିଙ୍କ ମା ଏବଂ ଆଇନଗତ ଉତ୍ତରାଧିକାରୀ), ୨) ସୁମିତ୍ରା ମହାନ୍ତି (ସ୍ୱ ଋଣଗ୍ରହୀତା ଲଳିତ୍ ମହାନ୍ତିଙ୍କ ସ୍ତ୍ରୀ ଏବଂ ଆଇନଗତ ଉତ୍ତରାଧିକାରୀ) /ସହ-ଋଣଗ୍ରହୀତାମାନେ: ୧) ସତ୍ୟଜିତ୍ ମହାନ୍ତି, ୨) ସୁଜିତ୍ ମହାନ୍ତି, ସା: ପଣସୁଆପଡା, ଥାନା: ପାଟକୁରା, ତହସିଲ: ଗରଦପୁର, ଜିଲ୍ଲା: କେନ୍ଦ୍ରାପଡା | ଟ.୨୨,୨୩,୪୯୭.୨୦ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୧.୨୦୨୨ / ୦୧.୧୦.୨୦୨୨ | ସ୍ୱ ଲଳିତ୍ କୁମାର ମହାନ୍ତି, ସତ୍ୟଜିତ୍ ମହାନ୍ତି, ସୁଜିତ୍ ମହାନ୍ତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୮/୪୨, ପ୍ଲଟ୍ ନଂ.: ୩୨୫/୪୨୩, କ୍ଷେତ୍ର: ଏକର୦.୦୨୭ ଡିସିମିଲି, ପ୍ଲଟ୍ ନଂ.: ୩୨୪/୪୨୨, କ୍ଷେତ୍ର: ଏକର୦.୦୮୭ଡିସିମିଲି, ସ୍ୱତ୍ୱ: ସ୍ଥିତିବାନ, କିସମ: ଘରବାରୀ, ମୌଜା: ପଣସୁଆପଡା, ଥାନା: ପାଟକୁରା, ଏସ୍‌ଆରଓ: ଗରଦପୁର, ତହସିଲ: ଗରଦପୁର, ଜିଲ୍ଲା: କେନ୍ଦ୍ରାପଡା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଗୋପବନ୍ଧୁ ବେହେରା, ପଶ୍ଚିମ: ଜ୍ୟୋତ୍ସ୍ନା ମହାନ୍ତି, ଉତ୍ତର: ରାସ୍ତା, ଦକ୍ଷିଣ: ନିଜସ୍ୱ ପ୍ଲଟ୍ |

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୮.୧୦.୨୦୨୨
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ଶୁଭପ୍ରଦଙ୍କ କୃତିତ୍ୱ

ନୂଆଗଡ଼,୭।୧୦-ନୂଆଗଡ଼ ସଦର ମହକୁମାରେ ଥିବା ଲକ୍ଷ୍ମୀ ନୃସିଂହ ନୋଡାଲ ବିଦ୍ୟାପୀଠର ଶୁଭପ୍ରଦ ସାହୁ ପ୍ରକାଶ ପାଇଥିବା ୨୦୨୦-୨୦୨୧ ଶିକ୍ଷା ବର୍ଷର ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷାରେ ବ୍ଲକରେ ପ୍ରଥମ ସ୍ଥାନ ପାଇଥିବା ବେଳେ ଜିଲା ସ୍ତରରେ ତୃତୀୟ ସ୍ଥାନ ପାଇଛନ୍ତି। ପିତା ଶିକ୍ଷକ ମହେନ୍ଦ୍ର କୁମାର ସାହୁ ଏବଂ ମାତା ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ସାହୁଙ୍କ ଏକମାତ୍ର ପୁତ୍ର ଶୁଭପ୍ରଦ। ଏହି ସଫଳତା ପାଇଁ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ମଣ୍ଡଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜୀ, ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସମସ୍ତ ପରିବାର ବର୍ଗ ଶୁଭପ୍ରଦଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ରର ଆଗାମୀ ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ନିମନ୍ତେ ଆଶୀର୍ବାଦ କାମନା କରିଛନ୍ତି। ସେ ପୂର୍ବରୁ ତୃତୀୟ ଶ୍ରେଣୀ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ୨ୟ, ୩ୟ ସ୍ଥାନରେ ସଫଳତାର ସହ କୃତିତ୍ୱ ଅର୍ଜନ କରିଥିଲେ।

### ଗଛ ପଡ଼ି ରାସ୍ତା ଅବରୋଧ, ଯାତାୟାତ ବାଧାପ୍ରାପ୍ତ



ନୂଆଗଡ଼,୭।୧୦-ଗୁରୁବାର ରାତିରେ ବର୍ଷା ହେବା ଫଳରେ ନୂଆଗଡ଼ଠାରୁ ଖଜୁରିପଦା ମୁଖ୍ୟ ରାସ୍ତାରେ ଥିବା ପାତ୍ରପୁର ଗ୍ରାମ ନିକଟବର୍ତ୍ତୀ ଭରଡାଖୋଲାରେ ବିରାଟ ବରଗଛ ଉପୁଡ଼ି ପଡ଼ିଥିଲା। ଗଛ ପଡ଼ି ରାସ୍ତା ଅବରୋଧ ହେବାସହ ଯାତାୟାତରେ ବାଧାପ୍ରାପ୍ତ ହୋଇଥିଲା। ଘଣ୍ଟା ଘଣ୍ଟା ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ବ୍ରହ୍ମପୁର, ପାରଳାଖେମୁଣ୍ଡି ସମେତ ଦୂରଦୂରାନ୍ତ ଯିବା ବସ ଏବଂ ବିଭିନ୍ନ ଯାନରେ ଯାଉଥିବା ଲୋକେ ନାହିଁ ନଥିବା ହଇରାଣ ହୋଇଥିଲେ। ଶୁକ୍ରବାର ଭୋରରେ ସ୍ଥାନୀୟ ବାସିନ୍ଦା ଏହାକୁ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତୁରନ୍ତ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ୩ଘଣ୍ଟାର ପରିଶ୍ରମ କରି ଗଛକୁ କାଟି ସଫା କରିଥିଲେ। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

### ଜଳିଗଲା ବାଇକ୍

ବ୍ରହ୍ମପୁର ଅଫିସ , ୭।୧୦(ଡି.ଏନ୍.ଏ.)- ଗେଟ୍‌ବଜାର ଟ୍ରାଫିକ ଛକ ନିକଟରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ହଠାତ୍ ଏକ ବାଇକ ଜଳିଯାଇଛି। ନିକଟରେ ଥିବା ଟ୍ରାଫିକ ପୋଲିସ ଓ ସ୍ଥାନୀୟବାସୀନ୍ଦାଙ୍କ ସହଯୋଗରେ ନିଆଁ ଲିଭାଯାଇଥିଲା। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ିନଥିବା ବେଳେ କେହି ସିଗାରେଟ ଟାଣି ଫୋପାଡ଼ି ଦେଇଥିବା ଏବଂ ତା ସଂସ୍ପର୍ଶରେ ଆସି ବାଇକ୍‌ରେ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ପୁରୁଣା ମାଷ୍ଟର ପ୍ଲାନ୍‌ରେ ସହରର ବିକାଶ

- ଭଞ୍ଜନଗରରେ ଡ୍ରେନେଜ୍ ବିପର୍ଯ୍ୟସ୍ତ
- ପରିମଳ ବ୍ୟବସ୍ଥା ଘରୋଇକରଣ ହେବ

ଭଞ୍ଜନଗର,୭।୧୦(ଡି.ଏନ.ଏ)




ଭଞ୍ଜନଗର ବ୍ଲକ ସମ୍ମୁଖ ରାସ୍ତାରେ ପାଣି ଭାସୁଛି ।

ଗଞ୍ଜାମ ଜିଲା ଭଞ୍ଜନଗର ଏନ୍‌ଏସି ୧୯୫୭ ନଭେମ୍ବର ୧୫ ତାରିଖରେ ରାଜ୍ୟ ସରକାରଙ୍କ ଚିଠି (ନଂ.୪୦୨୫) ପ୍ରକାରେ ଭେଜିପୁଟ ଏବଂ ଗାମୁଣ୍ଡି ଗ୍ରାମର କେତୋଟି ରାଜସ୍ୱ ଗ୍ରାମକୁ ନେଇ ଗଠିତ ହୋଇଥିଲା। ଏହାପରେ ସହରର ବିକାଶ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ହେଲା। ପ୍ରାୟ ୫୦ ପୂର୍ବେ ପ୍ଲାନ ପ୍ରସ୍ତୁତ ହୋଇଥିବା ଅନୁମାନ କରାଯାଉଛି। ତେବେ ଏ ପର୍ଯ୍ୟନ୍ତ ସେହି ପୁରୁଣା ପ୍ଲାନରେ ସହରର ବିକାଶ ଚାଲିଥିବା ଦେଖାଯାଉଛି। ଏନ୍‌ଏସି ଗଠନ ସମୟରେ ସହରର ଜନସଂଖ୍ୟା କମ୍ ଥିଲା। ୨୦୧୧ ଜନଗଣନା ଅନୁସାରେ ବର୍ତ୍ତମାନ ସହରର ୧୫ଟି ୱାର୍ଡ଼ରେ ୨୦,୪୮୨ଜଣ ଲୋକ ବସବାସ କରୁଛନ୍ତି। ବେସରକାରୀ ଭାବେ ଏହା ୨୫ ହଜାରରୁ ଉର୍ଦ୍ଧ୍ୱ ହେବ। ଜନଗଣନା ଅନୁସାରେ ମୋଟ ଜନସଂଖ୍ୟା ମଧ୍ୟରେ ୧୦,୩୦୮ ପୁରୁଷ ଏବଂ ୧୦୧୭୪ ମହିଳା ଅଛନ୍ତି। ୯୬.୨୬ ପ୍ରତିଶତ ହିନ୍ଦୁ, ମୁସଲିମ୍ ୨.୩୬ ପ୍ରତିଶତ ଏବଂ ୧.୧୦ ପ୍ରତିଶତ ଖ୍ରୀଷ୍ଟିଆନ ଅଛନ୍ତି । ୨୦୨୨ ଫେବୃୟାରୀ ଭୋଟର ତାଲିକା ଅନୁସାରେ ଏନ୍‌ଏସିରେ ୧୮,୪୧୦ ଭୋଟର ଥିବାବେଳେ ସେଥିମଧ୍ୟରେ ୯,୧୬୭ ପୁରୁଷ ଏବଂ ୯,୨୪୩ ମହିଳା। ତୃତୀୟ ଲିଙ୍ଗ ଭୋଟର ନାହାନ୍ତି। ଭଞ୍ଜନଗର ସହରରେ ପୁରୁଷ ଶିକ୍ଷିତ ହାର ୯୩.୮୮ ପ୍ରତିଶତ ଥିବାବେଳେ ମହିଳା ଶିକ୍ଷିତ ହାର ୮୪.୬୧ ପ୍ରତିଶତ। ସହରରେ ୪,୫୪୬ ଘର ଥିବାବେଳେ ସରକାର ସମସ୍ତ ଘରକୁ ପାଇପ ଯୋଗେ ପାଣି ଯୋଗାଇବା ବ୍ୟବସ୍ଥା କରିଛନ୍ତି । ଶତ ପ୍ରତିଶତ ଘରକୁ ପାଣି ଯୋଗାଣ ହେଉଥିବା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଲାଭଳି ଲାଗୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୈନିକ ୩୦ଲକ୍ଷ ୫୦ ହଜାର ଲିଟର ପାଣି ସହରକୁ ଛଡ଼ାଯାଉଛି। ବର୍ଷା ଦିନେ ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡୁଛି। ଲୋକେ ଏନଏସିର ବିନା ଅନୁମତିରେ ମନଇଚ୍ଛା ଘର ତିଆରି କରୁଛନ୍ତି। ଡ୍ରେନ ଏବଂ ରାସ୍ତା ଠିକ୍ ନଥିବା ଯୋଗୁ ପରିମଳ ବିପର୍ଯ୍ୟସ୍ତ ହେଉଛି । ଏନଏସି ମଧ୍ୟ ଏହା ଉପରେ କୌଣସି ପଦକ୍ଷେପ ନେଉନାହିଁ । ନୂଆ ଘର ନିର୍ମାଣ ହେଉଥିବା ବାଗ୍‌ଦେବୀ ରୋଡ଼, ବେଲଗୁଣ୍ଠା ରୋଡ୍, ମାଲସାହି, ମନଇଚ୍ଛାସାହି ଅଞ୍ଚଳରେ ଡ୍ରେନେଜ୍ ଠିକ୍ ନାହିଁ। ସ୍ଥାନ ଅଭାବରୁ ଅଧିକାଂଶ ସାହିରେ ସ୍ଥାୟୀ ଡ୍ରେନ ହୋଇନାହିଁ । ଘର ମାଲିକମାନେ ଖର୍ଚ୍ଚକୁ ଡରି ଏନ୍‌ଏସିରୁ ନକ୍ସା ଅନୁମୋଦନ କରି ନେଉନାହାନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଶୁକ୍ରବାରଠାରୁ ସହରର ପରିମଳ ବ୍ୟବସ୍ଥାକୁ ଘରୋଇକରଣ କରିବା ପାଇଁ ପଦକ୍ଷେପ ନିଆଯାଇଛି । ଶୁକ୍ରବାର ଅପରାହ୍ନରେ ଟେଣ୍ଡର ଖୋଲାଯାଇଛି। ଯୋଗ୍ୟ ସଂସ୍ଥାକୁ ଦିନେ ଦୁଇଦିନ ମଧ୍ୟରେ ପରିମଳ ବ୍ୟବସ୍ଥା ତଦାରଖ କରିବା ପାଇଁ ଦାୟିତ୍ୱ ପ୍ରଦାନ କରାଯିବା ସମ୍ଭାବନା ରହିଛି । ଏହାହେଲେ ସଂସ୍ଥା ଅଧୀନରେ ସଫେଇ କର୍ମଚାରୀ କାମ କରିବେ। ଏନଏସି ଏହାର ତଦାରଖ କରିବ। ଅନ୍ୟପକ୍ଷରେ ଭଞ୍ଜନଗର ଏନଏସିକୁ ଏକ ଆଧୁନିକ ସହର ଭାବେ ଗଢ଼ି ତୋଳିବା ପାଇଁ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୂତନ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଏବଂ କାଉନସିଲରମାନେ ଚେଷ୍ଟା ଚଳାଇଛନ୍ତି। ଅଧ୍ୟକ୍ଷ, କାଉନସିଲରମାନେ ପ୍ରତ୍ୟେକ ଦିନ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ବୁଝି ସମାଧାନ ପାଇଁ ଚେଷ୍ଟା କରୁଛନ୍ତି । ପୂର୍ବରୁ କର୍ମଚାରୀମାନେ ବର୍ଷ ବର୍ଷ ଧରି ଦରମା ପାଉ ନ ଥିଲେ। ତେଣୁ ସେମାନେ ମାସ ମାସ ଧରି କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଥିଲେ। ବାଚସ୍ପତି ତଥା ସ୍ଥାନୀୟ ବିଧାୟକ ଆରୁଖଙ୍କ ଉଦ୍ୟମ ଯୋଗୁ କର୍ମଚାରୀମାନେ ବକେୟା ଦରମା ସମ୍ପୂର୍ଣ୍ଣ ପାଇବା ସହ ଏବେ ନିୟମିତ ଦରମା ପାଉଛନ୍ତି। ସହରରେ ବର୍ତ୍ତମାନ ପ୍ରାୟ ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ଆଗକୁ ଆହୁରି ପ୍ରକଳ୍ପ ହେବ। ଏ ବାବଦରେ ପ୍ରାୟ ୨୦ରୁ ୩୦ କୋଟି ଖର୍ଚ୍ଚ ହେବା ଯୋଜନା ଅଛି। ସହରର ପ୍ରମୁଖ ରାସ୍ତାଗୁଡ଼ିକ ଭଲ ଥିବାବେଳେ ନୂତନ ସାହି ଗୁଡ଼ିକରେ ସମସ୍ୟା ରହିଛି। ଅଧିକାଂଶ ଷ୍ଟ୍ରିଟ୍ ଲାଇଟ୍ ଜଳୁନି। କେତେକ ସ୍ଥାନରେ ଜବରଦଖଲ ସମସ୍ୟା ରହିଥିବାରୁ ସହରର ସୌନ୍ଦର୍ଯ୍ୟକରଣ ହୋଇପାରନି। ବାଗଦେବୀ ରୋଡ଼୍ ବାସିନ୍ଦା ସଞ୍ଜୟ ପ୍ରଧାନ କହିଛନ୍ତି, ଡ୍ରେନ୍ ଠିକ୍ ନ ଥିବା ଯୋଗୁ ପାଣି ରାସ୍ତାରେ ଭାସୁଛି । ଅନ୍ୟପଟେ ରାସ୍ତା ମଧ୍ୟ ପକ୍କା ହୋଇନାହିଁ। ଏନେଇ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବକରଙ୍କ ସହ ଯୋଗାଯୋଗ କରିବାରୁ ସହରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସହରବାସୀଙ୍କୁ ଉନ୍ନତ ସେବା ଯୋଗାଇ ପାଇଁ ଲୋକ ପ୍ରତିନିଧି ଏବଂ କର୍ମଚାରୀମାନେ ସର୍ବଦା ଚେଷ୍ଟିତ ବୋଲି କହିଛନ୍ତି।

### ମା' ଦୁର୍ଗାଙ୍କ ଭସାଣି ଯାତ୍ରା

ପାରଳାଖେମୁଣ୍ଡି,୭।୧୦(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସହର ସମେତ ଆଖପାଖ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ସତ୍ତ୍ୱେ ବହୁ ଆଡମ୍ବର ସହକାରେ ପବିତ୍ର ଦଶହରା ପର୍ବ ତଥା ଦୁର୍ଗାପୂଜା ଶେଷ ହୋଇଛି । ସହରର ବିଭିନ୍ନ ପୂଜା ମଣ୍ଡପରେ ଗତ ୨୬ତାରିଖ ନବରାତ୍ର ପୂଜା ଅବସରରେ ଆରମ୍ଭ ହୋଇଥିବା ମା' ଦଶଭୁଜାଙ୍କୁ ଶୁକ୍ରବାର ବିଦାୟ ଦିଆଯାଇଛି। ସହରର ବିଦ୍ୟୁତ୍ ବିଭାଗର ପାୱାରହାଉସ, ବଡବ୍ରାହ୍ମଣ ସାହି ଛକ, ରାଜଗୁରୁସାହି ଛକ, ଗାନ୍ଧୀ ଛକ, କଟକିଆ ଗୌଡସାହି ଛକ, ଜନସ୍ୱାସ୍ଥ୍ୟ ବିଭାଗ, ଖଞ୍ଜାସାହି ଛକ, ଗୁଣ୍ଡିଚାବାଡ଼ି ଛକ, ଦାଣ୍ଡମାଳା ସାହି ଆଦି ବିଭିନ୍ନ ସ୍ଥାନରେ ପୂଜାମଣ୍ଡପରେ ପୂଜା ପାଉଥିବା ଜଗତ ଜନନୀ ମା' ଦୁର୍ଗାଙ୍କୁ ପୃଥକ୍ ଭାବେ ଅଞ୍ଚଳବାସୀମାନଙ୍କ ପକ୍ଷରୁ ମେଲାଣି ଦିଆଯାଇଛି। ଭସାଣି ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ପୋଲିସ ମୁତୟନ ହୋଇଥିଲା।

### ବୁଗୁଡ଼ାରେ ମା'ଙ୍କୁ ମେଲାଣି

ବୁଗୁଡ଼ା,୭।୧୦(ଡି.ଏନ.ଏ)-ବୁଗୁଡ଼ା ଅଞ୍ଚଳରେ ମା' ଦୁର୍ଗାଦେବୀଙ୍କ ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମଦନ ମୋହନ ଛକ ଏବଂ ନୂଆଁ ବସଷ୍ଟାଣ୍ଡଠାରେ ଆୟୋଜିତ ଦୁର୍ଗା ମେଢର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ଗୋଲିଆ ପଞ୍ଚାୟତ ଅନ୍ତର୍ଗତ ବାଦୁଆ ଗ୍ରାମରେ ମା' ଦଶଭୂଜା ଯୁବକ ସଂଘ ପକ୍ଷରୁ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ଭସାଣି ଉତ୍ସବ ମଧ୍ୟ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବାଦ୍ୟ ବାଜଣାରେ ମା'ଙ୍କୁ ଶୋଭାଯାତ୍ରାରେ ବିଦାୟ ଦେଇ ପୁଷ୍କରିଣୀରେ ବିସର୍ଜନ କରାଯାଇଥିଲା।

## ମା' ପାଞ୍ଚ ଭୈରବୀଙ୍କ ବାଲିଯାତ୍ରା ଉଦ୍‌ଯାପିତ



ଭକ୍ତଙ୍କ ପୂଜାର୍ଚ୍ଚନା।

**୨୭ ବର୍ଷ ପରେ ଅନୁଷ୍ଠିତ**

ଆର.ଉଦୟଗିରି,୭।୧୦(ଡି.ଏନ.ଏ.)

ମା' ପାଞ୍ଚ ଭୈରବୀଙ୍କ ବାଲିଯାତ୍ରା ଦୀର୍ଘ ୨୭ ବର୍ଷ ପରେ ଅନୁଷ୍ଠିତ ହୋଇ ଉଦ୍‌ଯାପିତ ହୋଇଛି। ଆର.ଉଦୟଗିରି ବ୍ଲକ ଛେଲାଗଡ଼ ଗ୍ରାମପଞ୍ଚାୟତ ଗଡର ଗ୍ରାମରେ ଅବସ୍ଥିତ ପାଞ୍ଚ ଭୈରବୀଙ୍କ ବାଲିଯାତ୍ରାକୁ ଗ୍ରାମବାସୀ ତଥା ଅଞ୍ଚଳର ଶ୍ରଦ୍ଧାଳୁମାନେ ବହୁ ଆଡମ୍ବର ସହ ପାଳନ କରିଛନ୍ତି। ଗତ ୩୦ରେ ପରମ୍ପରା ଅନୁଯାୟୀ ନଦୀରୁ ବାଉଁଶ ଚାଙ୍ଗୁଡିରେ ବାଲି ନେଇ ଆସି ଭଜା ମୁଗକୁ ସେହି ବାଲିରେ ପକାଇଥାନ୍ତି। ଆଶ୍ଚର୍ଯ୍ୟର ବିଷୟ ସେହି ଭଜା ମୁଗ ମା'ଙ୍କ ଚମତ୍କାରରେ ଗଜା ହୋଇଥାଏ। ତେଣୁ ଏହି ଯାତ୍ରାକୁ ବାଲିଯାତ୍ରା ବୋଲି କୁହନ୍ତି ମା'ଙ୍କ ଦାସିରି ଦୁଃଖା ପୂଜାରୀ। ପାଖାପାଖି ୩୦ରୁ ଅଧିକ ଦାସିରିମାନଙ୍କ ଖେଳ ପ୍ରଦର୍ଶନରେ କମ୍ପି ଉଠୁଥିଲା ଗଡର ଗ୍ରାମର ଆଖଡା ଦାଣ୍ଡ। ୫ ରାତି ତମାମ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତମାନେ ଅନିଦ୍ରା ରହି ଏହି ଖେଳର ମଜା ନେଉଥିଲେ। ଦୀର୍ଘ ବର୍ଷ ପରେ ନବନିର୍ବାଚିତ ୱାର୍ଡ ମେମ୍ବର ମୋହନ ବଡ଼ନାୟକ ତଥା ଗଡର ଗ୍ରାମବାସୀଙ୍କ ଉଦ୍ୟମରେ ଯାତ୍ରାଟି ପୁଣି ଅନୁଷ୍ଠିତ ହୋଇଥିବା କହିଛନ୍ତି ପୂର୍ବତନ ପୂଜକ ହନୁ ପୂଜାରୀଙ୍କ ପୁତ୍ର ମନୋରଞ୍ଜନ ପୂଜାରୀ। ଶେଷ ଦିନରେ ମା'ଙ୍କ କରତ ଆସନ, କଣ୍ଟାପିଢ଼ା ଦୋଳି ଓ ନିଆଁ ଝୁଲିର ଖେଳରେ ଶେଷ ହୋଇଥିଲା ଏହି ଯାତ୍ରା। ଏହି ପୀଠରେ ଅନେକ ଭକ୍ତ ମାନସିକ ରଖି ପୂଜାର୍ଚ୍ଚନା କରି ସଫଳ ହୋଇଥିବା କହିଛନ୍ତି ଗ୍ରାମବାସୀ।

### ଗଜପତିରେ ୧୧.୪୮ମି.ମି. ବର୍ଷା ରେକର୍ଡ

ପାରଳାଖେମୁଣ୍ଡି,୭।୧୦(ଡି.ଏନ୍.ଏ.)

ଲଘୁଚାପ ପ୍ରଭାବରେ ଗଜପତି ଜିଲାର ବିଭିନ୍ନ ସ୍ଥାନରେ ଝିପି ଝିପି ବର୍ଷା ଲାଗି ରହିଛି। ତେବେ ଶୁକ୍ରବାର ବର୍ଷାର ପରିମାଣ କମିଥିବାର ଲକ୍ଷ୍ୟ କରାଯାଇଛି। ଜିଲାରେ ୭ ଗୋଟି ବ୍ଲକ ଅଞ୍ଚଳ ଓ ସହରାଞ୍ଚଳ ଯଥା ପାରଳାଖେମୁଣ୍ଡି ସହରାଞ୍ଚଳ, ଆର.ଉଦୟଗିରି, ରାୟଗଡ, ମୋହନା, ନୂଆଗଡ, ଗୋଷାଣୀ, କାଶୀନଗର ଓ ଗୁମ୍ମା ବ୍ଲକ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଛି। ଜିଲାରେ ଶୁକ୍ରବାର ମୋଟ ୯୧.୮୦ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଗଜପତିରେ ହାରାହାରି ୧୧.୪୮ମିମି ବର୍ଷା ହୋଇଥିବାର ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ଜଣାପଡ଼ିଛି। କାଶୀନଗର ବ୍ଲକରେ ୫.୦୦ମିମି, ପାରଳାଖେମୁଣ୍ଡି ସହରରେ ୧୨.୦୦ମିମି, ରାୟଗଡ ବ୍ଲକରେ ୧୦.୦୦ମିମି, ଗୁମ୍ମାରେ ୩.୦୦ମିମି, ନୂଆଗଡ ବ୍ଲକରେ ୮.୦୦ମିମି, ଆର୍.ଉଦୟଗିରିରେ ୮.୬୦ମିମି, ମୋହନା ବ୍ଲକରେ ୧୭.୨୦ମିମି, ଗୋଷାଣୀ ବ୍ଲକରେ ୨୮.୦୦ମିମି ଏପରି ଭାବେ ମୋଟ ୯୧.୮୦ମିମି ବର୍ଷା ହୋଇଥିବା ବେଳେ ହାରାହାରି ଭାବେ ୧୧.୪୮ମିମି ବର୍ଷା ହୋଇଥିବା ଜଣାପଡ଼ିଛି ।

## ଓଷାକୋଠି ପର୍ବ ଆରମ୍ଭ



ମଣ୍ଡପରେ ପୂଜା ପାଉଥିବା ମା' ମଙ୍ଗଳା।

ବୁଗୁଡ଼ା,୭।୧୦(ଡି.ଏନ.ଏ.)

ବୁଗୁଡା ସହର ଯାଦବ ସାହି ବାସିନ୍ଦାଙ୍କ ପକ୍ଷରୁ ସାହି କୋଠଘରେ ଓଷାକୋଠି ପର୍ବ ପାଳନ ବିଜୟାଦଶମୀଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସାହି କୋଠଘର କାନ୍ଥରେ କୋଠିଶାଳ ଚିତ୍ର ଅଙ୍କନ କରାଯାଇଥିଲା। ଏହା ପରେ ନିକଟସ୍ଥ ପୋଖରୀରୁ କଳସ ଯାତ୍ରାରେ ଜଳ ଆଣି ସଙ୍କଳ୍ପ ସହ ମାନସିକଧାରୀମାନେ ପୂଜାର୍ଚ୍ଚନା କରିଥିଲେ। ପ୍ରତିଦିନ ଘଟ କଳସ ପୂଜା କରାଯିବା ଏବଂ ଝୁଣାରେ ମା'ଙ୍କୁ ପୂଜା କରାଯିବା ସହ ଘଟ କଳସ ଧରି ମା'ଙ୍କ ନିମନ୍ତେ ଗ୍ରାମ ପରିକ୍ରମା ବିଧି ପାଳନ କରାଯାଉଛି। ଜାନି ବାଉରୀ ପାତ୍ର ଓ ଆଦିଗା ପାତ୍ରଙ୍କ ଦ୍ୱାରା ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା ଯଥା ରୀତିନୀତି ପ୍ରକାରେ ଅନୁଷ୍ଠିତ ହେଉଥିବା ବେଳେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାବେଶ ହେଉଛି। ମା'ଙ୍କ ନିକଟରେ ପୂର୍ବାହ୍ନରେ ଅନ୍ନ ଭୋଗ ଓ ସନ୍ଧ୍ୟାରେ ବାଲ ଭୋଗ କରାଯାଇଛି। ଏହି ପର୍ବ ପାଳନ ଅବସରରେ ଦୈନିକ ରାତିରେ କୋଠଘର ନିକଟରେ ଗାହାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଏହି ପର୍ବ କୁମାର ପୂର୍ଣ୍ଣିମା ଯାଏ ଚାଲୁ ରହିବ ବୋଲି ଅଧିକାରୀ କେ.ନବ ପାତ୍ରଙ୍କଠାରୁ ପ୍ରକାଶ।

## ଗଜପତିରେ ମା' କାଞ୍ଚି କାମାକ୍ଷୀଙ୍କ ପୂଜା

ପାରଳାଖେମୁଣ୍ଡି, ୭।୧୦(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ସ୍ଥିତ ମାଠିଆ ସାହିଠାରେ ମା'କାଞ୍ଚି କାମାକ୍ଷୀଙ୍କ ପୂଜା ପାଳିତ ହୋଇଛି। ଏହି ପୂଜା ଦଶହରାଠାରୁ କୁମାରପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ମା'କାଞ୍ଚି କାମାକ୍ଷୀ ସ୍ୱର୍ଣ୍ଣକାରମାନଙ୍କ ଇଷ୍ଟଦେବୀ । ଏହା ତାମିଲନାଡୁର ଚେନ୍ନାଇ ଆଦି ପ୍ରମୁଖ ସ୍ଥାନରେ ବେଶ୍ ଲୋକପ୍ରିୟ ପୂଜା । ଏହା ମା' ଦୁର୍ଗାଙ୍କ ଅନ୍ୟ ଏକ ରୂପ ଭାବେ ବିବେଚନା କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁ। ତେବେ ପାରଳା ସହର ଏକ ଦ୍ୱିଭାଷୀ ସହର ଏବଂ ପ୍ରାୟତଃ ଦକ୍ଷିଣ ଭାରତର ସଂସ୍କୃତି ତଥା ପୂଜାର୍ଚ୍ଚନାଗୁଡିକୁ ପାଳନ କରାଯାଇଥାଏ। ଏହି ପୂଜା ପାରଳାଖେମୁଣ୍ଡି ସହରରେ ବସବାସ କରୁଥିବା ଶହ ଶହ ସ୍ୱର୍ଣ୍ଣକାରମାନେ ବିଶେଷ ଭାବେ ଯୋଗଦେଇ ନିୟମ ମୁତାବକ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥିବାର ଦେଖିବାକୁ ମିଳୁଛି। କାଞ୍ଚି କାମାକ୍ଷୀ ଦେବୀଙ୍କ ପୂଜା କଲେ ଧନଧାନ୍ୟ ମିଳିବା ସହ ବାଣିଜ୍ୟ ବେପାରରେ ଉନ୍ନତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

## ଲୁହାଙ୍ଗର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ନୂଆଗଡ଼,୭।୧୦

ନୂଆଗଡ଼ ବ୍ଲକ ଅନ୍ତର୍ଗତ ଲୁହାଙ୍ଗର ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମ ସଭାରେ ସ୍ଥାନୀୟ ସରପଞ୍ଚ ସୁବାସିନୀ ମଣ୍ଡଳ ସଭାପତିତ୍ୱ କରିଥିଲେ। ପଞ୍ଚାୟତର ଗ୍ରାମଗୁଡ଼ିକରେ ପଲ୍ଲିସଭା ଆୟୋଜନ କରି ୱାର୍ଡ ଅନୁଯାୟୀ ମୌଳିକ ସମସ୍ୟାଗୁଡ଼ିକର ଯୋଜନା ପ୍ରସ୍ତୁତ କରି ସରପଞ୍ଚଙ୍କୁ ପ୍ରଦାନ କରିଥିଲେ। ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟାର ସମାଧାନ କିପରି କରାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଏହି ଯୋଜନାଗୁଡ଼ିକୁ କିଭଳି ତ୍ୱରିତ ଭାବେ କାର୍ଯ୍ୟକାରୀ ହୋଇପାରିବ ସେ ବିଷୟ ନେଇ ଶ୍ରମଜୀବୀ ଏକତା ଅଭିଯାନ ନୂଆଗଡ଼ ବ୍ଲକ ସଂଯୋଜକ ସୁଶାନ୍ତ କୁମାର ପଟ୍ଟନାୟକ ବୁଝାଇଥିଲେ। ଏଥିରେ ନାଏବ ସରପଞ୍ଚ ରାଜେଶ ମଣ୍ଡଳ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ, ଜିଆରଏସ୍ ୱାଇ.ତ୍ରିପତି, ଗ୍ରାମସଭା ମୋବିଲାଇଜର ମୋନିକା ଲିମା, ସମସ୍ତ ୱାର୍ଡ ସଭ୍ୟା ସଭ୍ୟ, ଏମ୍‌ବିକେ, କୃଷକ ସାଥୀ, ଗାଁ ସାଥୀ ସମେତ ଜନସାଧାରଣ ଉପସ୍ଥିତ ଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ ବୈଠକ ପରିଚାଳନା କରିଥିଲେ।

# ଛଣବଗଡ଼, ତଡ଼ାରେ ବିକାଶ ଅପହଞ୍ଚ

ଦିଗପହଣ୍ଡି,୭।୧୦(ଡି.ଏନ.ଏ.)



ତଡ଼ା ଗ୍ରାମବାସୀଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ।

ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ସେହି ସବୁ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଦିଗପହଣ୍ଡି ବ୍ଲକ ବଡ଼ଡମ୍ବୁଲା ପଞ୍ଚାୟତ ଅଧୀନ ଛଣବଗଡ଼ ଏବଂ ତଡ଼ା ଏହାର ଏକ ଉଦାହରଣ ମାତ୍ର। ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ ଶୁକ୍ରବାର ଏହି ୨ ଗାଁରେ ପହଞ୍ଚିବା ପରେ ତାଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଏହି ୨ ଗ୍ରାମକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ସେ କହିବା ପ୍ରକାରେ ଉଭୟ ଗାଁରେ ୫୬ ପରିବାର ବସବାସ କରୁଥିବା ବେଳେ ଏହି ୨ ଗାଁର ଲୋକମାନେ ବିକାଶ କ'ଣ ଜାଣନ୍ତି ନାହିଁ। ଗ୍ରାମ୍ୟ ସଡ଼କ ନିର୍ମାଣ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ଏହି ୨ ଗାଁକୁ ପକ୍କା ରାସ୍ତାଟିଏ ନାହିଁ। ଗ୍ରାମକୁ ଯିବାକୁ ହେଲେ କନ୍ହେଇ ନାଳ ଡ୍ୟାମର ହିଡ ଦେଇ ପାହାଡିଆ ଘାଟିରେ ରହିଛି ୨ ଚଲାପଥ। ଗାଁର ଚତୁର୍ଦ୍ଦିଗକୁ ଘେରି ରହିଛି କେରାଣ୍ଡି ମାଳ ପାହାଡ଼। ବର୍ଷା ଦିନେ ପାହାଡି ଝରଣା ଜଳରେ ୨ ଗ୍ରାମକୁ ଜଳବନ୍ଦୀ କରିଥାଏ। ଦିଗପହଣ୍ଡି ସଦର ମହକୁମାଠାରୁ ପ୍ରାୟ ୧୩ କିମି ଦୂରରେ ଅବସ୍ଥିତ ଏହି ୨ ଗାଁ। ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ପ୍ରାୟ ୮ କିମି ଦୂରରେ ଅବସ୍ଥିତ ଏହି ଗ୍ରାମରେ ବହୁ ଶିଶୁ ପୁଷ୍ଟିହୀନତାର ଶିକାର ହେଉଥିବା ବେଳେ ଗର୍ଭବତୀମାନଙ୍କ ଅବସ୍ଥା ମଧ୍ୟ ଦୟନୀୟ। ରାସ୍ତା ନଥିବାରୁ ଏଠାକୁ ସ୍ୱାସ୍ଥ୍ୟ ମିଶନର ଜନନୀ ଏକ୍ସପ୍ରେସ ପହଞ୍ଚିପାରେ ନାହିଁ। ରାସ୍ତା ନଥିବାରୁ ରୋଗୀ ଓ ଗର୍ଭବତୀଙ୍କୁ ପାହାଡିଆ ଘାଟି ରାସ୍ତା ପାର କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚାଇବାକୁ ହୁଏ। ଗ୍ରାମବାସୀଙ୍କ ପାଇଁ ପାହାଡି ଝରଣା ହିଁ ଏକମାତ୍ର ଉତ୍ସ। ଜନଜାତି ବର୍ଗର ଲୋକେ ଦୂଷିତ ଜଳ ପାନ କରି ଝାଡ଼ାବାନ୍ତି ଓ ଅନ୍ୟ ସଂକ୍ରାମକ ରୋଗରେ ପ୍ରାଣ ହରାଇଥିବା ନଜିର ରହିଛି। ସମସ୍ତଙ୍କ ପାଇଁ ଶିକ୍ଷା ଯୋଜନା ଏଠାରେ ନିରର୍ଥକ। ୬ରୁ ୧୪ ବର୍ଷର ପ୍ରାୟ ୪୫ରୁ ଅଧିକ ପିଲା ପାଠ ପଢାରୁ ବଞ୍ଚିତ। ଶିକ୍ଷାର ଆଲୋକ ପାଇନଥିବା ପିଲାମାନେ ବହି ସିଲଟ ଧରିବା ବୟସରେ ଗାଁ ନିକଟ ଜଙ୍ଗଲରୁ କାଠ ସଂଗ୍ରହ କରନ୍ତି। ଜୀବନ ଜୀବିକା ସହ ସଂଗ୍ରାମ କରୁଥିବା ଗାଁର ଗରିବ ଲୋକମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ଆଶାଜନକ ସୁଫଳ ପାଇ ପାରୁନାହାନ୍ତି। ଏହି ଯୋଜନା କ'ଣ ସେମାନେ ଜାଣନ୍ତି ନାହିଁ। ଫଳରେ କାମଧନ୍ଦା ନପାଇ ଅନେକ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ୨ଟି ଗ୍ରାମର ଅଧିବାସୀ ଏବେବି ଆଶା ରଖିଛନ୍ତି ସରକାର ଓ ଜିଲା ପ୍ରଶାସନ ଦିନେ ନା ଦିନେ ତାଙ୍କ ଗାଁ ଉପରେ ସୁଦୃଷ୍ଟି ପକାଇବେ। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଏହି ୨ ଗ୍ରାମର ଲୋକଙ୍କୁ ସରକାରଙ୍କ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ସହିତ ସମାଜର ମୁଖ୍ୟ ସ୍ରୋତରେ ଏମାନଙ୍କୁ ସାମିଲ କରିବାକୁ ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଦାବି କରିଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଲେ ଗ୍ରାମବାସୀଙ୍କ ସହାୟତାରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ, ୧୫୨ ଗିରଫ

#### ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ୪୮ ମୋବାଇଲ ଫୋନ ଜବତ

**ଛତ୍ରପୁର,(ଡି.ଏନ୍.ଏ.)/ବ୍ରହ୍ମପୁର ଅଫିସ,୭।୧୦:** କୁମାର ପୂର୍ଣ୍ଣିମା ପୂର୍ବରୁ ଗଞ୍ଜାମ ଜିଲାରେ ଏକାଧିକ ଜୁଆଖେଳ ଚାଲିଛି। ପୋଲିସ ଜୁଆ ଆଡ୍ଡାରେ ଚଢ଼ାଉ କରି ପରମ୍ପରାର ଦ୍ୱାହି ଦେଇ ଏହି ବେଆଇନ ଖେଳରେ ମାତିଥିବା ଲୋକଙ୍କୁ ଧରୁଛି। ଗତ ୨୪ ଘଣ୍ଟାରେ ଗଞ୍ଜାମ ଓ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ବିଭିନ୍ନ ଜୁଆ ଆଡ଼ାରେ ଚଢ଼ାଉ କରାଯାଇ ମୋଟ ୧୫୨ ଜଣଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରେ ଗଞ୍ଜାମ ପୋଲିସ ଜିଲାରୁ ୧୧୨ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କଠାରୁ ୨ ଲକ୍ଷ ୯୭ ହଜାର ୨୭୫ ଟଙ୍କା ଓ ୮ ଟି ମୋବାଇଲ ଜବତ କରାଯାଇଥିବା ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି। ସେହିପରି ବ୍ରହ୍ମପୁର ପୋଲିସ ଜିଲା ଅଧୀନ ୪ଟି ଥାନା ଅଞ୍ଚଳରୁ ୫୦ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧ଲକ୍ଷ ୭୨ ହଜାର ୬୧୦ ଟଙ୍କା ଓ ୪୦ଟି ମୋବାଇଲ ଫୋନ୍ ଜବତ ହୋଇଥିବା ନେଇ ବ୍ରହ୍ମପୁର ଏସପି ଡା. ଶ୍ରବଣା ବିବେକ ଏମ ସୂଚନା ଦେଇଛନ୍ତି। ଆଗକୁ କୁମାର ପୂର୍ଣ୍ଣିମା ଓ ଦୀପାବଳୀ ଥିବାରୁ ଏହି ସ୍ପେଶାଲ ଡ୍ରାଇଭ୍ ଜାରି ରହିବ ବୋଲି କୁହାଯାଇଛି ।

### ଛାତ୍ରୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୭।୧୦:** ବେକରେ ଚାଦର ଲଗାଇ ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଗାଙ୍ଗପୁର ଅଞ୍ଚଳର ଏହି ଛାତ୍ରୀଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସନ୍ଧ୍ୟା ହୋଇଯାଇଥିବାରୁ ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ବଡ଼ ଭଉଣୀଙ୍କ ସହ ଛାତ୍ରୀ ଜଣକ ପଢ଼ାପଢ଼ି ପାଇଁ ସ୍ଥାନୀୟ ଟାଟାବେଞ୍ଜ ଛକରେ ଘରଭଡା ନେଇ ରହୁଥିଲେ। ବଡ଼ ଭଉଣୀ ଶୁକ୍ରବାର ପାରଳା ମହାରାଜା କଲେଜକୁ ରେଳବିଭାଗ ପକ୍ଷରୁ ଅନୁଷ୍ଠିତ ଏକ ପରୀକ୍ଷା ଦେବାପାଇଁ ଯାଇ ଅପରାହ୍ନରେ ଫେରିବାରେ ସାନ ଭଉଣୀ ଭିତରପଟୁ କବାଟ ବନ୍ଦ ରହିଥିବା ଓ ଡାକିଲେ ବି ଦୀର୍ଘ ସମୟ କବାଟ ଖୋଲି ନ ଥିବାରୁ ସନ୍ଦେହ ହୋଇଥିଲା।

ପରେ ଘର ମାଲିକ ପହଞ୍ଚି କବାଟ ଭାଙ୍ଗି ଭିତରକୁ ଯିବାରେ ଛାତ୍ରୀ ଜଣକ ଏକ ଚାଦର ଲଗାଇ ଝୁଲୁଥିବା ଦେଖିଥିଲେ। ତାଙ୍କୁ ଏମକେସିଜି ମେଡିକାଲକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ।ଖବରପାଇ ଛାତ୍ରୀଙ୍କ ବାପା ମେଡିକାଲରେ ପହଞ୍ଚିଥିଲେ। ଏନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି।

### ମନ୍ଦିରରୁ ଚୋରି ଉଦ୍ୟମ ବିଫଳ

**ଗଞ୍ଜାମ,୭।୧୦(ଡି.ଏନ.ଏ.):** ଗଞ୍ଜାମ ସହର ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏଲ୍ଲାମା ମନ୍ଦିରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଥିଲା। ଦୁର୍ବୃତ୍ତମାନେ ମନ୍ଦିରର ଗ୍ରିଲ ତାଲାକୁ ପଥରରେ ପିଟି ଭାଙ୍ଗିବା ପରେ ମନ୍ଦିରରେ ପଶି ଚୋରି କରିବା ପାଇଁ ଉଦ୍ୟମ କରୁଥିଲେ। ଶବ୍ଦ ଶୁଣି ନିକଟରେ ଶୋଇଥିବା ପୂଜକ ଉଠି ପାଟି କରିବାରୁ ଦୁର୍ବୃତ୍ତ ଛତ୍ରଭଙ୍ଗ ଦେଇଥିଲେ। କିଛିଦିନ ତଳେ ମା ବୁଢ଼ୀ ଠାକୁରାଣୀଙ୍କ ନବରାତ୍ର ପୂଜା ପରେ ଭୋରରେ ଦୁର୍ବୃତ୍ତମାନେ ମନ୍ଦିର ମଧ୍ୟରେ ପଶି ହୁଣ୍ଡି ଭାଙ୍ଗି ଟଙ୍କା ଲୁଟି ନେଇଥିଲେ। ସମ୍ପ୍ରତି ସହରାଞ୍ଚଳରେ ଦୁର୍ବୃତ୍ତମାନେ ମନ୍ଦିର ମାନଙ୍କୁ ଟାର୍ଗେଟ କରୁଥିବା ଦେଖାଯାଉଛି।

### ବଡ଼ନଦୀରୁ ବୃଦ୍ଧା ଉଦ୍ଧାର

ଭଞ୍ଜନଗର,୭।୧୦(ଡି.ଏନ୍.ଏ)- ଭଞ୍ଜନଗର ବ୍ଲକ ଗୋଲାପଡା ପଞ୍ଚାୟତ ନାରାୟଣପାଟଣା ଗ୍ରାମର ଜଣେ ବୃଦ୍ଧା ଶୁକ୍ରବାର ସନ୍ଧ୍ୟାରେ ବଡ଼ ନଦୀରୁ ଉଦ୍ଧାର କରାଯାଇଛି। ସେ ହେଲେ ଶୋଭା ପାଣିଗ୍ରାହୀ। ଶୋଭା ନଦୀକୁ ଶୌଚ ପାଇଁ ଯାଇ ଭାସି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ଶୋଭା ସୁଅରେ ଭାସି ଭାସି ପ୍ରାୟ ଦୁଇ କି.ମି. ଚାଲିଯାଇଥିଲେ। ଗୋଲାପଡା ବ୍ରିଜ ନିକଟରେ କେତେଜଣ ଯୁବକ ଶୋଭାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଶୋଭାଙ୍କୁ ଭଞ୍ଜନଗର ମେଡ଼ିକାଲକୁ ଅଣାଯାଇଥିଲା। ସେ ସୁସ୍ଥ ଥିବା ଜଣାପଡିଛି।

# ସ୍ୱଚ୍ଛ ସର୍ବେକ୍ଷଣ: ଚିକିଟି ଏନ୍‌ଏସି ରାଜ୍ୟରେ ପ୍ରଥମ

- ବେଲଗୁଣ୍ଠାକୁ ଚତୁର୍ଥ ସ୍ଥାନ
- ଗଞ୍ଜାମରେ ଆଉ ଏକ ଏନ୍‌ଏସି ଲାଗି ପ୍ରୟାସ ଜାରି: ଜିଲାପାଳ

ଛତ୍ରପୁର,୭।୧୦(ଡି.ଏନ.ଏ)

କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ସ୍ୱଚ୍ଛତା ସର୍ବେକ୍ଷଣ ମାଧ୍ୟମରେ ସହରାଞ୍ଚଳଗୁଡିକର ପରିମଳ ବ୍ୟବସ୍ଥା ଓ ଏହାର ବିଭିନ୍ନ କାର୍ଯ୍ୟକ୍ରମକୁ ସର୍ବେକ୍ଷଣ କରି ପୁରସ୍କୃତ କରାଯାଇଥାଏ। ଏହି କ୍ରମରେ ୨୦୨୨ପାଇଁ ତଥ୍ୟ ସଂଗ୍ରହ କରଯାଇଥିଲା। ଅକ୍ଟୋବର ୧ରେ ଫଳାଫଳ ଘୋଷଣା ହୋଇଛି। ପୁରସ୍କାର ବିତରଣୀରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିଲେ। ସ୍ୱଚ୍ଛ ସର୍ଭେକ୍ଷଣ ଉପରେ ପୂର୍ବାଞ୍ଚଳ ଜୋନର ୧୫,୦୦୦ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳର ଦ୍ରୁତ ପରିମଳ ପରିଚାଳନାରେ ଓଡିଶାରେ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଥମ ସ୍ଥାନ ଅଧିକାର କରିଛି। କେନ୍ଦ୍ରଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ରାଷ୍ଟ୍ରମନ୍ତ୍ରୀ କୌଶଳ କିଶୋର ଓ ସମ୍ମାନିତ ଅତିଥି ଭାବେ ବିଭାଗୀୟ ସଚିବ ମନୋଜ ଯୋଶୀ ପ୍ରଦାନ କରିଥିଲେ। ପୁରସ୍କାରକୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି



ଚିକିଟି ଏନଏସିର ପୁରସ୍କାର ଗ୍ରହଣ କରୁଛନ୍ତି।

ପରିଡ଼ା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଭି. କୀର୍ତ୍ତିଭାସନ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ନଗର ଉନ୍ନୟନ ଅଧିକାରୀ ସଚ୍ଚିଦାନନ୍ଦ ନାୟକ, ଏନଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିକିଟି ଏନ୍‌ଏସି ସମିତ ସଂଗ୍ରାମଜିତ ସାହୁ, ଜିଲା ନଗର ଉନ୍ନୟନ ସଂସ୍ଥା ସାନିଟେସନ ବିଶେଷଜ୍ଞ ଦୀପକ କୋଠିଆ ଓ କନିଷ୍ଠ ସାନିଟେସନ ବିଶେଷଜ୍ଞ ବାଳକୃଷ୍ଣ ନାୟକ ଗ୍ରହଣ କରିଥିଲେ। ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସାରା ଭାରତରେ ଥିବା ୪୩୫୪ ସହର ମଧ୍ୟରୁ ଜାତୀୟ ସ୍ତରରେ ୪୧ ନମ୍ବର ରେ ରହିଥିବା ବେଳେ ଓଡିଶା ର ୧ ନମ୍ବର ସ୍ଥାନରେ ରହିଛି। ଉକ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ଉତ୍ତମ ସିଟିଜେନ ଫିଡବେକ ପାଇଁ ପୁରସ୍କୃତ କରଯାଇଥିଲା। ଭାରତରେ ଥିବା ୪୩୫୪ ସହର ମଧ୍ୟରୁ ଜାତୀୟ ସ୍ତରରେ ୧୧୧ ନମ୍ବର ଓ ଓଡିଶାରରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ପୁରସ୍କୃତ କରାଯାଇଥିଲା। ଉକ୍ତ ପୁରସ୍କାରକୁ ଗଞ୍ଜାମ ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ନଗର ଉନ୍ନୟନ ଅଧିକାରୀ , ଏନଏସି ଅଧ୍ୟକ୍ଷ୍ୟ ଫିରୋଜ ସେଠୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବେଲଗୁଣ୍ଠା ଏନ୍‌ଏସି, ରାକେଶ ପାତ୍ର ଓ କନିଷ୍ଠ ସାନିଟେସନ ବିଶେଷଜ୍ଞ ଜି. ପ୍ରବିନ କୁମାର ଗ୍ରହଣ କରିଥିଲେ। ଆଗାମୀ ଦିନରେ ଆହୁରି ଅଧିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି ଅଭିଯାନ ରେ କିଭଳି ଅଂଶୀଦାର ହୋଇପାରିବେ ସେହି ନିମନ୍ତେ ପ୍ରୟାସ ଜାରି ରହିଛି ବୋଲି ଗଞ୍ଜାମ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

# ରେଶମ ସହରରେ ମା’ଙ୍କୁ ମେଲାଣି

## ୪ ପ୍ଲାଟୁନ ପୋଲିସ ଫୋର୍ସ

ବ୍ରହ୍ମପୁର ଅଫିସ,୭।୧୦

ନବରାତ୍ରଠାରୁ ଦଶମୀ ଯାଏ ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇଥିବା ମା’ ଦୁର୍ଗାଙ୍କୁ ଶୁକ୍ରବାର ମେଲାଣି ଦିଆଯାଇଛି। ରେଶମ ସହର ବ୍ରହ୍ମପୁରରେ ହୋଇଥିବା ୪୦ ଦୁର୍ଗା ମୂର୍ତ୍ତି ଭସାଣି ହୋଇଛି। ବହୁ ଶ୍ରଦ୍ଧାଳୁ ମା’ଙ୍କ ଆଶିଷ କାମନା କରିଥିଲେ। ମୂର୍ତ୍ତି ବିସର୍ଜନ ଲାଗି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ୪ଟି ଅସ୍ଥାୟୀ ପୋଖରୀ କରାଯାଇଥିଲା। ଫାଷ୍ଟ ଗେଟ, ଆମ୍ବପୁଆ ବିବେକ ବିହାର, ଗୋଷାଇଁ ନୂଆଆଗୁଳା ବନ୍ଧ ଓ ନୂଆ ଆମ୍ବବଜାର ନିକଟରେ ଅସ୍ଥାୟୀ ପୋଖରୀ ନିର୍ମାଣ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅପରାହ୍ନ ୪ଟାରୁ ରାତ୍ରି ୯ଟା ଯାଏ ଭସାଣି ସମୟ ଧାର୍ଯ୍ୟ କରାଯାଇଥିଲା। ତଦନୁଯାୟୀ ପୂଜା କମିଟି ପକ୍ଷରୁ ମା’ଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଛି। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ ଅସ୍ଥାୟୀ ପୋଖରୀକୁ ନିକଟକୁ ଯାଇ ତଦାରଖ କରିଥିଲେ।


ନୂଆ ଆମ୍ବ ମାର୍କେଟ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଉଛି।

## ମରାମତି ପାଇଁ ପ୍ରଶାସନ ନିକଟରେ ଅଞ୍ଚଳବାସୀଙ୍କ ଗୁହାରି

ଆର.ଉଦୟଗିରି, ୭।୧୦(ଡି.ଏନ.ଏ.)

ରାଜ୍ୟ ସରକାର ପ୍ରତି ଗ୍ରାମ ଓ ସହରାଞ୍ଚଳ ପାଇଁ ଉନ୍ନତ ଓ ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। କିନ୍ତୁ ଏଠାରେ ଚିତ୍ର କହୁଛି ଅନେକ କଥା। ଲୋକମାନଙ୍କୁ ପ୍ରତିଦିନ ମରଣ ସହ ସାମ୍ନା କରିବାକୁ ପଡୁଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ଗଜପତି, ଗଞ୍ଜାମ ଓ ରାୟଗଡା ଜିଲାକୁ ସଂଯୋଗ କରୁଥିବା ମୁଖ୍ୟ ରାଜରାସ୍ତା ୩୨୬ରେ। ମୋହନା ବ୍ଲକ ଖାରୀଗୁଡା ପଞ୍ଚାୟତ ନିକଟରେ ଏହି ଗ୍ରାମରେ ଥିବା ଏକ ଶଙ୍ଖଠାରେ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଯାହାକି ସାଧାରଣ ଲୋକଙ୍କ ଯାତାୟାତରେ ବାଧାପ୍ରାପ୍ତ ହେଉଛି। ପ୍ରତ୍ୟେକ ଦିନ ସେହି ଗର୍ତ୍ତ ରାସ୍ତା ଦେଇ ଲୋକମାନଙ୍କୁ ଯିବାକୁ ପଡୁଛି। ଯାହାକି ଏହି ଅସୁବିଧା ନେଇ କେତେ ନିରୀହ ଲୋକ ଅକାରଣେ ମୃତ୍ୟୁବରଣ କରୁଛନ୍ତି। ଖାଲି ସେତିକି ନୁହେଁ ବହୁ ଦୁର୍ଘଟଣାର ଲୋକେ ସାମ୍ନା କରୁଛନ୍ତି। ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଅସୁବିଧା ହୋଇଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଯଥାଶ୍ରୀଘ୍ର ରାସ୍ତା ମରାମତି କଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ ବୋଲି ପ୍ରଶସାନ ନିକଟରେ ଦାବି କରିଛନ୍ତି।

## ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ

ଆର.ଉଦୟଗିରି, ୭।୧୦(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ କେ.ଏମ.ଭାଲିଆସାହି ଉଚ୍ଚ ବିଦ୍ୟାଳୟରେ ୬୮ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବନ ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ସ୍ଥାନୀୟ ଗ୍ରାମବାସୀ ଓ ମହିଳା ମଣ୍ଡଳକୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ଏହାର ଆୟୋଜନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ ଛୁଟି ସହ ବର୍ଷା ହେତୁ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିନଥିଲେ।

# ଗଞ୍ଜାମ ପ୍ରତିଯୋଗୀଙ୍କ ଝାରସୁଗୁଡ଼ା ଯାତ୍ରା

## ପେନ୍‌କାକ ସିଲାଟ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୭।୧୦

ପଞ୍ଚମ ରାଜ୍ୟସ୍ତରୀୟ ପେନକାକ ସିଲାଟ ପ୍ରତିଯୋଗିତା-୨୦୨୨ ଶନିବାର ଓ ରବିବାର ଦୁଇଦିନ ବ୍ୟାପି ଝାରସୁଗୁଡ଼ା ଜିଲା ମଙ୍ଗଳବଜାର ନିକଟସ୍ଥ ଅଡ଼ିଟୋରିୟମ ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଗଞ୍ଜାମ ଜିଲା ପେନକାକ ସିଲାଟ ସଂଘ ପକ୍ଷରୁ ପ୍ରତିଯୋଗୀମାନେ ଶୁକ୍ରବାର ଝାରସୁଗୁଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ବରିଷ୍ଠ ବାଳକ ବର୍ଗରେ ଆର୍ଯ୍ୟନ ବିଷୋୟୀ, କନିଷ୍ଠ ବର୍ଗରେ ପି.ଇପ୍ସିତା, ଏ.କମଲ ପାତ୍ର, କାହ୍ନା ବେହେରା, ସୁରଜ ମହାରଣା, ଆୟୁଷ ମହାରଣା, ଶ୍ରୀତମ ସେଠୀ, ବୈଭବ ଆଦିତ୍ୟ ସାହୁ ୭ବର୍ଷରୁ କମ ବର୍ଗରେ ସ୍ନେହାଞ୍ଜଳି ସାହୁ ପ୍ରମୁଖ ରାଜ୍ୟ ସ୍ତରୀୟ ପେନକାକ ସିଲାଟ ପ୍ରତିଯୋଗିତାରେ ଗଞ୍ଜାମ ଜିଲାକୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗୀଙ୍କୁ ଜିଲା ପେନକାକ ସିଲାଟ ସଂଘ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।


ଝାରସୁଗୁଡ଼ା ଅଭିମୁଖେ ଯାତ୍ରା କରିଥିବା ପ୍ରତିଯୋଗୀମାନେ।

# ଜିଲାସ୍ତରୀୟ କଲର ବେଲ୍ଟ ପ୍ରତିଯୋଗିତା


ପ୍ରତିଯୋଗୀମାନେ।

ବ୍ରହ୍ମପୁର ଅଫିସ,୭।୧୦

ବ୍ରହ୍ମପୁର ଟୁଡ଼େସ ଟାଏକୋଣ୍ଡୋ ଏକାଡେମୀ ପକ୍ଷରୁ ଦ୍ୱିତୀୟ ଟାଏକୋଣ୍ଡୋ ଜିଲାସ୍ତରୀୟ କଲର ବେଲ୍ଟ ପ୍ରତିଯୋଗିତା ଶୁକ୍ରବାର ହାତୀବନ୍ଧ ସାହିରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ପ୍ରଶିକ୍ଷକ ତଥା ଓଡିଶା ଟାଏକୋଣ୍ଡୋ ସଂଘର ସହ ସମ୍ପାଦକ କେ. ମନୋଜ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆନ୍ତର୍ଜାତିକ କୋଚ ତଥା ଓଡିଶା ଟାଏକୋଣ୍ଡୋ ସମ୍ପାଦକ ମନମୋହନ ଭଞ୍ଜ ବିଚାରକ ଭାବେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଟାଏକୋଣ୍ଡୋ ପ୍ରଶିକ୍ଷଣ କେନ୍ଦ୍ରରୁ ୧୨୦ ଜଣ ପ୍ରଶିକ୍ଷାର୍ଥୀ ଅଂଶ ଗ୍ରହଣ କରିଥିଲେ। ଏଥିସହ ୬ ଜଣ ବ୍ଲାକ ବେଲ୍ଟ ପ୍ରଶିକ୍ଷାର୍ଥୀ ମଧ୍ୟ ପ୍ରତିଯୋଗିତା କରିଥିଲେ। ପ୍ରଶିକ୍ଷାର୍ଥୀଙ୍କ ପ୍ରାକ୍ଟିକାଲ ଓ ଥିଓରି ପରୀକ୍ଷା ହୋଇଥିଲା। ବିନାୟକ ସେଲେବ୍ରେସନର ମୁଖ୍ୟ ରଶ୍ମିରଞ୍ଜନ ଦାଶ, ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର ସଭାପତି ଅରୁଣ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। କୋଚ ଇ. ଲଳିତ କୁମାର, ଅମ୍ବିକା ପ୍ରସାଦ ଦାସ, ସି.ଏଚ ପ୍ରସାଦ ନାୟକ, ବାସୁଦେବ ନାୟକ, ଶୁଭଶ୍ରୀ ପାଢୀ, ପି ଅଭିମନ୍ୟୁ ରେଡ୍ଡୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com


@ଚନ୍ଦନ


@ ବିଟୁ


@ ପାୟଲ


@ ଗୌରୀ


@ ଶ୍ୟାମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

## ଗଞ୍ଜାମରେ ଅଣାୟତ୍ତ ହେଉଛି ଡେଙ୍ଗୁ

ବ୍ରହ୍ମପୁର ଅଫିସ,୭।୧୦

ଗଞ୍ଜାମ ଜିଲାରେ ୨୦୨୦ରେ ୯ ଜଣ ଡେଙ୍ଗୁ ରୋଗୀ ଥିବା ବେଳେ ଚଳିତବର୍ଷ ଏ ପର୍ଯ୍ୟନ୍ତ ପଜିଟିଭ୍ ସଂଖ୍ୟା ୧୧୧ରେ ପହଞ୍ଚିଛି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଚିନ୍ତାର କାରଣ ହୋଇଛି। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ଡେଙ୍ଗୁର ବାହାକ ଏଡିସ୍ ମଶା ସୃଷ୍ଟି ହୋଇ ରୋଗର କାରଣ ସାଜୁଛି। ଅନ୍ୟପଟେ ଏମକେସିଜି ମେଡିକାଲର ରକ୍ତ ଭଣ୍ଡାରରେ ନେଗେଟିଭ୍ ଗ୍ରୁପ୍ ପ୍ଲେଟ୍ଲେଟ୍ ଅଭାବ ସମସ୍ୟା ସୃଷ୍ଟି ହୋଇଛି। ଗଞ୍ଜାମ ଜିଲାର ଆନ୍ଧ୍ର ସୀମାନ୍ତ ପାତ୍ରପୁର ବ୍ଲକରେ ସ୍ଥିତି ସଙ୍ଗୀନ ହୋଇପଡ଼ିଛି। ଏହି ବ୍ଲକରୁ ବର୍ତ୍ତମାନ ସୁଦ୍ଧା ୨୩ଜଣ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହେଲେଣି। ଏପରିକି ଏହି ବ୍ଲକର ଜଣେ ଯୁକ୍ତ ୨ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେ ଡେଙ୍ଗୁରେ ଆକ୍ରାନ୍ତ ଥିବା ସନ୍ଦେହ କରି ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ବ୍ରହ୍ମପୁର ସହରର ଯୁବ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ଜାତୀୟ ମାନବ ଅଧିକାର କମିଶନ୍ (ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ପିଟିସନ୍ ରୁଜୁ କରିଥିଲେ। ଏନ୍‌ଏଚ୍‌ଆରସି ଏହି ପିଟିଶନର ଶୁଣାଣି କରିଥିଲା। ୮ସପ୍ତାହ ମଧ୍ୟରେ ସମସ୍ୟା ସମାଧାନ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ଏଚ୍‌ଆରସି ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

**ଷ୍ଟକ୍ ମାର୍କେଟ୍‌ରେ ୭ ଲକ୍ଷ ହାରିବା ପରେ ବାପାଙ୍କୁ ହତ୍ୟା**

ଦିଲ୍ଲୀର ଫତେହ ନଗରରେ ରହୁଥିବା ଜଶଦୀପ ଷ୍ଟକ୍ ମାର୍କେଟ୍‌ରେ ୭ ଲକ୍ଷ ଟଙ୍କା ହାରିବା ପରେ ତାଙ୍କ ବାପାଙ୍କୁ ହତ୍ୟା କରି ଗିରଫ ହୋଇଛନ୍ତି। ଷ୍ଟକ୍ ମାର୍କେଟ୍ ପାଇଁ ସେ ଘରେ ଟଙ୍କା ମାଗିଥିଲେ। ମାବାପା ମନା କରିବାରୁ ଜଶଦୀପ ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବାପା ସ୍ୱର୍ଣ୍ଣଜିତ ଓ ମା' ଅଜିନ୍ଦରଙ୍କୁ ଗୁରୁତର ଅବସ୍ଥାରେ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଜଶଦୀପଙ୍କ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ମା' ଗୁରୁତର ଥିବା ଡେପୁଟି କମିଶନର ଘନଶ୍ୟାମ ବନସାଲ କହିଛନ୍ତି।



## ସଂକ୍ଷେପରେ

### ଟ୍ୟାଙ୍କ ବ୍ୟାରେଲରେ ବିସ୍ଫୋରଣ: ୨ ଯବାନ ମୃତ

**ଲକ୍ଷ୍ନୌ,୭।୧୦:** ଉତ୍ତରପ୍ରଦେଶର ଝାନ୍ସୀ ଜିଲାରେ ଟି-୯୦ ଭୀଷ୍ମ ଟ୍ୟାଙ୍କ୍ ବ୍ୟାରେଲରେ ବିସ୍ଫୋରଣ ହେବାରୁ ସୈନ୍ୟବାହିନୀର ଜଣେ କମାଣ୍ଡର ଏବଂ ଜଣେ ଗନର୍ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ ଟ୍ୟାଙ୍କ୍ ଡ୍ରାଇଭର ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସେନାର ୫୫ ସଶସ୍ତ୍ର ରେଜିମେଣ୍ଟ ଏକ ବାର୍ଷିକ ସମରାଭ୍ୟାସରେ ନିୟୋଜିତ ଥିବାବେଳେ ଗୁରୁବାର ସନ୍ଧ୍ୟା ୭ଟାରେ ବବିନା ଫିଲ୍ଡ ଫାୟାରିଂ ରେଞ୍ଜ୍‌ର ପଏଣ୍ଟ ୬ଏ'ରେ ଏହି ଦୁର୍ଘଟଣା ଘଟିଥିଲା। ପୋଲିସ କହିବା ଅନୁଯାୟୀ, ଟ୍ୟାଙ୍କ ବ୍ୟାରେଲ ବିସ୍ଫୋରଣ ହେବାରୁ ଏହାର ୩ ଜଣ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କୁ ବବିନା ମିଲିଟାରି ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ମୃତକ ହେଲେ ରାଜସ୍ଥାନର ନାଏବ ସୁବେଦାର ସୁମେର ସିଂ ବାଗାରିଆ ଏବଂ ପଶ୍ଚିମବଙ୍ଗର ସୁକାନ୍ତ ମଣ୍ଡଳ। ଆହତ ଡ୍ରାଇଭର ଜଣକ ହେଲେ ଉତ୍ତରପ୍ରଦେଶର ଲାନ୍ସ ଦଫାଦର ପ୍ରଦୀପ ସିଂ ଯାଦବ। ଦୁର୍ଘଟଣାର କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି।

### ପାକ୍ ଜେଲରେ ୯ ମାସରେ ୬ ଭାରତୀୟ ବନ୍ଦୀଙ୍କ ମୃତ୍ୟୁ


**ନୂଆଦିଲ୍ଲୀ,୭।୧୦:** ପାକିସ୍ତାନ ଜେଲ୍‌ରେ ଗତ ୯ ମାସ ମଧ୍ୟରେ ୬ ଜଣ ଭାରତୀୟ ବନ୍ଦୀଙ୍କ ମୃତ୍ୟୁ ଘଟିଲାଣି। ଏହା ଅତ୍ୟନ୍ତ ଭୟାବହ ଘଟଣା ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପାକିସ୍ତାନ ଜେଲରେ ପ୍ରାଣ ହରାଇଥିବା ୬ ଭାରତୀୟଙ୍କ ମଧ୍ୟରୁ ୫ ଜଣ ମତ୍ସ୍ୟଜୀବୀ। ସେମାନଙ୍କ ଜେଲଦଣ୍ଡ ଅବଧି ଶେଷ ହୋଇଥିଲେ ହେଁ, ବେଆଇନ ଭାବେ ସେମାନଙ୍କୁ ଅଟକ ରଖାଯାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ବନ୍ଦୀମାନଙ୍କ ସୁରକ୍ଷା ଓ ନିରାପତ୍ତା ରକ୍ଷା ଦାୟିତ୍ୱ ପାକିସ୍ତାନର। ଇସ୍‌ଲାମାବାଦରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ପାକ୍ ସରକାରଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଇବେ ବୋଲି ବାଗ୍‌ଚୀ କହିଛନ୍ତି। ଅନ୍ତର୍ଜାତୀୟ ଜଳସୀମାରେ ବୁଡ଼ିଯାଉଥିବା ୬ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଇଥିବା ପାକ୍ କର୍ତ୍ତୃପକ୍ଷ ଦାବି କରିବା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଉପରୋକ୍ତ ବିବୃତି ଦେଇଛି।

### ଭିନ୍ନ ସମ୍ପ୍ରଦାୟରେ ପ୍ରେମ ପାଇଁ ଯୁବକଙ୍କୁ ଜାଳିଦେଲେ

### ୧୧ ଗିରଫ

**ବୋକାରୋ,୭।୧୦:** ଝାଡ଼ଖଣ୍ଡର ମହୁଆତଣ୍ଡ ଥାନା ଅନ୍ତର୍ଗତ ଧଧ୍ୱାଇଆ ଗ୍ରାମରେ ଭିନ୍ନ ସମ୍ପ୍ରଦାୟରେ ପ୍ରେମ ସମ୍ପର୍କ ରଖିଥିବା ଜଣେ ଯୁବକଙ୍କୁ ଗ୍ରାମବାସୀ ପୋଡ଼ି ମାରିଦେଇଛନ୍ତି। ଏହି ଘଟଣାରେ ଝାଡ଼ଖଣ୍ଡ ପୋଲିସ ୧୧ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୃତକ ଜଣକ ମୁସଲମାନ ହୋଇଥିବାବେଳେ ସେ ଭିନ୍ନ ସମ୍ପ୍ରଦାୟର ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଏହି ଖବର ଜଣାପଡ଼ିବା ପରେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ଗୁରୁବାର ସ୍ଥାନୀୟ ଲୋକେ ଯୁବକଙ୍କ ଉପରେ ଆକ୍ରମଣ କରିଥିଲେ ବୋଲି ବୋକାରୋ ଏସ୍‌ପି କହିଛନ୍ତି। ଗୁରୁତର ଅବସ୍ଥାରେ ଯୁବକ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ମଇଁଷିଙ୍କୁ ଧକ୍କାଦେବାର ଦିନକ ପରେ ଗାଈକୁ ପିଟିଲା ବନ୍ଦେ ଭାରତ ଏକ୍ସପ୍ରେସ୍




**ନୂଆଦିଲ୍ଲୀ,୭।୧୦:** ମଇଁଷି ପଲଙ୍କୁ ଧକ୍କା ଦେବାର ଦିନକ ପରେ ଗାନ୍ଧୀନଗର-ମୁମ୍ବାଇ ବନ୍ଦେ ଭାରତ ଏକ୍ସପ୍ରେସ୍ ଶୁକ୍ରବାର ଗୁଜରାଟର ଆନନ୍ଦ ଷ୍ଟେଶନ ନିକଟରେ ଏକ ଗାଈକୁ ଧକ୍କା ଦେଇଛି। ଫଳରେ ଟ୍ରେନ୍ ସମ୍ମୁଖ ବମ୍ପର ଚାପିହୋଇ ଯାଇଛି। ଏହି ଦୁର୍ଘଟଣା ଯୋଗୁ ଏକ୍ସପ୍ରେସ୍ ଟ୍ରେନ୍ ସେଠାରେ ୧୦ ମିନିଟ ଅଟକି ରହିଥିଲା। ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଚଳାଚଳ ଶୁଭାରମ୍ଭ କରିବା ସହ ଏଥିରେ ଯାତ୍ରା କରିଥିଲେ। ଗୁରୁବାର ଉକ୍ତ ଟ୍ରେନ୍ ଏକ ମଇଁଷି ପଲଙ୍କୁ ଧକ୍କା ଦେବାରୁ ଏହାର ସମ୍ମୁଖ ଭାଗ କ୍ଷତଗ୍ରସ୍ତ ହୋଇଥିଲା। ସଙ୍ଗେ ସଙ୍ଗେ ଟ୍ରେନ୍‌କୁ ମରାମତି କରାଯାଇଥିବାବେଳେ ମଇଁଷି ମାଲିକଙ୍କ ବିରୋଧରେ ଏତଲା ଦିଆଯାଇଛି।

# ରାଜା ଚୋଳଙ୍କ ଶାସନକାଳରେ ହିନ୍ଦୁଧର୍ମ ନ ଥିଲା: କମଲ ହାସନ



ଚେନ୍ନାଇ,୭।୧୦


ରାଜା ଚୋଳଙ୍କ ଶାସନକାଳରେ ହିନ୍ଦୁ ନାମରେ କୌଣସି ଧର୍ମ ନ ଥିବା ତାମିଲ ତଥା ବଲିଉଡ୍ ଅଭିନେତା କମଲ ହାସନ କହିଛନ୍ତି। ଭଇନାଭମ୍, ଶୈବମ୍ ଓ ଭିନାଭମ୍ ନାମରେ ୩ଟି ଧର୍ମ ଚୋଳ ରାଜାଙ୍କ ସମୟରେ ଥିଲେ। ବ୍ରିଟିଶ୍‌ମାନେ ଭାରତକୁ ଶାସନ କରିବା ସମୟରେ ଥୁଥୁକୁଡ଼ିର ନାମ ପରିବର୍ତ୍ତନ କରି ଟୁଟିକୋରିନ୍ କଲାଭଳି ହିନ୍ଦୁ ଶବ୍ଦର ପ୍ରଚଳନ ସେମାନଙ୍କ ଦ୍ୱାରା କରାଯାଇଛି, ଯାହାର ପ୍ରକୃତ ଅର୍ଥ ବ୍ରିଟିଶମାନେ ମଧ୍ୟ ଜାଣି ନ ଥିବା ସେ ପ୍ରକାଶ କରିଛନ୍ତି। ମଣି ରତ୍ନମଙ୍କ ପାନ୍ ଇଣ୍ଡିଆ ଫିଲ୍ମ 'ପୋନ୍ନିୟିନ ସେଲଭାନ୍-୧' ରିଲିଜ୍‌ର ଗୋଟିଏ ଦିନ ପରେ ଜାତୀୟ ପୁରସ୍କାର ବିଜେତା ଭେଟ୍ରିମାରାନ କହିଥିଲେ, ରାଜା ଚୋଳ ଜଣେ ହିନ୍ଦୁ ନ ଥିଲେ, କିନ୍ତୁ ଭାଜପା ଆମ ପରିଚୟକୁ ଚୋରି କରିବାକୁ ଚାହୁଁଛି। ଏହାପୂର୍ବରୁ ଗୈରିକ ଦଳ ତାମିଲ କବି ତିରୁଭଲ୍ଲୁଭରଙ୍କୁ ନେଇ ଧ୍ରୁବୀକରଣ ରାଜନୀତି କରିଆସିଛି। ଆମେ ଏହାକୁ ଆଦୌ ବରଦାସ୍ତ କରିବୁ ନାହିଁ ବୋଲି ସେ କହିଥିଲେ। ଏହାପରେ ଭେଟ୍ରିମାରାନଙ୍କ ସମର୍ଥନ କରି କମଲ ନିଜ ମନ୍ତବ୍ୟ ରଖିଛନ୍ତି। ଅନ୍ୟପକ୍ଷେ ଶାସକ ଦଳ ଏହାର ବିରୋଧ କରିଛି। ରାଜା ଚୋଳ ଜଣେ ହିନ୍ଦୁ । ଭେଟ୍ରିମାରାନଙ୍କ ପରି ଇତିହାସରେ ବିଜ୍ଞ ନୁହେଁ ବୋଲି ଭାଜପା ନେତା ଏଚ୍. ରାଜା କହିଛନ୍ତି। ରାଜା ଚୋଳ ଦୁଇଟି ଚର୍ଚ୍ଚ ଓ ଗୋଟିଏ ମସ୍‌ଜିଦ୍ ତିଆରି କରିବା ସହ ସେ ନିଜକୁ ଶିବପଡ଼ା ଶେକରନ ବୋଲି କହୁଥିଲେ। ରାଜାଙ୍କ ଶାସନକୁ ନେଇ ତାମିଲନାଡୁରେ ବିବାଦ ପ୍ରଥମ ନୁହେଁ ଏହା ପୂର୍ବରୁ ୨୦୧୯ରେ ଫିଲ୍ମ ନିର୍ଦ୍ଦେଶକ ରଣଜିତ ରାଜାରାଜା ଚୋଳ ଦଳିତମାନଙ୍କ ଉପରେ ଅତ୍ୟାଚାର କରୁଥିବା କହିଥିଲେ।




ହିଜାବ ପିନ୍ଧି ନ ଥିବା ଇରାନର ୨୨ ବର୍ଷୀୟା ମହସା ଅମିନୀ ମୋରାଲ ପୋଲିସ ଆକ୍ରମଣରେ ପ୍ରାଣ ହରାଇଥିଲେ। ଏହାର ପ୍ରତିବାଦରେ ବିଶ୍ୱବ୍ୟାପୀ ହିଜାବ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଇରାନୀ ମହିଳାଙ୍କୁ ସମର୍ଥନ ଜଣାଇ ରୋମ୍‌ର ପ୍ୟାଜା ଡେଲ୍ କ୍ୟାମ୍ପିଡୋଗ୍ଲିଓରେ ବିକ୍ଷୋଭକାରୀ ପ୍ଲାକାର୍ଡ ଦେଖାଉଛନ୍ତି।

# ପୁଟିନ୍‌ଙ୍କୁ ଜନ୍ମଦିନ ଝଟକା

ଓସ୍‌ଲୋ/ଜେନେଭା/ମସ୍କୋ,୭।୧୦



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଜନ୍ମଦିନରେ ଲାଗିଛି ଦୁଇଟି ବଡ଼ ଝଟକା। ୟୁକ୍ରେନ୍ ସହ ପ୍ରାୟ ୭ ମାସର ଯୁଦ୍ଧ ପରେ ଷ୍ଟ୍ରଙ୍ଗ୍‌ମ୍ୟାନ୍ ପୁଟିନ୍ ଶୁକ୍ରବାର ୭୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ସମର୍ଥକ ଓ ସହଯୋଗୀ ରାଷ୍ଟ୍ରଗୁଡ଼ିକରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଥିବାବେଳେ ମାନବାଧିକାର ଉଲ୍ଲଂଘନକାରୀ ପୁଟିନ୍‌ଙ୍କୁ ଦର୍ପଣ ଦେଖାଇବା ଭଳି ପଦକ୍ଷେପ ନେଇଛି ନରୱେଜିଆନ୍ ନୋବେଲ କମିଟି ଏବଂ ଜାତିସଂଘ।

ଶୀତଳ ଯୁଦ୍ଧ ସମୟରେ ଆଗଧାଡ଼ିର ସୋଭିଏତ୍ ବିରୋଧୀ ଆଲେକ୍‌ଜାଣ୍ଡାର ସୋଲଝେନିତ୍‌ସିନ୍ ସାହିତ୍ୟ(୧୯୭୦) ଏବଂ ଆଣ୍ଡ୍ରେଇ ଶାଖରୋଭ୍ ଶାନ୍ତି (୧୯୭୫)ରେ ନୋବେଲ ପୁରସ୍କାର ଲାଭ କରିଥିଲେ। ନରୱେଜିଆନ୍ ନୋବେଲ କମିଟି ଏହାକୁ ଅନୁସରଣ କରି ତିନି ପଡ଼ୋଶୀ ବେଲାରୁଷ, ରୁଷିଆ ଓ ୟୁକ୍ରେନ୍‌ରେ ମାନବ ଅଧିକାର ପାଇଁ ଲଢ଼େଇ କରୁଥିବା ଜଣେ ବ୍ୟକ୍ତି ଏବଂ ଦୁଇଟି ସଙ୍ଗଠନକୁ ଶାନ୍ତି ପୁରସ୍କାର ଦେବା ଲାଗି ଶୁକ୍ରବାର ଘୋଷଣା କରିଛି। ଏହି ଘୋଷଣାର କିଛି ସମୟ ପରେ ଜାତିସଂଘର ସର୍ବୋଚ୍ଚ ମାନବ ଅଧିକାର ସଂସ୍ଥା ରୁଷିଆ ବିରୋଧରେ ବିଶେଷଜ୍ଞଙ୍କୁ ନିଯୁକ୍ତ କରିବାକୁ ରାଜି ହୋଇଛି, ଯିଏକି ଦେଶରେ ମନମୁଖି ଗିରଫଦାରି, ବିରୋଧୀଙ୍କ ଉପରେ ଦମନଲୀଳା ଆଦିକୁ ନେଇ ତଦନ୍ତ କରିବେ। ୪୭ ସଦସ୍ୟ ବିଶିଷ୍ଟ ଜାତିସଂଘ ମାନବ ଅଧିକାର ପରିଷଦ(ୟୁଏନ୍‌ଏଚ୍‌ଆର୍‌ସି)ରେ ଗତ ସପ୍ତାହରେ ଆଗତ ଏହି ପ୍ରସ୍ତାବକୁ ହଙ୍ଗେରି ବ୍ୟତୀତ ୟୁରୋପୀୟ ସଂଘ(ଇୟୁ)ର ମସସ୍ତ ରାଷ୍ଟ୍ର ପାରିତ କରିଛନ୍ତି। ୨୪ ସଦସ୍ୟ ଅନୁପସ୍ଥିତ ଥିବାବେଳେ ପ୍ରସ୍ତାବ ସପକ୍ଷରେ ୧୭ ଓ ବିରୋଧରେ ୬ ଭୋଟ ପଡ଼ିଛି। ରୁଷିଆରେ ବିରୋଧୀଙ୍କ ସ୍ୱରକୁ ଚପାଇବା ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ରୁଷୀୟ ସେନା ବିରୋଧରେ 'ମିଛ ଖବର' ପ୍ରସାରକୁ ଆପରାଧ ରୂପେ ପରିଗଣିତ କରିବା ଭଳି ଆଇନ ଅଣାଯାଇଛି। ଏହି ପରିପ୍ରେକ୍ଷୀରେ ରୁଷିଆ ବିରୋଧରେ ତଦନ୍ତ ପାଇଁ ଜାତିସଂଘ ଆଗଭର ହେବା ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ପଦକ୍ଷେପକୁ ରୁଷୀୟ ପ୍ରତିନିଧି ଜେନାଡି ଗଟିଲୋଭ୍ କଡ଼ାଭାଷାରେ ନିନ୍ଦା କରିଛନ୍ତି। ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ୟୁଏନ୍‌ଏଚ୍‌ଆର୍‌ସିକୁ ନିଜ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ବ୍ୟବହାର କରୁଛନ୍ତି ଏହା ତାହାର ଏକ ଉଦାହରଣ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ରୁଷିଆ ଗତବର୍ଷ ଯାଏ ମାନବାଧିକାର ପରିଷଦର ସଦସ୍ୟ ଥିଲା। ୟୁକ୍ରେନ୍ ଉପରେ ଆକ୍ରମଣ ପରେ ଜାତିସଂଘ ସାଧାରଣ ସଭାରେ ଭାଗ ନ ନେଇ ସ୍ୱତଃ ଏହି ସଦସ୍ୟତା ହରାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଫେବୃୟାରୀ ୨୪ରେ ଯୁଦ୍ଧ ଘୋଷଣା କରିବା ପରଠାରୁ ଅନେକ ନିରୀହଙ୍କ ଜୀବନ ଗଲାଣି। ଉଭୟ ରୁଷିଆ ଓ ୟୁକ୍ରେନ୍‌ରେ ମାନବାଧିକାର ଉଲ୍ଲଂଘନର ଅସଂଖ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳୁଥିବାବେଳେ ଦୁଇଟି ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ପୁଟିନ୍‌ଙ୍କୁ ଝଟକା ଲାଗିଛି। ତାହା ପୁଣି ତାଙ୍କ ଜନ୍ମଦିନରେ।

## ପରାଜୟ ଆସନ୍ନ, କମାଣ୍ଡର ବହିଷ୍କୃତ

ୟୁକ୍ରେନ୍ ବିରୋଧରେ ଚଳାଇଥିବା ଯୁଦ୍ଧରେ ରୁଷିଆର ପରାଜୟ ଆସନ୍ନ। ଅନେକ ଅଞ୍ଚଳରୁ ୟୁକ୍ରେନୀୟ ସୈନ୍ୟ ରୁଷୀୟ ପ୍ରତିପକ୍ଷଙ୍କୁ ଘଉଡ଼ାଇ ଦେଇଥିବାରୁ ମସ୍କୋ ନିଜ କମାଣ୍ଡରମାନଙ୍କ ଉପରେ ଦାଉ ସାଧୁଛି। ୟୁକ୍ରେନୀୟ ସୈନ୍ୟଙ୍କଠାରୁ ତଡ଼ା ଖାଇବା ପରେ ରୁଷିଆ ଅନେକ ହଜାର ବର୍ଗ କି.ମି. ଅଞ୍ଚଳ ଉପରୁ କର୍ତ୍ତୃତ୍ୱ ହରାଇଛି। ଏଥିପାଇଁ ଇଷ୍ଟର୍ନ ମିଲିଟାରି ଡିଷ୍ଟ୍ରିକ୍ଟ କଲୋନେଲ ଆଲେକ୍‌ଜାଣ୍ଡାର ଚାଇକୋଙ୍କୁ ଦାୟୀ କରି ପଦରୁ ବହିଷ୍କାର କରିଛି। ତାଙ୍କ ସ୍ଥାନରେ ଲୁଟ୍‌ନାଣ୍ଟ ଜେନେରାଲ ରୁସ୍ତମ ମୁରାଡୋଭଙ୍କୁ ନୂଆ କମାଣ୍ଡର ନିଯୁକ୍ତ କରାଯାଇଛି। ମୁରାଡୋଭଙ୍କ ବିରୋଧରେ ଗତ ଫେବୃୟାରୀରେ ୟୁରୋପୀୟ ସଂଘ କଟକଣା ଜାରି କରିଥିଲା।

## ଚେତାଇଲେ ବାଇଡେନ୍

ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଉଭୟ ଦେଶ ଭିତରେ ଓ ବାହାରେ କଡ଼ା ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ନିଜ ୨୩ ବର୍ଷର ଶାସକ କାଳରେ ତାଙ୍କୁ ଏପରି ସଙ୍କଟର ସାମ୍ନା କରିବାକୁ ପଡ଼ି ନ ଥିଲା। ଇତିମଧ୍ୟରେ ପୁଟିନ୍‌ଙ୍କ ପରମାଣୁ ଅସ୍ତ୍ର ପ୍ରୟୋଗକୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ସମାଲୋଚନା କରିଛନ୍ତି। ନ୍ୟୁୟର୍କରେ ବାଇଡେନ୍ କହିଛନ୍ତି,୧୯୬୨ରେ ପୂର୍ବତନ ରାଷ୍ଟ୍ରପତି ଜନ୍ କେନେଡିଙ୍କ ଅମଳରେ କ୍ୟୁବାର ମିଶାଇଲ ସଙ୍କଟ ପରେ ପ୍ରଥମ ଥର ପାଇଁ ଆମ ଆଡ଼କୁ ଏକ ପ୍ରତ୍ୟକ୍ଷ ବିପଦ ମାଡ଼ିଆସୁଛି। ଏଥିପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। କାରଣ ପୁଟିନ୍‌ଙ୍କ ଆଣବିକ, ଜୈବିକ, ରାସାୟନିକ ଅସ୍ତ୍ର ପ୍ରୟୋଗ ଧମକ ଏକ ବ୍ୟଙ୍ଗ ନୁହେଁ।

### ଅବକାରୀ ନୀତି ମାମଲା

## ଦିଲ୍ଲୀ, ପଞ୍ଜାବର ୩୫ ସ୍ଥାନରେ ଇଡି ଚଢ଼ାଉ

ନୂଆଦିଲ୍ଲୀ,୭।୧୦

ଦିଲ୍ଲୀ ଅବକାରୀ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଦିଲ୍ଲୀ-ଏନ୍‌ସିଆର୍, ପଞ୍ଜାବ ଏବଂ ହରିୟାଣାର ୩୫ଟି ସ୍ଥାନରେ ଚଢ଼ାଉ କରିଛି। ଦିଲ୍ଲୀ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କ ବିରୋଧରେ ପ୍ରମାଣ ଖୋଜି ବାହାର କରିବା ଲାଗି ୩୦୦ରୁ ଅଧିକ ସିବିଆଇ ଏବଂ ଇଡି ଅଧିକାରୀ ୨୪ ଘଣ୍ଟା କାର୍ଯ୍ୟ କରୁଛନ୍ତି। ହେଲେ ସେମାନେ କୌଣସି ଭୁଲ୍ ବାହାର କରିପାରି ନ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଟୁଇଟ୍ କରିଛନ୍ତି। ସେମାନଙ୍କ କୁତ୍ସିତ ରାଜନୀତି ଲାଗି ଏତେସଂଖ୍ୟାରେ ଅଫିସରଙ୍କ ସମୟ ବରବାଦ କରାଯାଉଛି। ଦେଶ ଆଗେଇବ କିପରି ବୋଲି କେଜ୍‌ରିୱାଲ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ଅବକାରୀ ନୀତି ୨୦୨୧-୨୨ ଗତବର୍ଷ ନଭେମ୍ବର ୧୭ରେ କାର୍ଯ୍ୟକାରୀ ହୋଇଥିଲା। ଏହା ଉପରେ ସିବିଆଇ ତଦନ୍ତ ପରେ ଚଳିତ ବର୍ଷ ଜୁଲାଇରେ କେଜ୍‌ରିୱାଲ ସରକାର ଏହାକୁ ରଦ୍ଦ କରିଦେଇଥିଲେ। ଅବକାରୀ ନୀତି କାର୍ଯ୍ୟକାରିତାରେ ଅନିୟମିତତା ହୋଇଥିବା ଅଭିଯୋଗ ଉପରେ ଉପରାଜ୍ୟପାଳ ସିବିଆଇ ତଦନ୍ତ ଲାଗି ସୁପାରିସ କରିଥିଲେ।

## ଉତ୍ତରକାଶୀ ହିମସ୍ଖଳନ ମୃତ୍ୟୁସଂଖ୍ୟା ୨୬

ଡେରାଡୁନ୍,୭।୧୦

ଉତ୍ତରକାଶୀ ହିମସ୍ଖଳନ ଘଟଣାରେ ଶୁକ୍ରବାର ଆଉ ୭ ଜଣଙ୍କ ମୃତଦେହ ମିଳିବା ପରେ ମୋଟ ମୃତ୍ୟୁସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ବୁଧବାର ୪ ଏବଂ ଗୁରୁବାର ୧୫ ଜଣଙ୍କ ମୃତଦେହ ମିଳିଥିଲା। ଆଉ ୩ ଜଣ ପର୍ବତାରୋହୀ ନିଖୋଜ ଥିବା ଜଣାପଡ଼ିଛି। ନେହେରୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଉଣ୍ଟେନିୟରିଂ (ଏନ୍‌ଆଇଏମ୍)ର ୪୧ ଜଣିଆ ଟିମ୍ ପର୍ବତାରୋହଣ ପ୍ରଶିକ୍ଷଣରେ ଯାଇ ଫେରୁଥିବାବେଳେ ଗତ ମଙ୍ଗଳବାର ହିମସ୍ଖଳନର ସମ୍ମୁଖୀନ ହୋଇଥିଲେ।

## କାର୍ବନ ଡେଟିଂ ଉପରେ ରାୟ ୧୧କୁ ଘୁଞ୍ଚିଲା

ବାରାଣସୀ,୭।୧୦

### ଜ୍ଞାନବାପି ମାମଲା

ଉତ୍ତରପ୍ରଦେଶର ଜ୍ଞାନବାପି ମସ୍‌ଜିଦ ପରିସରରୁ ମିଳିଥିବା ତଥାକଥିତ ଶିବଲିଙ୍ଗର କାର୍ବନ ଡେଟିଂ ଆବେଦନ ଉପରେ ବାରାଣସୀ କୋର୍ଟ ରାୟ ସ୍ଥଗିତ ରଖିଛନ୍ତି। ଆସନ୍ତା ୧୧ରେ ଅଦାଲତ ରାୟ ଘୋଷଣା କରିବେ। ତଳକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚଳିତ ବର୍ଷ ଆରମ୍ଭରେ ଜ୍ଞାନବାପି ପରିସରର ଭିଡିଓ ସର୍ଭେ କରାଯାଇଥିଲା। ସେହି ସମୟରେ ମସ୍‌ଜିଦ ପରିସରରୁ ଏକ ଶିବଲିଙ୍ଗ ମିଳିଥିଲା। କାର୍ବନ ଡେଟିଂ ସମେତ ବୈଜ୍ଞାନିକ ପଦ୍ଧତିରେ ଏହାର ତଦନ୍ତ କରାଯାଇ କେବେ ଏହି ଶିବଲିଙ୍ଗ ସ୍ଥାପନ କରାଯାଇଥିଲା ତାହା ନିର୍ଣ୍ଣୟ କରିବାକୁ ହିନ୍ଦୁ ମହିଳାମାନେ ଆବେଦନ କରିଥିଲେ। ଅଦାଲତ ଶୁକ୍ରବାର ମହିଳା ଆବେଦନକାରୀଙ୍କ ଓକିଲଙ୍କଠାରୁ ଅଧିକ ସ୍ପଷ୍ଟୀକରଣ ମାଗିଛନ୍ତି। ତଥାକଥିତ ଶିବଲିଙ୍ଗ ମାମଲାର ଅଂଶବିଶେଷ ହେବ କି ନାହିଁ ଏବଂ ପ୍ରକୃତରେ ଅଦାଲତ କୌଣସି ବୈଜ୍ଞାନିକ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇପାରିବେ କି ନାହିଁ ତାହା ଉପରେ ସ୍ପଷ୍ଟୀକରଣ ଲୋଡ଼ାଯାଇଛି। ଏନେଇ ଅଦାଲତଙ୍କୁ ସ୍ପଷ୍ଟ କରିବାକୁ ଉଦ୍ୟମ କରିବେ ବୋଲି ବରିଷ୍ଠ ଆଇନଜୀବୀ ବିଷ୍ଣୁ ଶଙ୍କର ଜୈନ କହିଛନ୍ତି।

## ସଲମାନଙ୍କୁ ହତ୍ୟା ପାଇଁ ନିୟୋଜିତ ନାବାଳକ ଗିରଫ

**ନୂଆଦିଲ୍ଲୀ,୭।୧୦:** ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କୁ ହତ୍ୟା କରିବା ଲାଗି ନିୟୋଜିତ ନାବାଳକଙ୍କ ସମେତ ୨ ଜଣଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଛି। ଗତ ମେ' ୯ରେ ମୋହାଲିସ୍ଥିତ ପଞ୍ଜାବ ପୋଲିସ ମୁଖ୍ୟାଳୟ ଉପରେ ହୋଇଥିବା ଗ୍ରେନେଡ୍ ଆକ୍ରମଣରେ ଅନ୍ୟ ଅଭିଯୁକ୍ତ ସମ୍ପୃକ୍ତ ଥିବା ପୋଲିସ କହିଛି। ସଲମାନଙ୍କୁ ହତ୍ୟା କରିବା ଲାଗି ଲରେନ୍ସ ବିଷ୍ଣୋଇ ଏବଂ ଜଗ୍ଗୁ ଭଗୱାନପୁରିଆ ସିଣ୍ଡିକେଟ୍ ପକ୍ଷରୁ ଉକ୍ତ ନାବାଳକଙ୍କ ସମେତ ଦୀପକ ସୁରକପୁର ଏବଂ ମୋନୁ ଡାଗରଙ୍କୁ ନିୟୋଜିତ କରାଯାଇଥିଲା। ଦୀପକ ଫେରାର ଥିବାବେଳେ ମୋନୁ ଜେଲରେ ରହିଛି। ସେହିପରି ମୋହାଲିସ୍ଥିତ ପୋଲିସ ମୁଖ୍ୟାଳୟ ଆକ୍ରମଣ ଘଟଣା ପଛରେ ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲର ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡିଛି। ଉକ୍ତ ସଂଗଠନ ପଛରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ସ୍ଥାନୀୟ ଗ୍ୟାଙ୍ଗଷ୍ଟରଙ୍କ ସମର୍ଥନ ରହିଛି।

## ପିଓକେରେ ଆମେରିକା ରାଷ୍ଟ୍ରଦୂତ

ନୂଆଦିଲ୍ଲୀ,୭।୧୦

### ପ୍ରତିବାଦ ଜଣାଇଲା ଭାରତ



ଡୋନାଲ୍ଡ ବ୍ଲୋମେ

ପାକିସ୍ତାନରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ଡୋନାଲ୍ଡ ବ୍ଲୋମେ ପାକ୍ ଅଧିକୃତ କଶ୍ମୀର(ପିଓକେ) ଗସ୍ତ କରିବା ସହ ଏହାକୁ ଆଜାଦ ଜମ୍ମୁ-କଶ୍ମୀର ବୋଲି ବାରମ୍ବାର କହିବା ଘଟଣାରେ ଭାରତ ଶୁକ୍ରବାର ପ୍ରତିବାଦ ଜଣାଇଛି। ଆମେରିକା ରାଷ୍ଟ୍ରଦୂତଙ୍କ ପିଓକେ ଗସ୍ତ ଓ ବୈଠକ ସମ୍ପର୍କରେ କେନ୍ଦ୍ର ସରକାର ୱାଶିଂଟନ ନିକଟରେ ପ୍ରତିବାଦ କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ନିକଟରେ ବ୍ଲୋମେ ପିଓକେ ଯାଇଥିବାବେଳେ ଏହାକୁ ଆଜାଦ ଜମ୍ମୁ-କଶ୍ମୀର କହିଥିଲେ। କୁଇଦ୍-ଇ-ଆଜମ ମେମୋରିଆଲ ଡାକବଙ୍ଗଳା ପାକିସ୍ତାନର ଉନ୍ନତ ସଂସ୍କୃତି ଓ ଇତିହାସର ପ୍ରତୀକ ଏବଂ ଜିନ୍ନା ୧୯୪୪ରେ ସେଠାକୁ ଗସ୍ତ କରିଥିଲେ। ପ୍ରଥମ ଗସ୍ତରେ ସେ ଆଜାଦ କଶ୍ମୀର ଗସ୍ତ କରିବାର ସମ୍ମାନ ଲାଭ କରିଥିବା ବ୍ଲୋମେ ତାଙ୍କ ସରକାରୀ ଟୁଇଟର ହ୍ୟାଣ୍ଡେଲ୍‌ରେ ଟୁଇଟ୍ କରାଯାଇଛି। କିଛି ମାସ ପୂର୍ବରୁ ଆମେରିକା କଂଗ୍ରେସ ସଦସ୍ୟ ଇଲାନ ଓମାର ପିଓକେ ଗସ୍ତ କରିଥିବାବେଳେ ଏହା ବାଇଡେନ୍ ପ୍ରଶାସନର ଦ୍ୱିତୀୟ ହାଇପ୍ରୋଫାଇଲ ଗସ୍ତ।

## ୭.୧ କୋଟିଙ୍କୁ ଦରିଦ୍ର କରିଛି କୋଭିଡ୍

ନୂଆଦିଲ୍ଲୀ,୭।୧୦



### ବିଶ୍ୱ ବ୍ୟାଙ୍କ ରିପୋର୍ଟ

ଭାରତ ସମେତ ସାରା ବିଶ୍ୱରେ ଦାରିଦ୍ର୍ୟ ହ୍ରାସର ଧାରାକୁ କୋଭିଡ୍-୧୯ ମହାମାରୀ ବଦଳାଇଦେଇଛି। ୨୦୨୦ରେ ଭାରତରେ ଦାରିଦ୍ର୍ୟ ସଂଖ୍ୟା ୨.୩ରୁ ୫.୬ କୋଟି ମଧ୍ୟରେ ବୃଦ୍ଧି ପାଇଥିବା ବିଶ୍ୱବ୍ୟାଙ୍କର ନୂଆ ରିପୋର୍ଟରୁ ଜଣାପଡ଼ିଛି। ୧୯୯୮ରୁ ବିଶ୍ୱସ୍ତରରେ ଦାରିଦ୍ର୍ୟ ହ୍ରାସ ପାଇବା ଆରମ୍ଭ କରିଥିବାବେଳେ ୨୦୨୦ରେ ପ୍ରଥମ ଥର ପାଇଁ ଏହା ବୃଦ୍ଧି ପାଇଥିଲା। ଭାରତରେ ୨୦୧୧ରୁ ଗରିବୀ କମିବା ଆରମ୍ଭ ଧାରା ୨୦୨୦ରେ ପ୍ରଥମ ଥର ପାଇଁ ବିପରୀତମୁଖୀ ହୋଇଥିବା ରିପୋର୍ଟରେ କୁହାଯାଇଛି।

ବିଶ୍ୱବ୍ୟାଙ୍କର 'ଦାରିଦ୍ର୍ୟ ଓ ଭାଗୀଦାରି ସମୃଦ୍ଧି ୨୦୨୨' ରିପୋର୍ଟ ଅନୁଯାୟୀ ୨୦୨୦ରେ ଅତ୍ୟଧିକ ଦାରିଦ୍ର୍ୟ (ଯେଉଁମାନଙ୍କ ଦୈନିକ ଖର୍ଚ୍ଚ ୧୭୭ ଟଙ୍କାରୁ କମ୍) ୯.୩ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୯ରେ ଏହା ୮.୪ ପ୍ରତିଶତ ରହିଥିଲା। ଅର୍ଥାତ୍ ବିଶ୍ୱସ୍ତରରେ ଗରିବଙ୍କ ସଂଖ୍ୟା ୭.୧ କୋଟି ବଢ଼ିଛି, ଯେଉଁଥିରୁ ୩୩ରୁ ୮୦ ପ୍ରତିଶତ ଭାରତରେ ରହିଛନ୍ତି। ଭାରତଠାରୁ ଚାଇନା ଜନସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ବିଶ୍ୱ ଦାରିଦ୍ର୍ୟ ବୃଦ୍ଧିରେ ଏହାର ଭାଗ ଯଥେଷ୍ଟ କମ୍ ରହିଛି। ୨୦୨୦ରେ ଭାରତରେ ଦାରିଦ୍ର୍ୟ କେତେ ବଢ଼ିଛି, ତାହା ସରକାରଙ୍କ ପକ୍ଷରୁ ଆକଳନ କରାଯାଇ ନାହିଁ। ତେଣୁ ବିଶ୍ୱବ୍ୟାଙ୍କ ଦାରିଦ୍ର୍ୟ ଆକଳନ ଲାଗି ବିଭିନ୍ନ ପଦ୍ଧତି ଆପଣାଇଛି। ଭାରତର ଜାତୀୟ ଆକାଉଣ୍ଟସ୍ ଆଧାରରେ ହୋଇଥିବା ଆକଳନ ଅନୁଯାୟୀ ୨୦୨୦ରେ ଦାରିଦ୍ର୍ୟ ସଂଖ୍ୟା ୨.୩ କୋଟି ବଢ଼ିଛି। ଅନ୍ୟପକ୍ଷରେ ଘରୋଇ ଡାଟା କମ୍ପାନୀ ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ)ର ସର୍ଭେ ଆଧାରରେ ହୋଇଥିବା ଆକଳନରୁ ଦେଶରେ ଦାରିଦ୍ର୍ୟ ୫.୬ କୋଟି ବଢ଼ିଥିବା କୁହାଯାଇଛି।

୨୦୧୧ରୁ ଭାରତର ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଯଥେଷ୍ଟ ହ୍ରାସ ପାଇବା ଆରମ୍ଭ ହୋଇଥିଲା। ୨୦୧୭ରେ ବିଶ୍ୱବ୍ୟାଙ୍କର ଏକ ଆକଳନ ଅନୁଯାୟୀ ଭାରତରେ ୧୩.୬ ପ୍ରତିଶତ ଲୋକ ଅତ୍ୟଧିକ ଦାରିଦ୍ର୍ୟ ମଧ୍ୟରେ ରହିଥିଲେ, ଯେଉଁମାନଙ୍କ ଦୈନିକ ଖର୍ଚ୍ଚ ୧୫୬ ଟଙ୍କା ୩୪ ପଇସାରୁ କମ୍ ଥିଲା। ୨୦୧୯ରୁ ଅତ୍ୟଧିକ ଦାରିଦ୍ର୍ୟ ବ୍ୟକ୍ତିଙ୍କ ଦୈନିକ ଖର୍ଚ୍ଚ ସୀମା ୧୭୭ ଟଙ୍କା ଧାର୍ଯ୍ୟ ହୋଇଥିଲା। ସେହି ଅନୁଯାୟୀ ୨୦୧୯-୨୦ ବର୍ଷରେ ଭାରତରେ ଦାରିଦ୍ର୍ୟ ହାର ୧୦ ପ୍ରତିଶତ ରହିଥିଲା। ସେହି ସମୟରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୧୨% ଏବଂ ସହରାଞ୍ଚଳରେ ୬% ଥିଲା।

**ନିବେଶ ହରାଉଛନ୍ତି ନିବେଶକ**

ନୂଆଦିଲ୍ଲୀ: ଚଳିତ ସପ୍ତାହର ଶେଷ କାରବାର ବା ଶୁକ୍ରବାର ଶେୟାର ମାର୍କେଟର ଫଳାଫଳ ଖରାପ ରହିଛି। ଫଳରେ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଉଛନ୍ତି। କ୍ରମାଗତ ଭାବେ ଷ୍ଟକ୍ ବଜାରର କାରବାର ଉପରେ ତଳ ରହିବା ଏବଂ ଅନ୍ତର୍ଜାତୀୟ ଘଟଣା ଯୋଗୁ ଦଲାଲ ଷ୍ଟ୍ରିଟ୍ର କାରବାର ଅନିଶ୍ଚିତା ମଧ୍ୟରେ ଶେଷ ହେଉଛି। ଏପରି କି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୩୧ (୩୦.୮୧) ପଏଣ୍ଟ ବା ୦.୦୫% ହ୍ରାସ ପାଇ ୫୮,୧୯୧ (୫୮,୧୯୧.୨୯) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୭ (୧୭.୫୦) ପଏଣ୍ଟ ବା ୦.୧୦% ଖସି ୧୭,୩୧୫ (୧୭,୩୧୪.୬୫) ଅଙ୍କରେ ବନ୍ଦ ହୋଇଛି।

# 'ଇ-ମୁଦ୍ରା' ପ୍ରଚଳନ କରିବ ଆର୍‌ବିଆଇ

**ନୂଆଦିଲ୍ଲୀ,୭।୧୦**




ଭାରତରେ ଖୁବ୍‌ଶୀଘ୍ର ଡିଜିଟାଲ କରେନ୍ସି ବା ଇ-ରୁପିର ଶୁଭାରମ୍ଭ (ବ୍ୟବହାର) ହେବାକୁ ଯାଉଛି। ଏ ନେଇ ଶୁକ୍ରବାର ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ଏପରିକି ଖୁବ୍‌ଶୀଘ୍ର ଭାରତରେ ଡିଜିଟାଲ ଟଙ୍କା ବା ଇ-ଟଙ୍କା ଉପରେ ଏକ ପାଇଲଟ ପ୍ରକଳ୍ପର ଶୁଭାରମ୍ଭ କରାଯିବ। ଏହା ସହିତ 'କେନ୍ଦ୍ରୀୟ ବ୍ୟାଙ୍କର ଡିଜିଟାଲ ମୁଦ୍ରା' ସମ୍ପର୍କରେ ମଧ୍ୟ ଏକ କନ୍‌ସେପ୍ଟ ନୋଟ୍ ଜାରି କରାଯାଇଛି। ଇ-ଟଙ୍କାର ବିଭିନ୍ନ ବୈଶିଷ୍ଟ୍ୟ ସମ୍ପର୍କରେ ସବୁ ବର୍ଗର ଲୋକଙ୍କୁ ଅବଗତ କରାଇବା ସହ ଉକ୍ତ ପାଇଲଟ ପ୍ରକଳ୍ପ ସମୟରେ ଲୋକମାନଙ୍କୁ ମଧ୍ୟ ସୂଚିତ କରାଯିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି। ଏପରିକି କାଗଜ ନୋଟ୍ ଓ ଅନ୍ୟ ପ୍ରକାର ମୁଦ୍ରା ପରି ଇ-ଟଙ୍କା ମଧ୍ୟ ଏକ ବୈକଳ୍ପିକ ମୁଦ୍ରା ହେବ ବୋଲି ଜଣାପଡ଼ିଛି। ସେହିଭଳି ଆର୍‌ବିଆଇ ପ୍ରାରମ୍ଭିକ ପର୍ଯ୍ୟାୟରେ କେତେକ ନିର୍ଦ୍ଦିଷ୍ଟ ଦିଗ ଉପରେ ଏହାର ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି। ଏ ନେଇ ମଧ୍ୟ ଆର୍‌ବିଆଇ ପକ୍ଷରୁ କୁହାଯାଇଛି, ଧୀରେ ଧୀରେ ପାଇଲଟ ଲଞ୍ଚର ପରିସୀମା ବୃଦ୍ଧି ହେବା ସହ ସମୟ ସମୟରେ ମଧ୍ୟ ଆର୍‌ବିଆଇ ଇ-ରୁପିରେ ସ୍ୱତନ୍ତ୍ର ଫିଚର ଓ ଲାଭ ବିଷୟରେ ମଧ୍ୟ ସୂଚନା ଦେବ। ସେହିପରି କନ୍‌ସେପ୍ଟ ନୋଟ୍‌ରେ ଇ-ରୁପିର ମୂଳ ପଏଣ୍ଟଗୁଡ଼ିକ ବିଷୟରେ ବି ଆଲୋଚନା କରାଯାଇଛି ଏବଂ ଟେକ୍ନୋଲୋଜି ଓ ଡିଜାଇନ ଚଏସ୍, ଡିଜିଟାଲ ରୁପିର ବ୍ୟବହାର ସମ୍ଭାବନା, ରୁପି ଜାରି କରିବାର ବ୍ୟବସ୍ଥା ଇତ୍ୟାଦି ବିଷୟରେ ଉଲ୍ଲେଖ ମଧ୍ୟ କରାଯାଇଛି। ଏହା ବ୍ୟାଙ୍କିଙ୍ଗ୍ ପ୍ରଣାଳୀ,ଆର୍ଥିକ ନୀତି, ଆର୍ଥିକ ସ୍ଥିରତା ଉପରେ ସିବିଡିସିର ପ୍ରାରମ୍ଭିକ ପ୍ରଭାବକୁ ଯାଞ୍ଚ କରିବା ସହ ଗୋପନୀୟତାରେ ଉପୁଜୁଥିବା ସମସ୍ୟାର ବିଶ୍ଳେଷଣ କରିବ। ସୂଚନା ଥାଉକି ଦେଶରେ ଡିଜିଟାଲ କରେନ୍ସି ପ୍ରଚଳନ ଆରମ୍ଭ ହେବ ବୋଲି ଗତବର୍ଷ ଆର୍‌ବିଆଇ ସୂଚନା ଦେଇଥିଲା। ହେଲେ ଆର୍‌ବିଆଇ ପୁଣି ଚଳିତ ବର୍ଷ ଫେବୃୟାରୀରେ ବି ଉକ୍ତ କଥା ଦୋହରାଇ କହିଥିଲା ୨୦୨୨-୨୩ ବେଳକୁ ଇ-ରୁପିର ଶୁଭାରମ୍ଭ କରାଯିବ। ଗତବର୍ଷ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନିଜର ବଜେଟ ଅଭିଭାଷଣରେ କହିଥିଲେ, ଆର୍‌ବିଆଇ ପକ୍ଷରୁ ଦେଶରେ ଡିଜିଟାଲ ଟଙ୍କା ପ୍ରଚଳନ କରାଯିବ ବୋଲି ଯୋଜନା ରହିଛି। ଏପରିକି ବ୍ଲକ୍‌ଚେନ୍ ଓ ଅନ୍ୟ ପ୍ରକାର ଟେକ୍ନୋଲୋଜି ବ୍ୟବହାର କରି ଏହାର ବ୍ୟବହାର କରାଯିବ। ବିଶେଷକରି ଏହା ଦେଶର ଅର୍ଥନୈତିକ କାର୍ଯ୍ୟକଳାପକୁ ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

## ୬୫ ହଜାର କୋଟି ନିବେଶ କରିବ ଆଦାନୀ

**ନୂଆଦିଲ୍ଲୀ,୭।୧୦**

ଏସିଆର ଏକ ନମ୍ବର ଧନୀ ଗୌତମ ଆଦାନୀ ରାଜସ୍ଥାନରେ ଆଗାମୀ ୫ରୁ ୭ ବର୍ଷ ମଧ୍ୟରେ ୬୫,୦୦୦ କୋଟି ଟଙ୍କା ନିବେଶ କରିବେ ବୋଲି ଘୋଷଣା କରିଛନ୍ତି। ଏପରିକି ଇନ୍‌ଭେଷ୍ଟ ରାଜସ୍ଥାନ-୨୦୨୨ କାର୍ଯ୍ୟକ୍ରମରେ ଯୋଗ ଦେଇ ଗୌତମ କହିଛନ୍ତି, ସେ ଯେତେବେଳେ ରାଜସ୍ଥାନର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମ ଥର ଭେଟିଥିଲେ, ସେତେବେଳେ ସେ ରାଜସ୍ଥାନରେ ବିଜୁଳି କ୍ଷେତ୍ରରେ ନିବେଶ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ଆଉ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଆଦାନୀଙ୍କ ଉକ୍ତ ପ୍ରସ୍ତାବକୁ ସମର୍ଥନ ଜଣାଇବା ସହ କମ୍ପାନୀକୁ ଭୂମି, ଜଳ ଏବଂ ଅନ୍ୟ ମଞ୍ଜୁରୀ ଯଥା ଶୀଘ୍ର ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ଥାନ ସରକାରଙ୍କ ଏଭଳି ତତ୍ପର ଏବଂ ଶୀଘ୍ର ନିର୍ଣ୍ଣୟ ନେବାର ପ୍ରକ୍ରିୟା ସେ ପ୍ରଥମ ଥର ପାଇଁ ଦେଖିଥିଲେ ବୋଲି ଆଦାନୀ ମତବ୍ୟକ୍ତ କହିଛନ୍ତି। ଏହି କାରଣରୁ ରାଜସ୍ଥାନରେ ୧୩୨୦ ମେଗାୱାଟର ବିଜୁଳି ପ୍ଲାଣ୍ଟ ମାତ୍ର ୩୬ ମାସରେ ପୂରା ହୋଇଥିଲା।

## କଟକରେ ଚାନ୍ଦି ଭଣ୍ଡାରର ଏକ୍ସକ୍ଲୁସିଭ ଷ୍ଟୋର



**କଟକ,୭।୧୦**

ଚଳିତ ବର୍ଷର ପାର୍ବଣ ଅବସରରେ ଚାନ୍ଦି ଭଣ୍ଡାର ପକ୍ଷରୁ ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର କଟକ ସହର(କଟକ)ରେ ଶୁଭାରମ୍ଭ କରାଯାଇଛି। ବିଶେଷକରି କଟକବାସୀଙ୍କ ପାଇଁ ଆମର ଆକର୍ଷଣୀୟ ଏବଂ ମନଲୋଭା ଡିଜାଇନର ସମ୍ଭାରକୁ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଆଣିଥିବାରୁ ଆମେ ଗର୍ବ ଅନୁଭବ କରୁଛୁ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଉକ୍ତ ଷ୍ଟୋରରେ ଜଟିଳ କାରିଗରି ଓ ଦକ୍ଷ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଅତି ମନଲୋଭା ଗହଣାର ସମ୍ଭାର ଏଠାରେ ଉପଲବ୍ଧ ରହିଛି। ଏପରିକି ପ୍ରିମିୟମ ରୁପା ଉପହାର ସାମଗ୍ରୀ, ସିଲ୍‌ଭର ଆର୍ଟିକ୍ ଏବଂ ଆହୁରି ଅନେକ କିଛି ଉକ୍ତ ଷ୍ଟୋରରେ ଉପଲବ୍ଧ। ସେହିଭଳି ଏ ସବୁ ଡିଜାଇନ ସହ ଚଳିତ ପାର୍ବଣ ପାଳନ କରିବା ପାଇଁ ଷ୍ଟୋର ପକ୍ଷରୁ କୁହାଯାଇଛି। ଏହି ମୁହୂର୍ତ୍ତକୁ ସ୍ୱତନ୍ତ୍ର କରିବାକୁ ଯାଇ ଷ୍ଟୋର ପକ୍ଷରୁ ବିଶେଷ ପୂଜା ଅଫର ମଧ୍ୟ ପ୍ରଦାନ କରାଯାଉଛି। ଏହା ଅନ୍ତର୍ଗତ ଗ୍ରାହକ ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦%ର ରିହାତି ପାଇପାରିବେ। ଏହି ଅଫର ଅକ୍ଟୋବର ୨୫ ପର୍ଯ୍ୟନ୍ତ ବୈଧ ରହିଛି। ଏହି ପରିପ୍ରେକ୍ଷୀରେ ଚାନ୍ଦି ଭଣ୍ଡାର ପକ୍ଷରୁ ସୂଚନା ଦିଆଯାଇଛି ଯେ, ବ୍ରାଣ୍ଡର ୫ମ ଷ୍ଟୋରକୁ ରୌପ୍ୟ ସହର କଟକରେ ଉଦ୍‌ଘାଟନ କରି ଆମେ ବହୁତ ଖୁସି ଅଛୁ। ଏଠାରେ ରୁପା ଗହଣାର ଭଳିକି ଭଳି ସମ୍ଭାର ସାଙ୍ଗକୁ ଗ୍ରାହକଙ୍କୁ ସେମାନଙ୍କ ଅର୍ଥର ପ୍ରକୃତ ମୂଲ୍ୟ ଚାନ୍ଦି ଭଣ୍ଡାର ପ୍ରଦାନ କରିଥାଏ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି।

## ୟୁବିଓଆଇ ପକ୍ଷରୁ ସାଇବର ସୁରକ୍ଷା ମାସ

**ନୂଆଦିଲ୍ଲୀ,୭।୧୦**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ) ପକ୍ଷରୁ ନିକଟରେ ସାଇବର ସୁରକ୍ଷା ସଚେତନତା ମାସ ଆରମ୍ଭ ହୋଇଯାଇଛି। ବିଶେଷକରି ବ୍ୟାଙ୍କର କର୍ମଚାରୀ ଓ ଗ୍ରାହକମାନଙ୍କ ମଧ୍ୟରେ ସାଇବର ସୁରକ୍ଷା ସଚେତନତା ସୃଷ୍ଟି କରିବା ଏବଂ ସୁରକ୍ଷିତ ସାଇବର ସଂସ୍କୃତିକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେହିଭଳି ୟୁବିଓଆଇ ଅକ୍ଟୋବର ମାସକୁ ରାଷ୍ଟ୍ରୀୟ ସାଇବର ସୁରକ୍ଷା ସଚେତନତା ମାସ ରୂପେ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ୱେବିନାର, ପ୍ରଶ୍ନୋତ୍ତରୀ ପ୍ରତିଯୋଗିତା, ସାଇବର ସଚେତନତା ଭିଡିଓ କ୍ଲିପ୍, ସାଇବର ହିନ୍ଦୀ କମିକ୍ସ, ସାଇବର ଫିଟ୍‌ନେସ୍ ଓ ସାଇବର ବାର୍ତ୍ତା ଭଳି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅକ୍ଟୋବରରେ ଆୟୋଜିତ କରାଯାଉଛି। ସେହିପରି ସାଇବର ସୁରକ୍ଷା ଡୋମେନର ପ୍ରସିଦ୍ଧ ବକ୍ତାମାନଙ୍କୁ ଆମନ୍ତ୍ରଣ କରାଯାଇ ପ୍ରତିଦିନ ୱେବିନାରର ଆୟୋଜନ କରାଯାଉଛି। ଉକ୍ତ ୱେବିନାରରେ ବ୍ୟାଙ୍କର କ୍ଷେତ୍ର ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି। ଏ ସମ୍ପର୍କରେ ୟୁବିଓଆଇର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଏ. ମଣିମେଖାଲାଇ କହିଛନ୍ତି, ବର୍ତ୍ତମାନ ସମୟରେ ଡିଜିଟାଲୀକରଣ ସହ ସାଇବର ଇକୋସିଷ୍ଟମକୁ ମଜଭୁତ କରି ବ୍ୟାଙ୍କିଙ୍ଗ୍ ସେବାକୁ ସହଜ କରିବାର ପ୍ରୟାସ ବ୍ୟାଙ୍କ ପକ୍ଷରୁ ଜାରି ରଖାଯାଇଛି। ୟୁବିଓଆଇର ସୁରକ୍ଷା ସ୍ଥିତିକୁ ମଜଭୁତ କରିବା ପାଇଁ ହାଇଦ୍ରାବାଦରେ ସାଇବର ସିକ୍ୟୁରିଟି ସେଣ୍ଟର ଅଫ୍ ଏକ୍ସେଲେନ୍ସ (ସିସିଓଇ) ଅନ୍ତର୍ଗତ ଏଥିକାଲ ହ୍ୟାକିଂ ଲାବ୍ ଏବଂ ଅଟୋମେଟେଡ୍ ଭିଏପିଟି ଲାବ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି।

## ଭାରତରେ ହୋଣ୍ଡା ସିଟିର ୨୫ବର୍ଷ ପୂର୍ତ୍ତି

**ନୂଆଦିଲ୍ଲୀ,୭।୧୦**




ଦେଶର ପ୍ରମୁଖ ଚାରିଚକିଆ ଯାନ ନିର୍ମାତା ହୋଣ୍ଡା କାର୍ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ଅଗ୍ରଣୀ ମଡେଲ ହୋଣ୍ଡା ସିଟି ଭାରତ ବଜାରରେ ସଫଳତାର ସହ ୨୫ବର୍ଷ ପୂରଣ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ୨୫ ବର୍ଷର ପୂର୍ତ୍ତି ଉତ୍ସବ ପାଳନ କରାଯାଉଛି। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ଅଧ୍ୟକ୍ଷ ତଥା ସିଇଓ ତାକୁୟା ସୁମୁରା କହିଛନ୍ତି, ଭାରତ ବଜାରରେ ହୋଣ୍ଡା ବ୍ରାଣ୍ଡ୍ ପାଇଁ ଏହା ଏକ ଉଲ୍ଲେଖନୀୟ ବର୍ଷ। ଆମର ସବୁଠାରୁ ସଫଳ ମଡେଲ ହୋଣ୍ଡା ସିଟି ଭାରତର ସବୁଠାରୁ ପ୍ରିୟ କାର ମଡେଲ ମଧ୍ୟରେ ରହିଛି। ଉକ୍ତ ମଡେଲ ୨୫ ବର୍ଷ ବୟସ୍କ ହୋଇ ସାରିଥିବା ଯୋଗୁ ବର୍ଷ ବର୍ଷ ଧରି ଆମକୁ ସମର୍ଥନ କରିଥିବା ଆମର ସମସ୍ତ ଗ୍ରାହକ ଏବଂ ଅଂଶୀଦାରମାନଙ୍କୁ ଆମେ କୃତଜ୍ଞତା ଜଣାଉଛୁ ଏବଂ ଆଗାମୀ ଯାତ୍ରାରେ ଆମ ସହିତ ରହିବାକୁ ସମସ୍ତଙ୍କୁ ଆମନ୍ତ୍ରଣ କରୁଛୁ। ଏହି ବିଶେଷ ମାଇଲଖୁଣ୍ଟ ଉପରେ ଏକ ଯୋଗାଯୋଗ ଅଭିଯାନ ଡିଜିଟାଲ ଏବଂ ସାମାଜିକ ମାଧ୍ୟମରେ ମଧ୍ୟ ବ୍ୟାପକ ପ୍ରଚାର କରାଯିବ। ଉଲ୍ଲେଖଯୋଗ୍ୟ, ୧୯୯୮ରେ ହୋଣ୍ଡା ସିଟି ଭାରତ ବଜାରରେ ଯାତ୍ରା ଆରମ୍ଭ କରିଥିଲା। ବିଶେଷକରି ଭାରତ ଏବଂ ଏହାର ରପ୍ତାନି ବଜାରରେ ୯ଲକ୍ଷରୁ ଅଧିକ ଗ୍ରାହକଙ୍କୁ କ୍ରମବର୍ଦ୍ଧିତ ଭାବେ ଡ୍ରାଇଭିଂ କରିବାର ଗର୍ବ ଏବଂ ଆନନ୍ଦ ପ୍ରଦାନ କରିଛି।

## ଆମାଜନ.ଇନ୍‌ରେ ଗ୍ରାହକଙ୍କ ଚାହିଦା ବୃଦ୍ଧି

**ନୂଆଦିଲ୍ଲୀ,୭।୧୦**

ଦେଶର ପ୍ରମୁଖ ଇ-କର୍ମସ କମ୍ପାନୀ ଆମାଜନ.ଇନ୍‌ରେ 'ଆମାଜନ ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲ (ଏଜିଆଇଏଫ୍)-୨୦୨୨' ବର୍ତ୍ତମାନ ସକ୍ରିୟ ରହିଛି। ଏଥିରେ ବିଭିନ୍ନ ବର୍ଗରେ ବ୍ୟାପକ ଶ୍ରେଣୀୟ ଉତ୍ପାଦ ରହିଛି। ଏହା ମାଧ୍ୟମରେ କମ୍ପାନୀ ସାରା ଦେଶରେ ରହିଥିବା ଏହାର କୋଟି କୋଟି ଗ୍ରାହକଙ୍କ ନିକଟରେ ପହଞ୍ଚିପାରିଛି। ତେବେ ଚଳିତ ବର୍ଷ ପାର୍ବଣରେ ଭୁବନେଶ୍ୱରର ଗ୍ରାହକଙ୍କ ମଧ୍ୟରେ 'ରେଡି ମିଲ୍ସ'ରେ ୫ଗୁଣା ବୃଦ୍ଧି ଦେଖିବାକୁ ମିଳିଛି। ଏହା ସହିତ ଗତ ବର୍ଷ ତୁଳନାରେ ଚକୋଲେଟ୍‌ରେ ୨ଗୁଣା, ପୁରୁଷ ଗ୍ରୁମିଙ୍ଗ ଉତ୍ପାଦରେ ୪ଗୁଣା ଏବଂ କ୍ଲିନିଂ ଯୋଗାଣ ସାମଗ୍ରୀରେ ୨.୫ ଗୁଣା ବୃଦ୍ଧି ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର ଇନ୍-କଞ୍ଜ୍ୟୁମେବଲ୍ ନିର୍ଦ୍ଦେଶକ ନିଶାନ୍ତ ରମଣ କହିଛନ୍ତି, ଆମାଜନ ଇଣ୍ଡିଆ ଏହି ମାର୍କେଟ ପ୍ଲେସ୍‌ରେ ସେଲରମାନଙ୍କୁ, ସାରା ଭାରତର ଗ୍ରାହକଙ୍କୁ ସେମାନଙ୍କ ସୁବିଧା ଅନୁଯାୟୀ ଅତୁଳନୀୟ ମୂଲ୍ୟରେ ବ୍ୟାପକଶ୍ରେଣୀୟ ଉତ୍ପାଦ ଯୋଗାଇଦେବା ଲାଗି ସହାୟତା କରୁଛି। ଚଳିତ ପାର୍ବଣରେ ଆମେ ଟିୟର-୨ ଓ ଟିୟର-୩ ସହରରୁ ୮୦%ରୁ ଅଧିକ ବୃଦ୍ଧି ପରିଲକ୍ଷିତ କରିଛୁ। ସେହିଭଳି ରେଡି-ଟୁ-ଇଟ୍ ମିଲ୍ସ,ଚକୋଲେଟ, ଗ୍ରୁମିଂ, ହାଇଜିନ ଉତ୍ପାଦ, ପେଟ୍, ବେବି ଏବଂ ଲଣ୍ଡ୍ରି ଉପକରଣ ଏବଂ ଅନ୍ୟାନ୍ୟ ବର୍ଗରେ ଶପିଂ କ୍ଷେତ୍ରରେ ନୂଆ ଗ୍ରାହକଙ୍କ ସଂଖ୍ୟାରେ ୨ ଗୁଣା ବୃଦ୍ଧି ପରିଲକ୍ଷିତ କରିଛୁ। ଆମେ ଆମର ସେଲର, ବ୍ରାଣ୍ଡ୍ ଏବଂ ଗ୍ରାହକମାନଙ୍କୁ ଏହି ଅବସରରେ ସହାୟତା ପ୍ରଦାନ କରୁଛୁ, ଯଦ୍ଦ୍ୱାରା ଦଶହରା, ଧନତେରସ ଓ ଦୀପାବଳିର ପାର୍ବଣ ଆହୁରି ଆନନ୍ଦଦାୟକ ହୋଇପାରିବ।

**ଫୁର୍‌ସତ୍**



## ଭିନ୍ନ ଚରିତ୍ରରେ ସୁସ୍ମିତା

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସୁସ୍ମିତା ସେନ୍‌ଙ୍କୁ ଦର୍ଶକେ ବଡ଼ ପରଦାରେ ଜଣେ ଟ୍ରାନ୍ସଜେଣ୍ଡରର ଭୂମିକାରେ ଦେଖିବାକୁ ପାଇବେ। ଚଳଚ୍ଚିତ୍ରର ନାମ ରହିଛି 'ତାଲି'। ତେବେ ଫିଲ୍ମକୁ ନେଇ ଏବେଠାରୁ ଇଣ୍ଡଷ୍ଟ୍ରିରେ ଜୋର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଟ୍ରାନ୍ସଜେଣ୍ଡର ଶ୍ରୀ ଗୌରୀ ସାୱନ୍ତଙ୍କ ଜୀବନକାହାଣୀ ଉପରେ ଫିଲ୍ମଟି ଆଧାରିତ। ଗୁରୁବାର ଫିଲ୍ମ ତାଲିର ପ୍ରଥମ ପୋଷ୍ଟର ରିଲିଜ୍ ହୋଇଛି, ଯେଉଁଥିରେ ସୁସ୍ମିତା ଲାଲ- ସବୁଜ ଶାଢ଼ି ପିନ୍ଧିଥିବାର ଦେଖାଯାଉଛି। ଏଥିସହ ତାଙ୍କ ମଥାରେ ଏକ ବଡ଼ ଖଇରିଆ ଟିକିଲି ରହିଥିବାର ମଧ୍ୟ ଦେଖାଯାଉଛି। ଗୌରୀ ମୁମ୍ବାଇରେ ଜଣେ ସାମାଜିକର୍ମୀ ଭାବେ ବେଶ୍ ପରିଚିତ। କୋନ୍ ବନେଗା କରୋଡ୍ ପତି ସିଜିନ୍ ୯ରେ ଗୌରୀ ଅଂଶଗ୍ରହଣ କରିଥିଲେ। ଗଣିକା ବୃତ୍ତି କରୁଥିବା ମହିଳାଙ୍କ ପାଇଁ ଘର ତିଆରି କରିବା ଲାଗି ଆର୍ଥିକ ସହାୟତା ଯୋଗାଇ ଚର୍ଚ୍ଚାକୁ ଆସିଥିଲେ। ଫିଲ୍ମର ପୋଷ୍ଟର ସୁସ୍ମିତା ଟୁଇଟରରେ ଶେୟାର କରିବା ସହ ଏକ ଭିନ୍ନ ଧରଣ ଚରିତ୍ରରେ ଅଭିନୟ କରିଥିବା ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି।

## କ୍ଷୁଦ୍ରଗ୍ରହ ମାଡ଼ରେ ପ୍ରାଣ ହାରିଥିଲା ଡାଇନୋସର

**ମାସେକାଳ ଥରିଥିଲା ପୃଥିବୀ**

**ୱାଶିଂଟନ୍**



୬୬ ନିୟୁତ ବର୍ଷ ପୂର୍ବେ, ୧୦ କିଲୋମିଟରର ଏକ କ୍ଷୁଦ୍ରଗ୍ରହ ପୃଥିବୀ ସହ ପିଟି ହୋଇଥିଲା, ଯାହାଫଳରେ ଭୂକମ୍ପ ହେବା ସହ ମାସେ କାଳ ପୃଥିବୀ ଥରିଉଠିଥିଲା। ଚିକ୍ସୁଲବ୍ ଗର୍ତ୍ତ ( ପୃଥିବୀରେ କ୍ଷୁଦ୍ର ଗ୍ରହ ମାଡ଼ ହେବା ଫଳରେ ମେକ୍ସିକୋର ୟୁକଟନ ପେନିନ୍‌ସୁଲାରେ ସୃଷ୍ଟ ଗର୍ତ୍ତ)ର ଅଧ୍ୟୟନରୁ ମିଳିଥିବା ପ୍ରମାଣ ଅନୁସାରେ ପୃଥିବୀ ପୃଷ୍ଠରେ ଏକ ବଡ଼ ଧରଣର ଭୂକମ୍ପ ହୋଇଥିଲା, ଯାହାର ତୀବ୍ରତା ଥିଲା ୧୦୨୩ ଜୋଲ୍ସ। ଏହାର ପ୍ରଭାବ ୨୦୦୪ ସୁମାତ୍ରା ଭୂକମ୍ପରେ ଅନୁଭୂତ ୯.୧ ମ୍ୟାଗ୍ନିଚ୍ୟୁଡ୍‌ର ୫୦ ହଜାର ଗୁଣା ଅଧିକ। ଅକ୍ଟୋବର ୯ରେ ହେବାକୁ ଥିବା ଜେନେରାଲ ସର୍ଭିସ୍ ଆଡ୍‌ମିନିଷ୍ଟ୍ରେଶନ୍ କନେକ୍ସନ୍ (ଜିଏସ୍‌ଏ) ବୈଠକରେ ହରମାନ୍ସ ବେରମୁଡେଜ ଏହି ମେଗା- ଆର୍ଥକ୍ୱେକ୍ ବାବଦରେ ପ୍ରମାଣ ଉପସ୍ଥାପନା କରିବେ। ୨୦୧୪ରେ କଲମ୍ବୋର ଗୋରଗୋନିଲା ଦ୍ୱୀପରେ ଏ ନେଇ ଅଧ୍ୟୟନ କରୁଥିବାବେଳେ ଏକ କ୍ଷୁଦ୍ର ଗୋଲାକାର ସ୍ଥାନରେ ଛୋଟ କାଚ ଜମାଥିବା ବରମୁଡେଜ ଦେଖିବାକୁ ପାଇଥିଲେ। ଏହି କ୍ଷୁଦ୍ର କାଚକୁ ଟେକ୍‌ଟାଇଟ୍ସ ଏବଂ ମାଇକ୍ରୋ ଟେକ୍‌ଟାଇଟ୍ସ ବୋଲି କୁହାଯାଇଥାଏ। କ୍ଷୁଦ୍ରଗ୍ରହ ପ୍ରଭାବରେ ବାୟୁ ମଣ୍ଡରେ ଏହା ଦେଖାଯାଏ। ଏ ପ୍ରକାର ସ୍ଥିତିରେ ମହାସଗରର ମାଟି, ବାଲି କାଦୁଅରେ ଜଳଚର ପ୍ରାଣୀମାନେ ଆଶ୍ରୟ ନେଇଥିବା କୁହାଯାଏ । କ୍ଷୁଦ୍ରଗ୍ରହ ପିଟି ହେବା ଫଳରେ ପୃଥିବୀ ପୃଷ୍ଠ ଗୋଟିଏ ସପ୍ତାହରୁ ୧ ମାସ କାଳ ଥରିବାକୁ ଲାଗିଥିଲା। ଡାଇନାରର ମୃତ୍ୟୁ ହୋଇଥିବା କୁହାଯାଇଛି।

**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NATIONAL FINANCE**
DIWALI DHAMAKA LOAN
ପର୍ସନାଲ, ମାର୍କଶିଟ୍, ଆଧାରକାର୍ଡ, ପ୍ରପର୍ଟି, ଏଜୁକେଶନ୍, ସବୁପ୍ରକାର ଋଣ।
48 hours ଲୋନ୍ ପାଇଁ Agent ଆମନ୍ତ୍ରିତ।
2% interest 40% discount under all Government schemes
9126461403

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୧୪ ଲକ୍ଷ ଖର୍ଚ୍ଚ ପରେ ରୋଷେଇ ଘରେ ନିଆଁ ଲଗାଇଲେ

**ଲଣ୍ଡନ:** ବ୍ରିଟେନର ଜଣେ ବ୍ୟକ୍ତି ତାଙ୍କ ରୋଷେଇ ଘରେ ନିଆଁ ଲଗାଇଦେଇଛନ୍ତି। ଏହି ରୋଷେଇ ଘର ତିଆରିରେ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ପରେ ମଧ୍ୟ ଡିଜାଇନ ତାଙ୍କୁ ପସନ୍ଦ ଆସି ନ ଥିଲା। ତେଣୁ ବାଧ ହୋଇ ସେ ରୋଷେଇ ଘରେ ନିଆଁ ଲଗାଇଦେଇଥିଲେ। ସୂଚନାନୁସାରେ ଡ୍ରାଇଭର କ୍ରିସ ଡୋଡ ଫିଲ୍ଟର ସ୍ଥାପନ ପାଇଁ ଏକ କମ୍ପାନୀକୁ ଚୁକ୍ତିନାମା ପ୍ରଦାନ କରିଥିଲେ। କିନ୍ତୁ ସେ କହିଛନ୍ତି, ଆନୁମାନିକ ଦୁଇ ସପ୍ତାହ ନେବା ପରିବର୍ତ୍ତେ, କାମ ଶେଷ ହେବାକୁ ଦୁଇ ମାସ ସମୟ ଲାଗିଲା। ଯେତେବେଳେ ଏହା କରାଗଲା ରୋଷେଇ ଘରେ ଅନେକ ସମସ୍ୟା ଦେଖାଦେଇଥିଲା। ସେ କହିଥିଲେ, ସେଠାରେ ତାରଗୁଡ଼ିକ ଥିଲା ଏବଂ ଗ୍ୟାସ ଚୁଲାର କାମ ମଧ୍ୟ ଶେଷ ହୋଇ ନ ଥିଲା। ଜୁଲାଇରେ ଏକ ନୂତନ ରୋଷେଇ ଘର ସମ୍ପୂର୍ଣ୍ଣ ହେଲା, ଯାହା ଖର୍ଚ୍ଚ ଅନୁଯାୟୀ ଭଲ ହୋଇ ନ ଥିଲା। ସେ ସାମଗ୍ରୀ କିଣିଥିବା କମ୍ପାନୀ ନିକଟରେ ଅଭିଯୋଗ କରିଥିଲେ। ଗ୍ରାହକଙ୍କ ପାଇଁ କାର୍ଯ୍ୟ ଠିକ ସମୟରେ ସମାପ୍ତ କରିବାକୁ ଆମେ ବର୍ତ୍ତମାନ ସଂସ୍ଥାପକ ସହିତ କାର୍ଯ୍ୟ କରୁଥିବା କମ୍ପାନୀ କହିଛି।

## ଅଭିନେତା ଅରୁଣ ବାଲିଙ୍କ ପରଲୋକ



ମୁମ୍ବାଇ: ବଲିଉଡର ପ୍ରଖ୍ୟାତ ଅଭିନେତା ଅରୁଣ ବାଲିଙ୍କ ଶୁକ୍ରବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ସେ ନ୍ୟୁରୋମସ୍କୁଲାର ମାଇସ୍ଥେନିଆସ୍‌ରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଖବରରେ ବଲିଉଡରେ ଶୋକର ଛାୟା ଖେଳିଯାଇଛି। ବିକାଶ ବାହଲଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗୁଡବାଏ' ଶୁକ୍ରବାର ମୁକ୍ତିଲାଭ ହୋଇଥିବାବେଳେ ଏହା ଅରୁଣଙ୍କ ଶେଷ ଫିଲ୍ମ।

**ମନେ ପଡ଼ନ୍ତି**

୨୧ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଗୋକୁଳାନନ୍ଦ ମହାନ୍ତି
ଗ୍ରାମ- ପରୟା ପାଟପୁର
ଡି-୭, ଗ୍ରୀନ୍ ପାର୍କ, ଭୁବନେଶ୍ୱର
ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ
ଆଜିର ଏ ପବିତ୍ର ଦିନରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସଂଗେ ସଂଗେ ଆଶୀର୍ବାଦ ଭିକ୍ଷା କରୁଅଛୁ।
-: ଶୋକସନ୍ତପ୍ତ :-
ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀ ମାନେ।
CONTACT : 9437010088
ଧ-୭୩୮୦

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ସରିତା ଭାରିମଲ
ସୁନାଖଳା, ନାଚୁଣୀ, ଖୋର୍ଦ୍ଧା
ଆବିର୍ଭାବ : ୨୫.୦୬.୧୯୬୩
ତିରୋଧାନ : ୨୯.୦୯.୨୦୨୨
ତୁମର ବିୟୋଗରେ ଆମେ ସମସ୍ତେ ମର୍ମାହତ। ଧ୍ରୁବତାରା ସଦୃଶ ପରିବାରକୁ ଯେଉଁ ଦିଗ୍‌ଦର୍ଶନ ଦେଇଛ ତାହା ଆମ ସମସ୍ତଙ୍କ ପ୍ରେରଣା ହୋଇ ରହୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଚିର ସ୍ମରଣୀୟ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପରିବାରବର୍ଗ, ବନ୍ଧୁ ଓ ପ୍ରିୟଜନ
ଧ-୧୭୧୮

ଅଶ୍ରୁଳ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ୟାରୀମୋହନ ମହାନ୍ତି
କୋଠବାଡ଼, ଦାଣ୍ଡମୁକୁନ୍ଦପୁର, ଜିଲ୍ଲା- ପୁରୀ
ଆବିର୍ଭାବ: ୨୮।୦୬।୧୯୩୦
ତିରୋଧାନ: ୩୦।୦୯।୨୦୨୦
(ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ)
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥ, ଶ୍ରୀ ରାଧାମୋହନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର: ରଙ୍ଗୁ, ନାଲୁ, ବୋହୂ: ଇତି, ନିନା, ଝିଅ: ସଞ୍ଜୁ, ଜ୍ୱାଇଁ: ସୁଶୀଲ୍, ନାତି: ଲୁଲୁ, ଚିକୁ, ଖୁକୁନ୍, କାହ୍ନା, ନାତୁଣୀ: ଲିପି, ଅଣନାତି/ନାତୁଣୀ: ସ୍ନେହା, ଆରୁଷ୍, ପିହୁ, ଅଭିକ୍, ପରିବାର ଓ ବନ୍ଧୁ ପରିଜନ।
ଧ-୭୩୭୨

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓କୈବଲ୍ୟ ସେଠୀ
ଏମ୍.ଆଇ.ଜି. ୨/୨୯୩, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ-୦୧।୦୭।୧୯୫୧
ତିରୋଧାନ- ୨୮।୦୯।୨୦୨୨
ଆଜି ବି ବିଶ୍ୱାସ କରି ହେଉନି ତୁମେ ହଠାତ୍ ଆମ ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଆମ୍ଭମାନଙ୍କ ପାଇଁ ପ୍ରେରଣା ହୋଇ ରହିବ। ତୁମର ଆଶୀର୍ବାଦର ଦୁଇ ହାତ ଆମ୍ଭମାନଙ୍କ ଉପରେ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ହତଭାଗିନୀ ପତ୍ନୀ: ବିନୋଦିନୀ, ପୁତ୍ର: ମନୋଜ, ପୁତ୍ରବଧୂ: ସୋନାଲୀ, କନ୍ୟା: ମିନି, ସିନି, ଜ୍ୱାଇଁ: ରାକେଶ, ବାବୁ ଆନ୍ଦ୍ରା, ନାତି, ନାତୁଣୀ: ଆୟୁଷ, ପରି, ସାତ୍ତ୍ୱିକ ଓ ଆର୍ଯ୍ୟବୀର।
ଧ-୧୭୨୨

## ସଂକ୍ଷେପରେ

### ନଭେମ୍ବରରେ ଅତିରିକ୍ତ ବଜେଟ
#### ଗତ ୧ ତାରିଖରେ ସବୁ ବିଭାଗକୁ ଜାରି ହୋଇଛି ଚିଠି

**ଭୁବନେଶ୍ୱର,୭।୧୦(ବ୍ୟୁରୋ):** ରାଜ୍ୟ ସରକାର ଆସନ୍ତା ନଭେମ୍ବରରେ ଅତିରିକ୍ତ ବଜେଟ ଆଣିବେ। ଏନେଇ ଗତ ୧ ତାରିଖରେ ସବୁ ବିଭାଗକୁ ଚିଠି ଲେଖାଯାଇଛି। ଅକ୍ଟୋବର ୩୧ ସୁଦ୍ଧା ପ୍ରସ୍ତାବ ଦେବାକୁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୂର୍ଣ୍ଣ ଦାରିଦ୍ର୍ୟ ଦୂରୀକରଣ, କୃଷକ ଆୟ ବୃଦ୍ଧି, ପାନୀୟ ଜଳ ବ୍ୟବସ୍ଥା, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ବଜେଟରେ ଫୋକସ ଦିଆଯିବ। ଭିତ୍ତିଭୂମି ତଥା ଆୟ ଉତ୍ସ ଅଧିକ ଥିବା କ୍ଷେତ୍ରକୁ ଗୁରୁତ୍ୱ ଦେବାକୁ ବିଶେଷଜ୍ଞ କହିଛନ୍ତି। ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ ଆଣିବା ପରେ ଆସନ୍ତା ବଜେଟ ଲାଗି ଅର୍ଥ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ୩୧ ତାରିଖ ସୁଦ୍ଧା ଯୋଜନା ଓ ସଂଯୋଜନା ବିଭାଗକୁ ପ୍ରସ୍ତାବ ଦେବାକୁ ସମସ୍ତ ବିଭାଗକୁ କୁହାଯାଇଛି। କେନ୍ଦ୍ରୀୟ ଯୋଜନାରୁ କିପରି ରାଜ୍ୟ ଭାଗ ଅଧିକ ହେବ ତାହା ଉପରେ ପ୍ରାଥମିକତା ଦେବାକୁ ଅର୍ଥନୈତିକ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

#### ବିସର୍ଜନ ବେଳେ ଭାସିଯିବା ଘଟଣା
### ସାଳନ୍ଦୀରୁ ମିଳିଲା ଯୁବକଙ୍କ ମୃତଦେହ

**ଭଦ୍ରକ ଅଫିସ, ୭।୧୦:** ଭଦ୍ରକ ସହର ଜାନୁଗଞ୍ଜ ପୂଜା କମିଟିର ଦୁର୍ଗା ମେଢ଼ ସାଳନ୍ଦୀ ନଦୀ ବାଗୁରାଇ ଘାଟରେ ବିସର୍ଜନ ବେଳେ ଦୁଇଜଣ ଯୁବକ ଗୁରୁବାର ରାତିରେ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ଜଣଙ୍କ ନିଖୋଜ ଥିଲେ। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ଯୁବକଙ୍କ ମୃତଦେହ ନଦୀରୁ ମିଳିଛି। ମୃତକ ହେଲେ ଜାନୁଗଞ୍ଜର କାଳନ୍ଦୀ ସାହୁଙ୍କ ପୁଅ ରାମାନନ୍ଦ(୨୦)। ଶୁକ୍ରବାର ବାଲେଶ୍ୱରରୁ ଏନ୍‌ଡିଆର୍‌ଏଫ୍ ଇନ୍ସପେକ୍ଟର ଏସ୍.କେ. ତ୍ରିପାଠୀଙ୍କ ନେତୃତ୍ୱରେ ଆସିଥିବା ଟିମ୍ ବହୁ ସମୟ ଖୋଜାଖୋଜି କରିବା ପରେ ଯୁବକଙ୍କ ମୃତଦେହ ପାଇଥିଲେ। ଏନ୍‌ଡିଆର୍‌ଏଫ୍ ଟିମ୍ ମୃତଦେହକୁ ଟାଉନ ପୋଲିସକୁ ହସ୍ତାନ୍ତର କରିଛି।

#### ୧୧ ଦିନ ପରେ
### ନେଇଥିବା ମୋଟର ଡଙ୍ଗା ଫେରାଇଲେ ମାଓବାଦୀ



**ମାଲକାନଗିରି,୭।୧୦ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ବିଜାପୁରଠାରୁ ଗତ ସେପ୍ଟେମ୍ବର ୨୫ରେ ମାଓବାଦୀମାନେ ନେଇଯାଇଥିବା ଏକ ମୋଟର ଡଙ୍ଗାକୁ ୧୧ ଦିନ ପରେ ଛାଡି ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଓ ଜିଲା ପ୍ରଶାସନ ଅନେକ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ସେତେବେଳେ ପାଇ ନ ଥିଲେ। ଦୀର୍ଘ ୧୧ ଦିନ ବ୍ୟବହାର କରିବା ପରେ ସେଥିରେ କିଛି ତ୍ରୁଟି ଦେଖା ଦେବାରୁ ମାଓବାଦୀମାନେ ଏହାକୁ ଗ୍ରାମବାସୀଙ୍କୁ ଫେରାଇ ଦେଇଛନ୍ତି। ଏହା ଗ୍ରାମରେ ପହଞ୍ଚିବା ପରେ ଏକ ଟ୍ରାକ୍ଟର ଯୋଗେ ଏହାକୁ ଭୈରବଗଡକୁ ଅଣାଯାଇଥିବା ଜଣାପଡିଛି।

# ଟାମ୍ପରଗଡ଼ ଶକ୍ତିପୀଠ ଜରାଜୀର୍ଣ୍ଣ

**ସମ୍ବଲପୁର,୭।୧୦(ବ୍ୟୁରୋ)**



ସମ୍ବଲପୁର ଟାମ୍ପରଗଡ଼ଠାରେ ଥିବା ପ୍ରାଚୀନ କୀର୍ତ୍ତିରାଜି।

ସମ୍ବଲପୁର ଜିଲାରେ ଅନେକ ଐତିହ୍ୟସମ୍ପନ୍ନ ପ୍ରାଚୀନ କୀର୍ତ୍ତିରାଜି ରହିଛି। ତନ୍ମଧ୍ୟରେ ଆଦିବାସୀ ବହୁଳ ଯୁଯୁମୁରା ବ୍ଲକର ଟାମ୍ପରଗଡ଼ ଗ୍ରାମରେ ଥିବା ମା' ଦକ୍ଷିଣକାଳୀଙ୍କ ଶକ୍ତିପୀଠ ଅନ୍ୟତମ। ପ୍ରାୟ ୩ଶହ ବର୍ଷ ପୁରାତନ ଏହି ପୀଠ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇ ପଡିରହିଛି।

କୁଟାସିଂହା ପାହାଡ଼ ତଳେ ଅବସ୍ଥିତ ମନ୍ଦିର ଉଚ୍ଚତା ପ୍ରାୟ ୪୦ଫୁଟ୍ ହେବ। ଏହାର ନିର୍ମାଣଶୈଳୀ ବେଶ୍ ଆକର୍ଷଣୀୟ। ମୁଖ୍ୟ ମନ୍ଦିର ଓ ଗର୍ଭଗୃହକୁ ଲାଗି ରହିଛି ୧୫ଫୁଟ୍ ଉଚ୍ଚତାର ମୁଖଶାଳା। ମନ୍ଦିରରେ ବ୍ୟବହାର ହୋଇଥିବା ଇଟାଗୁଡ଼ିକ ମଧ୍ୟଯୁଗୀୟ ବୋଲି କୁହାଯାଉଛି। ମନ୍ଦିର ପାର୍ଶ୍ୱରେ ରହିଛି ଏକ ବୃହତ୍ ଜଳାଶୟ। ଚତୁଃପାର୍ଶ୍ୱରେ ବର, ବେଲ ଓ ଅନ୍ୟାନ୍ୟ ଗଛ ରହିଛି। ଅନତି ଦୂରରେ କୁଟାସିଂହାର ଗରିଆଖମନ ପାହାଡ଼ର ପ୍ରାକୃତିକ ପରିବେଶ ଏହାର ଶୋଭା ବଢ଼ାଉଛି। ମନ୍ଦିରରେ ଦେବୀ ପୂଜା ପାଉ ନ ଥିଲେ ମଧ୍ୟ ପାର୍ଶ୍ୱରେ ଥିବା ଗୃହରେ ମା' ଦକ୍ଷିଣକାଳୀଙ୍କୁ ପୂଜା କରାଯାଉଛି। ଏହାସହ ଖାଡ଼େଶ୍ୱର ବାବାଙ୍କ ନାମରେ ମହାଦେବଙ୍କୁ ପୂଜା କରାଯାଉଛି। ମନ୍ଦିରରେ ବିଭିନ୍ନ ପର୍ବପର୍ବାଣି ପାଳନ କରାଯାଏ। ସ୍ଥାନୀୟ ଜମିଦାରଙ୍କ ପରିବାର ପର୍ବପର୍ବାଣି ସମୟରେ ଆସି ପୂଜା କରନ୍ତି। ଶୈବ ଓ ଶକ୍ତିପୀଠ ଭାବେ ଏହି ସ୍ଥାନର ପ୍ରସିଦ୍ଧି ରହିଛି। ବର୍ଷତମାମ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ବେଳେ ଦଶହରା, ଚୈତ୍ର ମାସରେ ବହୁ ଭକ୍ତଙ୍କ ଭିଡ଼ ହୋଇଥାଏ। ଜିଲା ସମେତ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତମାନେ ଆସି ମାନସିକ ରଖିଥାନ୍ତି। ଭଗବାନଙ୍କ ପାଖରେ ଯାହା ମନାସିଲେ ତାହା ପୂରଣ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଜନଶ୍ରୁତି ଅନୁସାରେ ପ୍ରାୟ ୩ଶହ ବର୍ଷ ପୂର୍ବେ ତତ୍‌କାଳୀନ ଜମିଦାର ଜଳନ୍ଧର ସିଂଦେଓ ସ୍ୱପ୍ନାଦେଶ ପାଇ ଏହି ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିର ପ୍ରତିଷ୍ଠା କରିବାକୁ ପ୍ରସ୍ତୁତି କରୁଥିବା ସମୟରେ ମା' ଦକ୍ଷିଣକାଳୀ ମନ୍ଦିର ବାହାରେ ଅସ୍ଥାୟୀ ସ୍ଥାନରେ ବିରାଜମାନ କରାଇ ପୂଜା କରିବାକୁ ପୁଣି ସ୍ୱପ୍ନାଦେଶ ଦେଇଥିଲେ। ସେହିଦିନଠାରୁ ମନ୍ଦିର ପାର୍ଶ୍ୱରେ କାଳୀ ଓ ଶିବଙ୍କୁ ପୂଜା କରାଯାଉଛି। ରକ୍ଷଣାବେକ୍ଷଣ ଅଭାବରୁ ଏହି ପୀଠ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି। ମନ୍ଦିର ଚାରିପାଖରେ ଶିଉଳି ଓ ଅନାବନା ଗଛଲତା ଆଚ୍ଛାଦିତ ହୋଇ ରହିଛି। କୀର୍ତ୍ତିରାଜି ଓ ଐତିହ୍ୟକୁ ସୁରକ୍ଷା ଦେବା ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଉଛନ୍ତି। ଐତିହ୍ୟପୂର୍ଣ୍ଣ ମନ୍ଦିରକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ଓ ଦେବୋତ୍ତର ବିଭାଗ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ପୁନରୁଦ୍ଧାର କରାଯାଉ ବୋଲି ସ୍ଥାନୀୟ ଗ୍ରାମବାସୀ, ମନ୍ଦିର ପୂଜକ ଓ ଐତିହାସିକମାନେ ଦାବି କରିଛନ୍ତି। ଅନ୍ୟ ମନ୍ଦିର ଓ ପ୍ରାଚୀନ କୀର୍ତ୍ତିରାଜି ଭଳି ଟାମ୍ପରଗଡ଼ର ଏହି ପ୍ରାଚୀନ ମନ୍ଦିର ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଅନୁରୋଧ କରିଛନ୍ତି। ମନ୍ଦିର ପୂଜକ ପ୍ରମୋଦ ବଡ଼ପଣ୍ଡା ମନ୍ଦିରର ମଧ୍ୟ ପୁନରୁଦ୍ଧାର କରାଯାଉ ବୋଲି କହିଛନ୍ତି। ଏ ସମ୍ପର୍କରେ ରେଢ଼ାଖୋଲ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ କହିଛନ୍ତି, ଏହି ପ୍ରାଚୀନ କୀର୍ତ୍ତି ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଆସୁଛି। ତେଣୁ ଏହାର ପୁନରୁଦ୍ଧାର କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ। ଅନୁରୂପ ଭାବେ ପର୍ଯ୍ୟଟନ ବିଭାଗ ଅଧିକାରୀ ହେମନ୍ତ ପ୍ରଧାନ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ଶୀଘ୍ର ଏ ନେଇ ପଦକ୍ଷେପ ଗ୍ରହଣ କରାଯିବ। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଜିଲାପାଳଙ୍କ ଜରିଆରେ ପୁନରୁଦ୍ଧାର ପାଇଁ ଚିଠି କରାଯିବ ବୋଲି କହିଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ୧୧୨ ଶିକ୍ଷକ ପଦବୀ ସୃଷ୍ଟି

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**

ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ରହିଛି। ମୋଟ ୧୬ଟି ବିଭାଗ ପାଇଁ ୧୧୨ ପଦବୀ ସୃଷ୍ଟି ହୋଇଛି। ପ୍ରତି ବିଭାଗରେ ଜଣେ ପ୍ରଫେସର, ଦୁଇଜଣ ଆସୋସିଏଟ୍ ପ୍ରଫେସର ଏବଂ ୪ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ମୋଟ ୭ଜଣଙ୍କୁ ନିଯୁକ୍ତି ଦିଆଯିବ। ଏହିଭଳି ଭାବେ ୧୬ଟି ବିଭାଗରେ ୧୬ଜଣ ପ୍ରଫେସର, ୩୨ଜଣ ଆସୋସିଏଟ ପ୍ରଫେସର ଏବଂ ୬୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିବେ। ଏହି ବିଭାଗଗୁଡ଼ିକ ହେଲା ନୃତତ୍ତ୍ୱ, ବାୟୋ ଟେକ୍ନୋଲୋଜି, ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ବାଣିଜ୍ୟ, କମ୍ପ୍ୟୁଟର ସାଇନ୍ସ ଏବଂ ଏମ୍‌ସିଏ, ଅର୍ଥନୀତି, ଇଂଲିଶ, ଶିକ୍ଷା ଏବଂ ବିଏଡ୍, ଭୂତତ୍ତ୍ୱ ବିଜ୍ଞାନ, ଇତିହାସ, ଗଣିତ ଏବଂ ପରିସଂଖ୍ୟାନ, ଓଡ଼ିଆ, ପଦାର୍ଥ ବିଜ୍ଞାନ, ରାଜନୀତି ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ୍-୧୯୮୯ର ଧାରା- ୨୧ ଅନୁଯାୟୀ ଏହି ପଦବୀଗୁଡ଼ିକରେ ସିଧାସଳଖ ନିଯୁକ୍ତି ଗ୍ରହଣ କରାଯିବ।

ସୂଚନାଯୋଗ୍ୟ, ୧୬୬ବର୍ଷର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଗତବର୍ଷ ମେ' ୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକକ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଘୋଷଣା କରିଥିଲେ। ଏବେ ଏହି ବିଶ୍ୱବିଦ୍ୟାଳୟରେ ୮୮ଜଣ ନିୟମିତ ଶିକ୍ଷକ ପଦବୀ ରହିଛି। ୩୨ଜଣ ନିୟମିତ ଶିକ୍ଷକ କାର୍ଯ୍ୟ କରୁଥିବାବେଳେ ୫୬ଟି ପଦବୀ ଖାଲି ପଡ଼ିଛି। ଖାଲି ପଦବୀଗୁଡ଼ିକରେ ଅତିଥି ଅଧ୍ୟାପକଙ୍କୁ ନେଇ ପାଠପଢ଼ା ଚାଲିଛି।

# ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ମୁରିବାହାଲ ଏପିଓ

- ବିଲ୍ ପାସ୍ କରିବାକୁ ଗାଁ ସାଥୀଙ୍କ ଠାରୁ ନେଉଥିଲେ ୪୫ ହଜାର ଟଙ୍କା
- ମୁରିବାହାଲ ବ୍ଲକ ଅଫିସ, ଅସୁର୍ଲା ଗାଁରେ ଭିଜିଲାନ୍ସ ଚଢ଼ାଉ

**ବଲାଙ୍ଗୀର ଅଫିସ/ ମୁରିବାହାଲ,୭।୧୦(ଡି.ଏନ.ଏ.)**



ଗିରଫ ଏପିଓ ସୁଶାନ୍ତ କୁମାର ଦାସ।

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଆଡିସନାଲ ପ୍ରୋଗ୍ରାମ ଅଫିସର (ଏପିଓ) ସୁଶାନ୍ତ କୁମାର ଦାସ ଶୁକ୍ରବାର ଜଣେ ଗାଁ ସାଥୀଙ୍କ ଠାରୁ ୪୫ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତ ଯୋଜନା (ଏମଜିଏନ୍‌ଆରଇଜିଏସ୍)ରେ ପୁନରୁଦ୍ଧାର କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଏପିଓ ଦାସ ଗାଁ ସାଥୀଙ୍କୁ ପ୍ରଥମ କିସ୍ତିରେ ୪୫ ହଜାର ଟଙ୍କା ଦାବି କରିଥିଲେ। ଏନେଇ ସମ୍ପୃକ୍ତ ଗାଁ ସାଥୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଗାଁ ସାଥୀ ଜଣକ ଟଙ୍କା ନେଇ ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ଭିତରେ ସମ୍ପୃକ୍ତ ଏପିଓ ଦାସଙ୍କୁ ଦେଇଥିଲେ। ଉକ୍ତ ଲାଞ୍ଚ ଟଙ୍କାକୁ ଦାସ ଗ୍ରହଣ କରିଥିଲେ। ଏହି ସମୟରେ ସେଠାରେ ଜଗି ରହିଥିବା ଭିଜିଲାନ୍ସ ବିଭାଗ ଟିମ୍ ଏପିଓ ଦାସଙ୍କୁ କାବୁକରି ନେଇ ତାଙ୍କଠାରୁ ଲାଞ୍ଚ ଟଙ୍କା ୪୫ ହଜାର ଜବତ କରିଥିଲେ। ଏହି ଘଟଣା ପରେ ଭିଜିଲାନ୍ସ ଟିମ୍ ମୁରିବାହାଲ ବ୍ଲକ କାର୍ଯ୍ୟାଳୟ ଓ ଏପିଓ ଦାସଙ୍କ ଅସୁର୍ଲା ଗାଁରେ ଥିବା ପୈତୃକ ଘରେ ଚଢ଼ାଉ କରିଥିଲେ। ବରଗଡ, ବଲାଙ୍ଗୀର ଜିଲା ଭିଜିଲାନ୍ସ ଟିମ୍ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଏପିଓ ଦାସଙ୍କୁ ଗିରଫ କରାଯାଇଛି।

# 'ସ୍ୱାସ୍ଥ୍ୟସେବାକୁ ପ୍ରଭାବଶାଳୀ କରିବାରେ ଆୟୁର୍ବେଦ ସହାୟକ ହୋଇଛି'



ଲୋକସେବା ଭବନରେ ଶୁକ୍ରବାର ନବନିଯୁକ୍ତ ଆୟୁର୍ବେଦିକ ମେଡିକାଲ ଅଫିସରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଉଛନ୍ତି।

**ଭୁବନେଶ୍ୱର,୭।୧୦(ବ୍ୟୁରୋ)**

ଆୟୁର୍ବେଦର ପାରମ୍ପରିକ ଜ୍ଞାନ ଆଧୁନିକ ସ୍ୱାସ୍ଥ୍ୟସେବା ସହିତ ଆମର ସ୍ୱାସ୍ଥ୍ୟସେବାକୁ ଅଧିକ ପ୍ରଭାବଶାଳୀ କରିବାରେ ସହାୟକ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ୧୪୩ ଆୟୁର୍ବେଦିକ ମେଡିକାଲ ଅଫିସର ରାଜ୍ୟ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଯୋଗଦେଇଛନ୍ତି। ଲୋକସେବା ଭବନରେ ଆୟୋଜିତ ନୂତନ ଆୟୁର୍ବେଦିକ ମେଡିକାଲ ଅଫିସରଙ୍କ ଇଣ୍ଡକ୍ସନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଥିଲେ, ଆୟୁର୍ବେଦ ହେଉଛି ଜୀବବିଜ୍ଞାନର ଏକ ପୁରୁଣା ଜ୍ଞାନ, ଯାହା ପାରମ୍ପରିକ ଭାବେ ଭାରତର ଲକ୍ଷ ଲକ୍ଷ ଲୋକଙ୍କୁ ଭଲ ସ୍ୱାସ୍ଥ୍ୟ ବଜାୟ ରଖିବା ଏବଂ ରୋଗ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଆସୁଛି। ଗୁଣାତ୍ମକ ସ୍ୱାସ୍ଥ୍ୟସେବାରେ ସର୍ବଭାରତୀୟ ସୁବିଧା ଯୋଗାଇବା ତଥା ଲୋକଙ୍କ ଖର୍ଚ୍ଚକୁ ହ୍ରାସ କରିବା ପାଇଁ ରାଜ୍ୟ ପ୍ରତିବଦ୍ଧତା ସମ୍ପର୍କରେ ସେ କହିଛନ୍ତି, ବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟ ବିଭାଗର ବଜେଟର ବୃଦ୍ଧି ପାଉଛି। ଆମର ସ୍ୱାସ୍ଥ୍ୟସେବା ବଜେଟ ବହୁମାତ୍ରାରେ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ୧୨ ହଜାର କୋଟିର ସ୍ୱାସ୍ଥ୍ୟ ବଜେଟ ହୋଇଛି, ଯାହା ଗତ ୩ ବର୍ଷ ତୁଳନାରେ ୨ ଗୁଣା ଅଧିକ। ଏହା ରାଜ୍ୟ ଯୋଜନାର ୬ ପ୍ରତିଶତରୁ ଅଧିକ ବୋଲି ସେ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି, ରାଜ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ମଜଭୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତୀକରଣକୁ ଏକ ମିଶନ ଭାବେ ଗ୍ରହଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ସରକାର ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ପଦବୀ ପୂରଣ କରୁଛନ୍ତି। ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ରାଜ୍ୟର ସମସ୍ତ ଘରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତିନି ଜଣ ମେଡିକାଲ ଅଫିସର ଆଶିଷ ତ୍ରିପାଠୀ, ଦୀପ୍ତିମୟୀ ରାଉତ ଏବଂ ନେହା ତିୱାରୀ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ସେମାନେ ସ୍ୱାସ୍ଥ୍ୟସେବା ବୃତ୍ତିରେ ସ୍ୱଚ୍ଛତା ରଖିବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଦୁଇ ଅଭିଯୁକ୍ତ ଅଟକ
## ନାବାଳିକାଙ୍କୁ ବଳାତ୍କାର, ଅଶ୍ଳୀଳ ଭିଡିଓ ଭାଇରାଲ

**ବାରିପଦା ଅଫିସ,୭।୧୦**

ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ବଳାତ୍କାର ସହ ଅଶ୍ଳୀଳ ଭିଡିଓ ଭାଇରାଲ ଅଭିଯୋଗରେ ଦୁଇଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅଭିଯୁକ୍ତଦ୍ୱୟଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ୨୦୨୧ ଜୁନ୍ ମାସରେ ସ୍ଥାନୀୟ ଅଞ୍ଚଳର ଜନୈକା ନାବାଳିକାଙ୍କୁ ଦୁଇ ଅଭିଯୁକ୍ତ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଉତ୍ତୋଳନ କରି ଭାଇରାଲ କରି ଦେଇଥିଲେ। ସମୟକ୍ରମେ ଉକ୍ତ ଭିଡିଓ ନାବାଳିକାଙ୍କ ପରିବାର ଲୋକଙ୍କ ନଜରକୁ ଆସିଥିଲା। ଏହାକୁ ନେଇ ନାବାଳିକାଙ୍କ ପରିବାର ଲୋକେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଶନିବାର ନାବାଳକଙ୍କୁ ସୁଧାର ଗୃହକୁ ପଠାଯିବ। ଅନ୍ୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ସୂଚନା ଦେଇଛନ୍ତି।

# ଜୁନ୍ ୨୦୨୩ ସୁଦ୍ଧା ସରିବ ଲୋୟର ସୁକତେଲ ସ୍ପିଲ୍ ୱେ କାର୍ଯ୍ୟ

**ଭୁବନେଶ୍ୱର,୭।୧୦(ବ୍ୟୁରୋ)**



ରାଜ୍ୟ ଜଳ ସମ୍ପଦ ବିଭାଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟର ବିଭିନ୍ନ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଶୁକ୍ରବାର ସମୀକ୍ଷା କରିଛନ୍ତି। ଆଭାସି ବୈଠକ ମାଧ୍ୟମରେ ସମ୍ପୃକ୍ତ ଜିଲାର ଜିଲାପାଳ, ବନଖଣ୍ଡ ଅଧିକାରୀ ଏବଂ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବଲାଙ୍ଗୀର ଜିଲାର ଲୋୟର ସୁକତେଲ, ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ଓ ବାଙ୍କତିରା ଜଳସେଚନ ପ୍ରକଳ୍ପ ଏବଂ ମୟୂରଭଞ୍ଜ ଜିଲାର ସୋନ ଜଳସେଚନ ପ୍ରକଳ୍ପର କାର୍ଯ୍ୟ ଅଗ୍ରଗତି ସହିତ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ବ୍ୟାପକ ଆଲୋଚନା କରାଯାଇଛି। ବୈଠକରୁ ଜଣାପଡ଼ିଛି, ଜୁନ୍ ୨୦୨୩ ସୁଦ୍ଧା ଲୋୟର ସୁକତେଲ ପ୍ରକଳ୍ପର ସ୍ପିଲ୍ ୱେ କାର୍ଯ୍ୟ ଶେଷ ହେବ। ଏଥିପାଇଁ ପ୍ଲେଟ୍ ଗାର୍ଡର ଓ ଦକ୍ଷିଣ ପାର୍ଶ୍ୱ ଡାଇକ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ୨୦୨୧ରେ ଏହି ପ୍ରକଳ୍ପ ଅଧୀନରେ ୧୫,୦୦୦ ହେକ୍ଟର ଓ ୨୦୨୨ରେ ୧୭,୦୦୦ ହେକ୍ଟର ସେଚାଞ୍ଚଳକୁ ଅତିରିକ୍ତ ଜଳସେଚନ ସୁବିଧା କରାଯାଇଥିବା ବେଳେ ଆଗାମୀ ଖରିଫ-୨୦୨୩ ସୁଦ୍ଧା ଆଉ ୮୦୦୦ ହେକ୍ଟର ଜମିକୁ ଜଳସେଚନ ପାଇଁ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଛି। ସେହିପରି ମୟୂରଭଞ୍ଜ ଜିଲାର ସୋନ ଜଳସେଚନ ପ୍ରକଳ୍ପ ଓ ବାଲେଶ୍ୱର ଜିଲାର ବାଙ୍କତିରା ଜଳସେଚନ ପ୍ରକଳ୍ପର ସମୀକ୍ଷା କରାଯାଇଛି। ଏହି ପ୍ରକଳ୍ପ ଦ୍ୱୟର କାର୍ଯ୍ୟାରମ୍ଭ ପାଇଁ ପରିବେଶ ମଞ୍ଜୁରୀ ଏବଂ ଟେଣ୍ଡର କାର୍ଯ୍ୟକୁ ତ୍ୱରିତ ପଦକ୍ଷେପ ନିଆଯାଇ ଶେଷକରିବାକୁ ଗର୍ଗ ଗୁରୁତ୍ୱ ଦେଇଛନ୍ତି।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଲୋକଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୧୦(ବ୍ୟୁରୋ)**



ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ସୂଚନା ଭବନଠାରେ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀକୁ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ଅନ୍ୟ ଅତିଥିମାନେ ବୁଲି ଦେଖୁଛନ୍ତି।

ମାନବ ସମାଜ ଓ ବନ୍ୟପ୍ରାଣୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମଣିଷ ପରି ପ୍ରତ୍ୟେକ ଜୀବଜନ୍ତୁଙ୍କର ମଧ୍ୟ ସୁସ୍ଥ ପରିବେଶରେ ବଞ୍ଚିବାର ସମାନ ଅଧିକାର ରହିଛି। ଜୀବଜନ୍ତୁଙ୍କ ସଂରକ୍ଷଣ ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଭବନଠାରେ ୬୮ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଯୋଗଦେଇ କହିଲେ, ଜୈବ ବିବିଧତା ଦୃଷ୍ଟିରୁ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟ। ଆମ ରାଜ୍ୟରେ ବହୁ ବିରଳ ବନ୍ୟପ୍ରାଣୀ ବାସ କରୁଛନ୍ତି। ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ସହଯୋଗର ହାତ ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ନୂତନ ପରିବେଶ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରିବାର ଯୋଜନା ରହିଛି। ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ୨୦୨୧ ଅନୁଯାୟୀ ଗତ ଦୁଇବର୍ଷରେ ଆମ ରାଜ୍ୟରେ ଥିବା ହେନ୍ତାଳ ବନର ଆୟତନ ୮.୩୪ ବର୍ଗ କିମି ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ହାର ଦେଶରେ ସର୍ବାଧିକ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀଙ୍କୁ ସାମିଲ କରିବା ପାଇଁ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପିସିସିଏଫ୍(ବନ୍ୟପ୍ରାଣୀ) ସୁଶୀଲ କୁମାର ପୋପଲି ଏହି ଉତ୍ସବ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ବଲାଙ୍ଗୀରର ବିକିଜି ନାଗ୍ ଓ ଗଞ୍ଜାମ ଜିଲାର ରବୀନ୍ଦ୍ରନାଥ ସାହୁଙ୍କୁ ଚଳିତବର୍ଷ ନିମନ୍ତେ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗ ପକ୍ଷରୁ ୩ଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ମୁଖ୍ୟ ବନସଂରକ୍ଷକ(ବନ୍ୟପ୍ରାଣୀ) ମନୋଜ ଭି. ନାୟର ଧନ୍ୟବାଦ ଦେଇଥିଲେ। ଆୟୋଜିତ ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖିଥିଲେ।

### ୬୮ତମ ବନ୍ୟପ୍ରାଣୀ ସପ୍ତାହ ପାଳନ



ବିକିଜି ନାଗ୍, ରବୀନ୍ଦ୍ରନାଥ ସାହୁଙ୍କୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର

## ସଂକ୍ଷେପରେ

### ଅଷ୍ଟ୍ରେଲିଆ ସିରିଜ ବିଜୟୀ

**ବ୍ରିସବେନ, ୭।୧୦:** ଡେଭିଡ ୱାର୍ନରଙ୍କ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଓ ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆ ଶୁକ୍ରବାର ଅନୁଷ୍ଠିତ ଟି୨୦ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜକୁ ୩୧ ରନରେ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟ ହରାଇ ୧୭୮ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ପୂରା ଓଭର ଖେଳିଥିଲେ ହେଁ ୮ ଉଇକେଟ ହରାଇ ୧୪୭ ରନ କରିବାକୁ ସକ୍ଷମ ହୋଇଥିଲା। ଏଠାରେ ବିଜୟ ଫଳରେ ଅଷ୍ଟ୍ରେଲିଆ ୨ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି। ୱାର୍ନର ପ୍ଲେୟର ଅଫ୍ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଛନ୍ତି। ଟସ୍ ଜିତି ୱେଷ୍ଟଇଣ୍ଡିଜ ଅଧିନାୟକ ନିକୋଲସ ପୁରନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅଷ୍ଟ୍ରେଲିଆର ଆରମ୍ଭ ଭଲ ହୋଇ ନ ଥିଲେ ହେଁ ୱାର୍ନରଙ୍କ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଅଷ୍ଟ୍ରେଲିଆକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲା। ୱାର୍ନର ୪୧ଟି ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୭୫ ରନ କରିଥିଲେ। ଶେଷ ଭାଗରେ ଟିମ୍ ଡାଭିଡ ୨୦ ବଲ୍‌ରୁ ୪୨ (୪ ଚୌକା, ୩ ଛକା) ରନର ଇନିଂସ ଖେଳିବାରୁ ଅଷ୍ଟ୍ରେଲିଆ ଚ୍ୟାଲେଞ୍ଜିଂ ସ୍କୋରରେ ପହଞ୍ଚି ଯାଇଥିଲା। **ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ ୨୦ ଓଭରରେ ୧୭୮/୭ (ଡେଭିଡ ୱାର୍ନର-୭୫, ଟିମ୍ ଡାଭିଡ-୪୨, ଆଲଜାରି ଜୋସେଫ-୩/୨୧, ଓବେଡ ମ୍ୟାକକୟ-୨/୩୩, ଓଡେନ ସ୍ମିଥ-୧/୨୪)। ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୪୭/୮ (ମିଚେଲ ଷ୍ଟାର୍କ-୪/୨୦, ପ୍ୟାଟ୍ କୁମିନ୍ସ-୨/୩୨)।

### ମେଧାଲି ରେଡ୍‌କାର ଜିତିଲେ ସ୍ୱର୍ଣ୍ଣ ପଦକ

**ରାଜକୋଟ୍, ୭।୧୦ (ପି.ଟି.):** ଜାତୀୟ କ୍ରୀଡ଼ାରେ ଅନୁଷ୍ଠିତ ୧ ମିଟର ସ୍ପ୍ରିଙ୍ଗ୍ ବୋର୍ଡ ପ୍ରତିଯୋଗିତାରେ ଜିମ୍ନାଷ୍ଟରୁ ଡାଇଭର ହୋଇଥିବା ମେଧାଲି ରେଡ୍‌କାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମେଧାଲି ଏକଦା ଜଣେ ଜିମ୍ନାଷ୍ଟ ଥିଲେ। ୭ବର୍ଷ ଧରି ଏହି କ୍ରୀଡ଼ାରେ ରହିବା ପରେ ସେ ତାଙ୍କ କୋଚ୍‌ମାନଙ୍କ ପରାମର୍ଶକ୍ରମେ ଡାଇଭିଂରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଚାହିଁଥିଲେ। କାରଣ ଏହି ଦୁଇ ଖେଳ ପାଇଁ ସମାନ ଶକ୍ତି ଓ ଏକ୍ରୋବାଟିକ୍ ସାମର୍ଥ୍ୟ ଆବଶ୍ୟକତା ରହିଛି। ମେଧାଲି ୧୭୧.୫୦ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଘଟଣାକ୍ରମେ ନିକଟରେ ଗୁଆହାଟୀଠାରେ ଅନୁଷ୍ଠିତ ଜାତୀୟ ସିନିୟର ପ୍ରତିଯୋଗିତାର ୩ ମିଟର ସ୍ପ୍ରିଙ୍ଗ ବୋର୍ଡରେ ସେ ଏକ ବ୍ରୋଞ୍ଜ ପାଇଥିବା ବେଳେ ୧ ମିଟର ସ୍ପ୍ରିଙ୍ଗବୋର୍ଡ ଇଭେଣ୍ଟରେ ୫ମ ସ୍ଥାନ ଅଧିକାର କରିଥିଲେ। ୨୪ବର୍ଷୀୟା ମେଧାଲି ଜାତୀୟସ୍ତର ଜିମ୍ନାଷ୍ଟିକ୍ସରେ ବହୁ ପଦକ ପାଇଛନ୍ତି। ସେ ବର୍ଷ ବର୍ଷ ଧରି ଉଭୟ ପାଠପଢ଼ା ଓ ଖେଳକୁ ସଫଳତାର ସନ୍ତୁଳନ ରକ୍ଷା କରିପାରୁଛନ୍ତି।

### ପାକିସ୍ତାନ ୨୧ ରନରେ ବିଜୟୀ

**ଖ୍ରୀଷ୍ଟଚର୍ଚ୍ଚ, ୭।୧୦:** ଏଠାରେ ଚାଲିଥିବା ତ୍ରିରାଷ୍ଟ୍ରୀୟ କ୍ରିକେଟ ସିରିଜର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାକିସ୍ତାନ ୨୧ ରନରେ ବାଂଲାଦେଶକୁ ପରାସ୍ତ କରିଛି। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୬୮ ରନ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ୨୦ ଓଭରରେ ୮ ଉଇକେଟ ହରାଇ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା। ପାକିସ୍ତାନ ଇନିଂସରେ ଓପନର ମହମ୍ମଦ ରିଜୱାନ ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ। ସେ ୫୦ଟି ବଲ୍‌ର ସମ୍ମୁଖୀନ ହୋଇ ୭ ଚୌକା ଓ ୨ ଛକା ସହାୟତାରେ ୭୮ ରନରେ ଅପରାଜିତ ରହିଥିଲେ। ଶାନ ମସୁଦ ଦ୍ୱିତୀୟ ସର୍ବାଧିକ ୩୧ ରନ କରିଥିଲେ। ଟାର୍ଗେଟ ବିଶେଷ କଷ୍ଟସାଧ ନ ଥିଲେ ହେଁ ଯୋଜନା ବିହିନ ପ୍ରଦର୍ଶନ ଯୋଗୁ ବାଂଲାଦେଶ ବିଜୟଠାରୁ ଦୂରରେ ରହି ଯାଇଥିଲା। ୭ ନମ୍ବର ବ୍ୟାଟର ୟାସିର ଅଲୀ ସର୍ବାଧିକ ୪୨ (୨୧ ବଲ, ୫ ଚୌକା, ୨ ଛକା) ରନକରି ଅପରାଜିତ ରହିଥିଲେ। ଲିଟନ ଦାସ ୩୫ ରନ କରିଥିଲେ। ପାକିସ୍ତାନ ବୋଲରଙ୍କ ମଧ୍ୟରେ ମହମ୍ମଦ ୱାସିମ ୩ଟି ଓ ମହମ୍ମଦ ନୱାଜ ୨ଟି ଉଇକେଟ ନେଇଥିଲେ। ଏହି ତ୍ରିରାଷ୍ଟ୍ରୀୟରେ ତୃତୀୟ ଦଳ ହେଉଛି ଘରୋଇ ନ୍ୟୁଜିଲାଣ୍ଡ।




୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପୂର୍ବରୁ ଶୁକ୍ରବାର ଭୁବନେଶ୍ୱରସ୍ଥିତ ୭ମ ବାଟାଲିୟନ ଗ୍ରାଉଣ୍ଡରେ ଭାରତୀୟ ଖେଳାଳିଙ୍କ ଅଭ୍ୟାସ।

# କ୍ୱାର୍ଟର ଫାଇନାଲ ଲକ୍ଷ୍ୟ: ଡେନର୍ବି

**୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍**

**ଭୁବନେଶ୍ୱର, ୭।୧୦**

୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଯେତିକି ପାଖେଇ ଆସୁଛି ସାରା ଦେଶରେ ଉତ୍ସାହ ସେତେ ବଢ଼ିବାରେ ଲାଗିଛି। ଭୁବନେଶ୍ୱର ଓ ମାର୍ଗାଓରେ ଏହି ପ୍ରତିଯୋଗିତା ଚଳିତ ମାସ ୧୧ ତାରିଖରେ ଆରମ୍ଭ ହେବ। ନଭି ମୁମ୍ବାଇ ମେଗା ଇଭେଣ୍ଟର ତୃତୀୟ ଭେନ୍ୟୁ। ଭାରତର ସମସ୍ତ ମ୍ୟାଚ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୧୧ ତାରିଖରେ ଆମେରିକା ସହିତ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ପରେ ୧୪ରେ ମରକ୍କୋ ଏବଂ ୧୭ରେ ଶକ୍ତିଶାଳୀ ବ୍ରାଜିଲ ସହିତ ଖେଳିବ। ଏଥିପାଇଁ ଭୁବନେଶ୍ୱରରେ ଭାରତୀୟ ଦଳର ଅଭ୍ୟାସ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। କଷ୍ଟସାଧ ଗ୍ରୁପ୍ 'ଏ'ରେ ଭାରତ ରହିଥିଲେ ହେଁ ମୁଖ୍ୟ କୋଚ୍ ଥୋମାସ ଡେନର୍ବି ଆଶା ହରାଇ ନାହାନ୍ତି। ଭାରତ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇପାରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ପ୍ରତି ଗ୍ରୁପ୍‌ରୁ ୨ଟି ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବାର କାର୍ଯ୍ୟସୂଚୀ ଥିବାବେଳେ ଡେନର୍ବିଙ୍କ ଆତ୍ମବିଶ୍ୱାସ ଦୃଢ଼ ଥିବା ଏଥିରୁ ସୂଚନା ମିଳୁଛି।

''ଆମେ ଗ୍ରୁପ୍ ପର୍ଯ୍ୟାୟରେ ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିବାକୁ ଯାଉଛୁ ଏହା ସତ, ମାତ୍ର ଯଦି ସେହି ଦିନଟି ଆମର ଥିବ ଏବଂ ପ୍ରତିପକ୍ଷର ଦୁର୍ବଳତାରୁ ଫାଇଦା ଉଠାଇ ପାରିବୁ ତେବେ ନିଶ୍ଚିତ ସୁଯୋଗ ରହିବ। ସୁଯୋଗର ସଦ୍‌ବ୍ୟବହାର କରିପାରିଲେ ଅଣ୍ଡରଡଗ୍ ଦଳ ମଧ୍ୟ ମ୍ୟାଚ ଜିତିପାରିବ। ଆମେ ଯଦି ବ୍ରାଜିଲ କିମ୍ବା ଆମେରିକା ବିପକ୍ଷରେ ଶୀଘ୍ର ଗୋଲ ଦେଇ ଅଗ୍ରଣୀ ହାସଲ କରିପାରିବୁ ତେବେ ପ୍ରତିପକ୍ଷ ଦଳର ଖେଳାଳି ନିଶ୍ଚିତ ନର୍ଭସ ହେବେ। ଚାପରେ ରହି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା କରିବେ। ଏ କ୍ଷେତ୍ରରେ ଆମ ପାଇଁ ସୁଯୋଗ ସୃଷ୍ଟି ହୋଇପାରିବ'' ବୋଲି ୬୩ ବର୍ଷୀୟ ଡେନର୍ବି ପ୍ରକାଶ କରିଛନ୍ତି।

ଆମେରିକା ବିଶ୍ୱର ନମ୍ବର ୱାନ ଦଳ। ବ୍ରାଜିଲ ଟପ୍-୧୦ରେ ଥିବାବେଳେ ମରକ୍କୋ ୭୬ ଓ ଭାରତ ୫୮ତମ ସ୍ଥାନରେ ରହିଛି। ଅର୍ଥାତ୍ ଗ୍ରୁପ୍ 'ଏ'ରେ ଭାରତଠାରୁ ମରକ୍କୋ ଏକମାତ୍ର ଲୋ ର୍‍ୟାଙ୍କ୍‌ପ୍ରାପ୍ତ ଦଳ। ''ପ୍ରତିପକ୍ଷ ଦଳ ଯେତେ ଶକ୍ତିଶାଳୀ ହେଉ ନା କାହିଁକି ଭାରତ ନିଜର ଶକ୍ତି ଅନୁସାରେ ଖେଳିବ। ପ୍ରତି ମ୍ୟାଚରେ ଯୋଜନାକୁ କାର୍ଯ୍ୟକାରୀ କରି ପଏଣ୍ଟ ହାସଲ କରିବା ମୁଖ୍ୟ ଲକ୍ଷ୍ୟ ରହିବ। ଦଳ ଶ୍ରେଷ୍ଠ ପ୍ରଦର୍ଶନ କଲେ ନିଶ୍ଚିତ ଏହା ସମ୍ଭବ ହୋଇପାରିବ'' ବୋଲି ଡେନର୍ବି କହିଛନ୍ତି। ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ସ୍ୱିଡେନର ଡେନର୍ବିଙ୍କୁ ୨୦୧୯ ନଭେମ୍ବରରେ ଭାରତୀୟ ମହିଳା ଦଳର କୋଚ୍ ନିଯୁକ୍ତ କରାଯାଇଥିଲା। ଅଭିଜ୍ଞତା ଆହରଣ ପାଇଁ ଭାରତୀୟ ଦଳ ନିକଟରେ ବିଦେଶ ଗସ୍ତରେ ଯାଇଥିଲା। ସେଠାରେ ସ୍ୱିଡେନ ନିକଟରୁ ୧-୩ ଗୋଲରେ ପରାଜିତ ହୋଇଥିଲେ ହେଁ ଡବ୍ଲ୍ୟୁଏସ୍‌ଏସ୍ ବାର୍ସିଲୋନା କ୍ଲବକୁ ୧୭-୧ ଗୋଲରେ ପରାସ୍ତ କରିଥିଲା।

# ପ୍ରୋ-କବାଡ଼ି ଲିଗ୍ ଆରମ୍ଭ

**ଉଦ୍‌ଘାଟନୀରେ ଦବଙ୍ଗ ଦିଲ୍ଲୀ ବିଜୟୀ**

**ବେଙ୍ଗାଲୁରୁ, ୭।୧୦**

ପ୍ରୋ-କବାଡ଼ି ଲିଗ୍‌ର ସିଜନ-୯ ଆରମ୍ଭ ହୋଇଛି। ଶୁକ୍ରବାର ସ୍ଥାନୀୟ କାନ୍ତିରାଭା ଇନ୍‌ଡୋର ଷ୍ଟାଡିୟମରେ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚରେ ଦବଙ୍ଗ ଦିଲ୍ଲୀ କେସି ୪୧-୨୭ରେ ୟୁ ମୁମ୍ବାକୁ ପରାସ୍ତ କରିଛି। ଅଧିନାୟକ ନବୀନ କୁମାର ଦଳ ପାଇଁ ୧୩ ପଏଣ୍ଟ ସ୍କୋର କରିଥିଲେ। ତାଙ୍କ ରେଡ୍ ଖୁବ୍ ଚମତ୍କାର ଥିଲା। ଡିଫେଣ୍ଡର ବିଶାଲ ଓ ସନ୍ଦୀବ ଧୂଲ ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ଫଳରେ ଦିଲ୍ଲୀ ବିପକ୍ଷ ଦଳକୁ ଶୀଘ୍ର ଅଲଆଉଟ କରିବାରେ ସଫଳ ହୋଇଥିଲା। ୯ମ ମିନିଟ ଖେଳରେ ଦଳ ୧୧-୯ରେ ଅଗ୍ରଣୀ ଲାଭ କରିନେଇଥିଲା। ନବୀନ ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବାରୁ ଅଗ୍ରଣୀ ବ୍ୟବଧାନ ୧୪-୫ରେ ପହଞ୍ଚିଥିଲା। କ୍ରିଶନଙ୍କ ନେତୃତ୍ୱରେ ଦବଙ୍ଗ ଦିଲ୍ଲୀର ଡିଫେନ୍ସ ୟୁନିଟ୍ ୟୁ ମୁମ୍ବା ରେଡରମାନଙ୍କୁ ଟ୍ୟାକଲ କରିଥିଲା। ଫଳତଃ ପ୍ରଥମାର୍ଦ୍ଧ ସୁଦ୍ଧା ଦିଲ୍ଲୀ ୧୯-୧୦ରେ ଅଗ୍ରଣୀ ଲାଭ କରି ନେଇଥିଲା। ଦ୍ୱିତୀୟାର୍ଦ୍ଧରେ ୟୁ ମୁମ୍ବା ତୁଳନାତ୍ମକ ଭାବେ ଉନ୍ନତ ପ୍ରଦର୍ଶନ କରିଥିଲା। ଆଶିଷ କିଛି ଗୁରୁତ୍ୱପୂର୍ଣ୍ଣ ରେଡ୍ ପଏଣ୍ଟ ଅର୍ଜନ କରିଥିଲେ। କିରଣ ମଗର ଦୁଇଟି ଦର୍ଶନୀୟ ଟ୍ୟାକଲ କରିଥିଲେ। ନବୀନ କିନ୍ତୁ ତାଙ୍କ ଭଲ ପ୍ରଦର୍ଶନ ବଜାୟ ରଖିବାରୁ ୩୧ତମ ମିନିଟ ଖେଳ ବେଳକୁ ଦିଲ୍ଲୀର ଅଗ୍ରଣୀ ବ୍ୟବଧାନ ୨୮-୨୦ରେ ପହଞ୍ଚିଥିଲା। ସେତେବେଳେ ମ୍ୟାଟ୍‌ରେ ମୁମ୍ବାଇ ଦଳର ମାତ୍ର ୩ ଖେଳାଳି ଥିଲେ। ଏକାଧିକ ରେଡ ପଏଣ୍ଟ ଯୋଗୁ ନବିନ ସିଜନର ପ୍ରଥମ ସୁପର ୧୦ ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ଦିଲ୍ଲୀ ଅଲଆଉଟ କରିବାରେ ସଫଳ ହୋଇଥିଲା ଏବଂ ଏହାର ଅଗ୍ରଣୀ ବ୍ୟବଧାନ ବୃଦ୍ଧି ପାଇଥିଲା। ଖେଳର ୪୦ତମ ମିନିଟ୍‌ରେ ଦିଲ୍ଲୀ ୧୨ପଏଣ୍ଟ ବ୍ୟବଧାନରେ ଆଗୁଆ ରହି ମ୍ୟାଚକୁ ନିଜ କବ୍‌ଜାକୁ ନେଇଯାଇଥିଲା। ନବୀନ ଶେଷ ପର୍ଯ୍ୟନ୍ତ ରେଡ୍ ପଏଣ୍ଟ ହାସଲ କରିବାରେ ଲାଗିଥିଲେ ଏବଂ ତାଙ୍କ ଦଳକୁ ଜିତାଇଥିଲେ। ପ୍ରୋ-କବାଡ଼ି ଲିଗ୍ ଉଦ୍‌ଘାଟନୀ ଉତ୍ସବରେ ୫ ବର୍ଷୀୟା ବଂଶିକା ଅଞ୍ଜନି କାଶ୍ୟପ ଜାତୀୟ ସଙ୍ଗୀତ ଗାନ କରିଥିଲେ।




ପ୍ରୋ-କବାଡ଼ି ଲିଗ୍ ଉଦ୍‌ଘାଟନୀ ଉତ୍ସବରେ ୫ ବର୍ଷୀୟା ବଂଶିକା ଅଞ୍ଜନି କାଶ୍ୟପ ଜାତୀୟ ସଙ୍ଗୀତ ଗାନ କରୁଛନ୍ତି।

# ପାକିସ୍ତାନଠାରୁ ଭାରତ ପରାସ୍ତ

**ଏସିଆ କପ୍ ମହିଳା ଟି୨୦**

**ସିଲ୍‌ହେଟ୍, ୭।୧୦ (ପି.ଟି.)**

ମହିଳା ଟି୨୦ କ୍ରିକେଟ ଏସିଆ କପ୍ ଟୁର୍ନାମେଣ୍ଟରେ ଭାରତ ଶୁକ୍ରବାର ପାକିସ୍ତାନଠାରୁ ୧୩ ରନରେ ହାରିଯାଇଛି। ୬ବର୍ଷ ମଧ୍ୟରେ ଭାରତ ବିପକ୍ଷରେ ଏହା ହେଉଛି ପାକିସ୍ତାନ ମହିଳା ଦଳର ପ୍ରଥମ ବିଜୟ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୩୭ ରନ କରିଥିଲା। ଜବାବରେ ଏସିଆର ସବୁଠାରୁ ଶକ୍ତ ଦଳ ବୋଲି କୁହାଯାଉଥିବା ଭାରତ ୧୯.୪ ଓଭରରେ ମାତ୍ର ୧୨୪ ରନ କରି ଅଲଆଉଟ ହୋଇଯାଇଥିଲା। ଥାଇଲାଣ୍ଡଠାରୁ ଦୁଃଖଦ ପରାଜୟର ୨୪ ଘଣ୍ଟା ପରେ ଶୁକ୍ରବାରର ଏହି ବିଜୟ ସହ ପାକିସ୍ତାନ ଟୁର୍ନାମେଣ୍ଟକୁ ପ୍ରତ୍ୟାବର୍ତ୍ତନ କରିଛି। ମ୍ୟାଚରେ ଭାରତ ଏକଦା ୬୫ ରନରେ ୫ ଉଇକେଟ ହରାଇଥିଲା। ଏହି ଗେମ୍ ପୂର୍ବରୁ ଭାରତ ବିପକ୍ଷରେ ପାକିସ୍ତାନ ୨୦୧୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଏକ ବିଜୟ ଲାଭ କରିଥିଲା। ମୋଟ ଉପରେ ପାକିସ୍ତାନ ଉପରେ ଭାରତର ବିଜୟ-ପରାଜୟ ରେକର୍ଡ ୧୦-୨ ରହିଛି। **ସଂକ୍ଷିପ୍ତ ସ୍କୋର** ପାକିସ୍ତାନ ୨୦ ଓଭରରେ ୧୩୭/୬ (ନୀଦା ଦର୍-୫୬*, ବିସ୍‌ମା ମାରୁଫ-୩୨ ; ଦୀପ୍ତି ଶର୍ମା-୩/୨୭, ପୂଜା ବସ୍ତ୍ରାକାର-୨/୨୩)। ଭାରତ ୧୯.୪ ଓଭରରେ ୧୨୪/ଅଲଆଉଟ: ରିଚା ଘୋଷ୍-୨୬, ନାଶ୍ରା ସାନ୍ଧୁ-୩/୩୦, ନୀଦା ଦର୍-୨/୨୩ ଓ ସାଦିଆ ଇକ୍‌ବାଲ-୨-୨୪)।



ଶଟ୍ ଖେଳିବା ଅବସରରେ ପ୍ଲେୟର ଅଫ୍ ଦି ମ୍ୟାଚ ନୀଦା ଦର୍।

# ବିଜୟ ସହ ଓଡ଼ିଶାର ଅଭିଯାନ

**ଭିନୁ ମଙ୍କଡ ଟ୍ରଫି**

**ଭୁବନେଶ୍ୱର, ୭।୧୦ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ମହାରାଷ୍ଟ୍ରର ଅମ୍ବିସ୍ଥିତ ଡିୱାଇ ପାଟିଲ ଏକାଡେମୀରେ ୧୯ ବର୍ଷରୁ କମ୍ ଦିନିକିଆ ଭିନୁ ମଙ୍କଡ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ଏଥିରେ ଓଡ଼ିଶା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ପ୍ରଥମ ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ମେଘାଳୟକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମେଘାଳୟ ୪୫.୨ ଓଭରରେ ୧୦୪ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଭରାଲି ସର୍ବାଧିକ ୨୧ ରନ କରିଥିବାବେଳେ ଓଡ଼ିଶା ବୋଲର ରିତେଶ ପ୍ରିୟରଞ୍ଜନ ୧୦ ଓଭରରେ ୫ ମେଡେନ ନେଇ ୧୩ ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ। ସାଇଦୀପ ମହାପାତ୍ର ୧୦ ଓଭରରେ ୩ ମେଡେନ ନେବାସହ ୨୩ ରନରେ ୨ଟି ଉଇକେଟ ପାଇଥିଲେ। ୧୦୫ ରନ ବିଜୟ ଲକ୍ଷ୍ୟନେଇ ଖେଳିଥିବା ଓଡ଼ିଶା ୨୧.୩ ଓଭରରେ ୩ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରି ନେଇଥିଲା। ସ୍ୱପ ଭୂୟାଁ ୪୫ ଓ ଆୟୁଷ ବାରିକ ୨୧ ରନରେ ଅପରାଜିତ ରହିଥିଲେ।



ରିତେଶ ପ୍ରିୟରଞ୍ଜନ

# ବିକାଶ ପତି ବିସିସିଆଇ ମ୍ୟାଚ ରେଫରି

**ଭୁବନେଶ୍ୱର, ୭।୧୦ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ପୂର୍ବତନ ରଣଜୀ ଟ୍ରଫି କ୍ରିକେଟର ବର୍ତ୍ତମାନ ସିନିୟର ଚୟନ କମିଟି ସଦସ୍ୟ ବିକାଶ ସ୍ୱରୂପ ପତି ବିସିସିଆଇ (ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ) ମ୍ୟାଚ ରେଫରି ହୋଇଛନ୍ତି। ବିସିସିଆଇ ପକ୍ଷରୁ ମ୍ୟାଚ ରେଫରି କୋର୍ସ ପରୀକ୍ଷା ସେପ୍ଟେମ୍ବର ୫ ଓ ୬ ତାରିଖରେ ବେଙ୍ଗାଲୁରୁଠାରେ ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷାରେ ୧୪ ଜଣ ପାସ୍ କରି ବିସିସିଆଇ ମ୍ୟାଚ ରେଫରି ପ୍ୟାନେଲରେ ସାମିଲ ହୋଇଛନ୍ତି। ୧୪ ଜଣଙ୍କ ମଧ୍ୟରୁ ବିକାଶ ୮୦.୫ ପ୍ରତିଶତ ନମ୍ବର ସହ ୮ମ ର୍‍ୟାଙ୍କ୍ ପାଇଥିଲେ। ବିକାଶ ହେଉଛନ୍ତି ଓଡ଼ିଶାର ୫ମ ବିସିସିଆଇ ମ୍ୟାଚ ରେଫରି। ଏହି ଏଲିଟ ତାଲିକାରେ ପୂର୍ବରୁ ପ୍ରଶାନ୍ତ ମହାପାତ୍ର, ସଞ୍ଜୟ ରାଉଳ, ପି. ଜୟଚନ୍ଦ୍ର ଓ ଶିବସୁନ୍ଦର ଦାସ ରହିଛନ୍ତି। ଶିବସୁନ୍ଦର ଏବେ କୋଚ୍‌ଭାବେ କାର୍ଯ୍ୟରତ। ବିକାଶ ସ୍ୱରୂପଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଅଭିନନ୍ଦନ ଜଣାଇଛନ୍ତି।

# ହରମନପ୍ରୀତ ପ୍ଲେୟର ଅଫ୍ ଦି ଇୟର

**ନୂଆଦିଲ୍ଲୀ, ୭।୧୦ (ପି.ଟି.)**

ଭାରତ ଡିଫେଣ୍ଡର ହରମନପ୍ରୀତ ସିଂ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏଫ୍‌ଆଇଏଚ୍ (ଅନ୍ତର୍ଜାତୀୟ ହକି ମହାସଂଘ) ଦ୍ୱାରା ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ପୁରୁଷ ବିଭାଗରେ ଲଗାତର ଭାବେ ଦୁଇ ବର୍ଷ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହେବାରେ ୨୬ ବର୍ଷୀୟ ହରମନପ୍ରୀତ ବିଶ୍ୱର ୪ର୍ଥ ଖେଳାଳି। ଏଲିଟ୍ ତାଲିକାରେ ସ୍ଥାନ ପାଇଥିବା ଅନ୍ୟମାନେ ହେଲେ ଟିଅନ୍ ଡି' ନୁଇଜର (ନେଦରଲାଣ୍ଡ୍ସ), ଜେମି ୱେର୍ (ଅଷ୍ଟ୍ରେଲିଆ) ଓ ଆର୍ଥର ଭାନ୍ ଡୋରେନ୍ (ବେଲଜିୟମ)। ହରମନପ୍ରୀତ ଆଧୁନିକ ହକିର ଜଣେ ସୁପରଷ୍ଟାର। ତାଙ୍କ ଡ୍ରିବ୍‌ଲିଂ ସ୍କିଲ ଉଚ୍ଚକୋଟୀର ବୋଲି ଏଫ୍‌ଆଇଏଚ୍ କହିଛି। ଭୋଟିଂରେ ହରମନପ୍ରୀତ ସର୍ବାଧିକ ୨୯.୪ ପଏଣ୍ଟ ପାଇଥିବା ବେଳେ ତାଙ୍କ ପଛକୁ ପଛ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିଏରୀ ବ୍ରିଙ୍କ୍‌ମ୍ୟାନ (୨୩.୬) ଓ ଟମ୍ ବୁନ୍ (୨୩.୪) ରହିଥିଲେ। ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ୨୦୨୧-୨୨ରେ ଭାରତ ଉପଅଧିନାୟକ ୧୬ ଗେମ୍‌ରେ ୧୮ ଗୋଲ ସ୍କୋର କରିଥିଲେ। ତନ୍ମଧ୍ୟରେ ତାଙ୍କର ଦୁଇଟି ହ୍ୟାଟ୍ରିକ ରହିଛି। ଏହି ୧୮ ଗୋଲ ସହ ସିଜନ ଶେଷରେ ସେ ଭାରତର ଟପ୍ ସ୍କୋରର ରହିଥିଲେ। ଗୋଟିଏ ସିଜନରେ ପ୍ରୋ-ଲିଗ୍‌ରେ ଜଣେ ଖେଳାଳି ହିସାବରେ ଅଧିକ ଗୋଲ ସ୍କୋର କରିବାରେ ସେ ଏକ ରେକର୍ଡ ପ୍ରତିଷ୍ଠା କରିଥିଲେ। ହରମନପ୍ରୀତ ଆହୁରି ମଧ୍ୟ ଏସିଆନ ଚାମ୍ପିୟନଶିପ୍‌ରେ ଚମତ୍କାର ଫର୍ମରେ ଥିଲେ। ଏଥିରେ ସେ ୬ଟି ଗେମ୍‌ରେ ୮ ଗୋଲ ସ୍କୋର କରିଥିଲେ। ପ୍ରତିଟି ଗେମ୍‌ରେ ସେ ଗୋଲ ସ୍କୋର କରିଥିଲେ । ଫଳରେ ଭାରତ ପୋଡିୟମ ଫିନିଶ କରିପାରିଥିଲା। ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ରେ ଭାରତୀୟ ଦଳର ରୌପ୍ୟ ପଦକ ହାସଲରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।


### ଫେଲିସ୍ ଆଲବର୍ସ ଶ୍ରେଷ୍ଠ

ମହିଳା ବିଭାଗରେ ନେଦରଲାଣ୍ଡ୍ସର ଫେଲିସ୍ ଆଲବର୍ସ ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଲାଭ କରିଛନ୍ତି। ଜର୍ମାନୀ ନାତାସ୍କା କେଲର (୧୯୯୯)ଙ୍କ ପରେ ୨୨ ବର୍ଷୀୟା ଭାରତୀୟ ସର୍ବକନିଷ୍ଠ ଖେଳାଳି ଭାବେ ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର (ମହିଳା କାଟେଗୋରି) ପାଇଛନ୍ତି। ୧୯୯୮ରେ ଏହି ପୁରସ୍କାର ପ୍ରଚଳନ ହେବା ପରେ ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ହିସାବରେ ସେ ଏହି ସମ୍ମାନ ପାଇଛନ୍ତି। ଫେଲିସ୍ ୨୯.୧ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମାରିଆ ଗ୍ରାନାଟୋ (୨୬.୯ ପଏଣ୍ଟ) ଓ ଅଗଷ୍ଟିନା ଗୋର୍ଜେଲାନି (୧୬.୪ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଫେଲିସ୍ ୨୦୧୯ରେ ଡଚ୍ ଜାତୀୟ ଦଳରେ ସ୍ଥାନ ପାଇବା ପୂର୍ବରୁ ଜୁନିୟର ସ୍ତରରେ ମିଡ୍‌ଫିଲ୍ଡ ଓ ଆଟାକ୍ ପୋଜିଶନରେ ଖେଳିଥିଲେ। ସିନିୟର ଦଳରେ ଯୋଗଦାନ କରିବା ପରେ ସେ ୩୨ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୬ ଗୋଲ୍ ସ୍କୋର କରିଛନ୍ତି।





ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ହରମନପ୍ରୀତ ସିଂ ଓ ତାଙ୍କ ପାଇଁ ଉଦ୍ଦିଷ୍ଟ କେକ୍ ।




ଫେଲିସ୍ ଆଲବର୍ସ

# ଅବସୋସ

**ଗଳ୍ପ**
**ଜାହ୍ନବୀ ମିଶ୍ର**

ଅଙ୍କାବଙ୍କା ସର୍ପିଳ ଘାଟି ରାସ୍ତାରେ ଖୁବ୍ ସନ୍ତର୍ପଣରେ ଗାଡ଼ି ଚଳାଇ ଘରକୁ ଫେରୁଥାଏ ଆଶିଷ। ଏଇ ପାଞ୍ଚ କିଲୋମିଟର ଘାଟି ରାସ୍ତା ଆରୋହଣ କଲାବେଳେ ବେଶ୍ ତିଖ ଆଉ ଓହ୍ଲାଇଲାବେଳେ ମଧ ଖୁବ୍ ଗଡ଼ାଣିଆ। ସେଥିପାଇଁ ଖୁବ୍ ସତର୍କରେ ଗାଡ଼ି ଚଳାଇବାକୁ ପଡ଼ିଥାଏ। ଏଇ ଘାଟି ଆରପଟେ ଗୋଟେ ଚୂନପଥର ଖଣି, ସେଇଠି ଠିକାଦାରି କାମ କରେ ଆଶିଷ।

ଖାସ୍ ଏଇ ଘାଟି ରାସ୍ତାଟି ପାଇଁ ସବୁଥର ଆଶିଷ ସନ୍ଧ୍ୟା ପୂର୍ବରୁ କାମ ସାରି ବାହାରିଆସେ, ଯେମିତିକି ଅନ୍ଧାର ହେବା ପୂର୍ବରୁ ସେ ସୁରୁଖୁରୁରେ ଏ ଅଞ୍ଚଳ ପାରି ହୋଇଯିବ। ସେଦିନ କିନ୍ତୁ ଯେତେ ଚେଷ୍ଟା କରି ବି କାମ ସରିଲାନି। ଅଗତ୍ୟା ଘରକୁ ଫେରନ୍ତାବାଟରେ ଏଇ ଘାଟି ରାସ୍ତାଟିକୁ ପାର ହେଲାବେଳକୁ ବାଜିଯାଇଥିଲା ରାତି ନଅଟା। ସାବଧାନତାର ସହ ଗାଡ଼ି ଚଳାଇ ଘାଟି ରାସ୍ତାଟିକୁ ପାର ହେଲାବେଳେ ଆଶିଷ ଦେଖିଲା ତା' ପଛରେ କିଛି ମିଟର ବ୍ୟବଧାନରେ ଟ୍ରକ୍‌ଟିଏ। ଆଉ ତା' ଆଗରେ ସେମିତି କିଛି ମିଟର ବ୍ୟବଧାନରେ କାର୍‌ଟିଏ। ଏବେ ଦୁଇ ସହଚାରୀଙ୍କୁ ଦେଖି ଆଶିଷ ଆଶ୍ୱସ୍ତ ହେଇଥିଲା- ଯା' ହେଉ ଏ ଘାଟି ରାସ୍ତାରେ ସେ ଏକା ନାହିଁ ଆଉ ଦୁଇଜଣ ବି ଅଛନ୍ତି।

କିଛି ସମୟର ଶୃଙ୍ଖଳିତ ଯାତ୍ରା ପରେ ଆଶିଷ ଦେଖିଲା ଟ୍ରକ୍‌ଟି ହଠାତ୍ ତା'ର ବେଗ ବଢ଼ାଇ ତାକୁ ଟପିଯାଇଥିଲା।

''ଆରେ ଏ ଟ୍ରକ୍‌ଟା ତ ଓଭରଟେକ୍ କରୁଚି, ପୁଣି ଏ ଘାଟି ରାସ୍ତାରେ!'' ମନେମନେ ଭାବିଥିଲା ଆଶିଷ।

ତା'ର ଏ ଭାବନା ମନରୁ ସମ୍ପୂର୍ଣ୍ଣ ଲିଭିଚି କି ନାହିଁ, ଧକ୍କା ହେବାର ଗୋଟେ ଭୟଙ୍କର ଶବ୍ଦ ସହ ଗାଡ଼ିର ହର୍ନ ଓ ଚକା ଘଷି ହେଇଯିବାର ଶବ୍ଦ ସେ ଶୁଣିପାରିଲା। ଆଶଙ୍କାରେ ଥରିଉଠିଲା ଆଶିଷ- କିଛି ଅଘଟଣ ଘଟିଗଲା କି?

ବାସ୍ କିଛି ସମୟ ବ୍ୟବଧାନରେ ଆଶିଷ ଜାଣିପାରିଥିଲା ତା' ଆଶଙ୍କା ସତ ହେଇଯାଇଛି, ଯେତେବେଳେ ସେ କିଛି ବାଟ ଆଗେଇ ଆସି ଦେଖିଲା ଟ୍ରକ୍‌ଟି ତା' ଆଗରେ ଯାଉଥିବା କାର୍‌ଟିକୁ ଧକ୍କା ଦେଇ ଆଗକୁ ଚାଲିଯାଇଚି। କାର୍‌ଟି ଶକ୍ତ ଭାବରେ ପିଚିହେଇ ଯାଇଥିଲା ପାହାଡ଼ର ରାସ୍ତାପଟ ଧାରରେ। ଆଶିଷ ସେ ସ୍ଥାନରେ ରହିବ କି ନ ରହିବ, ସେଠି ଓହ୍ଲାଇ କାର୍ ଚାଳକର ଅବସ୍ଥା ଦେଖିବ କି ନାହିଁ, ନିଜ ସହ ନିଜେ ଦ୍ୱନ୍ଦ୍ୱ କରି ଗଡ଼ି ଆସିଥିଲା କିଛି ଆଗକୁ। କିଏ ଏଠି ଓହ୍ଲାଇବ, ଦୁର୍ଘଟଣା କଥା। ପୋଲିସ ମାମଲା ହେବ, ହଜାରେ ପ୍ରଶ୍ନ, ଦଶହଜାରେ ଜେରା, କିଏ ଏ ଧନ୍ଦାରେ ପଶିବ। ଏ ଭାବନାରେ ଆଶିଷ ଆଗେଇ ଆସିଥିଲା ଆଉ କିଛିବାଟ। ହଠାତ୍ କିନ୍ତୁ ବ୍ରେକ୍ ଦେଲା ଆଶିଷ, ନା... ଏଇଟା ଖୁବ୍



ଅନୁଚିତ ହେବ। ଏ ଗାଡ଼ିବାଲାକୁ ଆଗରେ ଥିବାର ଦେଖି ସେ ନିଜେ କେତେ ଆଶ୍ୱସ୍ତ ହେଇ ନ ଥିଲା! କିନ୍ତୁ ତାଙ୍କୁ ଏମିତି ଏକ ସଂକଟଜନକ ଅବସ୍ଥାରେ ଛାଡ଼ି ସେ କେମିତି ଆଗକୁ ଚାଲି ଆସିପାରିଲା। ଆସନ୍ତାକାଲି ହୁଏତ ତା' ସହିତ ଏମିତି ଅକଳ୍ପିତ ଅଘଟଣ ଘଟିପାରେ, ନା ନା ତାକୁ ଫେରିବାକୁ ହେବ, ଦେଖିବାକୁ ହେବ ଲୋକଟାର ଅବସ୍ଥା।

ଏଥର ଆଶିଷର କାର୍ ରିଭର୍ସରେ ଚାଲିଲା ପଛକୁ। ମାତ୍ର ପାଞ୍ଚଶହ ମିଟର ଆଗକୁ ଆଗେଇ ଆସିଥିବା ଆଶିଷକୁ ସେ ଘାଟି ରାସ୍ତାରେ ରିଭର୍ସ ମୋଡ୍‌ରେ ସେ ନିର୍ଦ୍ଦିଷ୍ଟ ଜାଗାରେ ପହଞ୍ଚିବାକୁ ଲାଗିଥିଲା ଅଧଘଣ୍ଟାରୁ ଅଧିକ।

ସେଠି ସେ ପହଞ୍ଚି ଓହ୍ଲାଇ ପଡ଼ି ଦୁର୍ଘଟଣାଗ୍ରସ୍ତ କାର୍‌ଟିର ଅଧାଭଙ୍ଗା କାଚ ଭିତରେ ହାତ ପୂରାଇ ଦ୍ୱାର ଖୋଲିଲା। ଚାଳକ ଜଣଙ୍କ ଷ୍ଟିଅରିଂ ଉପରେ ମୁଣ୍ଡ ଥୋଇ ବସିଛନ୍ତି। ତାଙ୍କୁ ଆଉଜେଇ ଆଣିଲା ନିଜ ହାତ ଉପରକୁ, ଓଃ କି ରକ୍ତ! ଥରିଉଠିଲା ଆଶିଷ। ଆଶିଷ କେବଳ ଶୁଣିପାରିଲା... ପା... ଣି... ପାଣି। ଏପଟ ସେପଟକୁ ଚାହିଁ ଦେଖେ ତ ତାଙ୍କରି କଡ଼ରେ ପାଣି ବୋତଲଟିଏ। ବୋତଲଟିକୁ ଗୋଟେ ହାତରେ ଭିଡ଼ି ଆଣି ଠିପି ଖୋଲି ତାଙ୍କ ପାଟିରେ ପାଣି ଢାଳିବାକୁ ଯାଉଛି, ଢଳି ପଡ଼ିଥିଲେ ସେ ତା' ଉପରକୁ। ଓଃ, ହେ ଭଗବାନ! ସବୁ ଶେଷ।

ଛାତି ଉପରେ ଲୋଟିପଡ଼ିଥିବା ରକ୍ତାକ୍ତ ଦେହଟାକୁ କାର୍‌ର ସିଟ୍ ଉପରକୁ ଗଡ଼ାଇ ଦେଲାବେଳକୁ ଆଶିଷ ଥରୁଥାଏ ଗୋଟାପଣେ। ଏଥର ତୁରନ୍ତ ପାଖ ଥାନାକୁ ଏ ଦୁର୍ଘଟଣା ବିଷୟରେ ଫୋନ୍‌ରେ ଜଣାଇ ଦେଇ ଅପେକ୍ଷା କରି ରହିଥାଏ ଆଶିଷ।

ମନ ଭିତରେ କିନ୍ତୁ ତା'ର ପରସ୍ତ ପରସ୍ତ ଅବସୋସ ଜମାଟ ବାନ୍ଧିବାକୁ ଲାଗିଥାଏ। ଅନୁତପ୍ତ ମନ ତା'ର ନିଃଶବ୍ଦରେ ପ୍ରତିଧ୍ୱନି ଦେଉଥାଏ- ''ଆଃ, ଯଦି ମୁଁ ଆଗକୁ ଗଡ଼ି ନ ଯାଇ ସଙ୍ଗେ ସଙ୍ଗେ ରହିଯାଇଥାନ୍ତି, ତା'ହେଲେ ହୁଏତ ସେ ଲୋକ ଜଣଙ୍କୁ ଶେଷ ବେଳକୁ ପାଣି ମୁନ୍ଦାଏ ପିଆଇ ଦେଇ ବଞ୍ଚାଇ ପାରିଥାନ୍ତି। ସେଇ କିଛି ମୁହୂର୍ତ୍ତର ସ୍ୱାର୍ଥୀ ଭାବନା ମୋତେ ସାରା ଜୀବନ ଅବସୋସ, ଆତ୍ମସନ୍ତାପ ଆଉ ଗ୍ଲାନିରେ ବୁଡ଼ାଇ ରଖିବ ସିନା!''

ମନର କ୍ଷୋଭକୁ ମନରେ ଚାପି ଧରି ଅପେକ୍ଷା କରି ରହିଥାଏ ପୋଲିସ ଆସିବାକୁ। କିଛି ସମୟ ଉପରାନ୍ତେ ପୋଲିସ ପହଞ୍ଚି ଆଶିଷଠୁଁ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଶୁଣିନେଲେ। ଆମ୍ବୁଲାନ୍ସ ଡକାଇ ଦୁର୍ଘଟଣାଗ୍ରସ୍ତ କାର୍‌ଟିର ନମ୍ବର ପ୍ଲେଟ୍‌ରୁ ଗାଡ଼ି ଓ ଚାଳକ ବିଷୟରେ ତଥ୍ୟ ଯୋଗାଡ଼ କରିବାରେ ଲାଗିଲେ।

ଯା' ଭିତରେ ବିତିଯାଇଥିଲା ବେଶ୍ କିଛିସମୟ। ପୋଲିସବାଲାଙ୍କ ଉଦ୍ୟମରେ ଜଣାପଡ଼ିଥିଲା କାର୍‌ଟି ପ୍ରକୃତରେ ହେଉଚି ଜଣେ ଶିଳ୍ପପତିଙ୍କର ଆଉ ଚାଳକ ଜଣକ ହେଉଚି ତାଙ୍କ ଡ୍ରାଇଭର। କୌଣସି ଏକ କାମରେ ସେ ଡ୍ରାଇଭରକୁ ପଠାଇଥିଲେ ଘାଟି ଆରପଟେ ଚୂନପଥର ଖଣିକୁ ଲାଗି ରହିଥିବା ସହରକୁ। ଡ୍ରାଇଭରଟିର ଫେରନ୍ତା ବାଟରେ ଘଟିଥିଲା ଏ ଦୁର୍ଘଟଣା।

ଏବେ ଆମ୍ବୁଲାନ୍ସ ପହଞ୍ଚି ଯାଇଥିଲା। ମୃତକଙ୍କ ଶରୀରକୁ ଡାକ୍ତରଖାନା ଅଭିମୁଖେ ନିଆଗଲା। ତାକୁ ଅନୁସରଣ କରି ଆଶିଷ ଓ ପୋଲିସବାଲା ମଧ ସେଠି ପହଞ୍ଚିଲେ।

ଡାକ୍ତରଖାନା ବେଞ୍ଚରେ ଆଶିଷ ଅପେକ୍ଷାରେ ଥାଏ କେତେବେଳେ ପୋଲିସବାଲାଙ୍କଠୁ ଅନୁମତି ମିଳିଲେ ସେ ଲେଉଟିବ ତା' ଘରକୁ। ଅବଶ୍ୟ ଏତେଗୁଡ଼େ ଘଟଣା ଭିତରେ ସେ ଫୋନ୍ କରି ତା' ଘରକୁ ଜଣାଇ ଦେଇଥିଲା ସବୁକଥା। ଆଉ ତା'ର ଆସିବାକୁ ଡେରି ହେବ ବୋଲି। ଏଇ ଅପେକ୍ଷା ସମୟରେ ଜଣେ ମଧ୍ୟବୟସ୍କା ସ୍ତ୍ରୀଲୋକ ଆଉ ଦଶ ଏଗାରବର୍ଷର ପିଲାଟିଏ ଆସି ପହଞ୍ଚିଥିଲେ ଡାକ୍ତରଖାନାରେ। ସେମାନଙ୍କର ବ୍ୟସ୍ତତା ଓ ଆକୁଳତା ଦେଖି ଆଶିଷ ଜାଣିପାରିଲା ସେମାନେ ହେଲେ ମୃତକଙ୍କ ସ୍ତ୍ରୀ ଓ ପୁଅ। କେହି ଜଣେ ଦୂରରୁ ଦେଖାଇ ଦେଇଥିଲା ସେମାନଙ୍କୁ ଆଶିଷକୁ, ଦୁର୍ଘଟଣାବେଳେ ସେ ସେଠାରେ ଉପସ୍ଥିତ ଥିଲା ବୋଲି। ଦୁହେଁ ଧାଇଁ ଆସିଥିଲେ ଆଶିଷ ପାଖକୁ। ଆଶିଷ ଗୋଡ଼ ପାଖରେ ଝୁଙ୍କା ମାରି ସ୍ତ୍ରୀଲୋକଟି ବସିପଡ଼ି କହିଥିଲା- ''ଆପଣ ସେ ଜାଗାରେ ଥିଲେ। ଏ ଦୁର୍ଘଟଣାରେ ତାଙ୍କର କିଛି ଦୋଷ ନ ଥିବ ମୁଁ ଜାଣେ। ସେ ଖୁବ୍ ସଞ୍ଜମରେ ଭଲ ଗାଡ଼ି ଚଳାନ୍ତି। ନିଶାପାଣି କେବେ କରନ୍ତିନି। ତଥାପି... ତଥାପି... ଏମିତି କାହିଁକି ହେଲା!''

ଆମେ ଅନାଥ ହେଇଗଲୁ। ଭଗବାନଙ୍କର ଏ କି ବିଚାର! ଆଶିଷ ହଡ଼ବଡ଼େଇ ଗଲା। ସେ କରୁଣ କ୍ରନ୍ଦନ, ପିଲାଟି ଆଖିର ଅସହାୟତା ଆଶିଷର ଅନ୍ତଃସତ୍ତାକୁ ଦୋହରାଇଦେଲା। ବେଞ୍ଚିରୁ ଉଠି ଠିଆ ହୋଇ ଆଶିଷ କହିଲା- ନାଇଁ ନାଇଁ ତୁମେମାନେ ଅନାଥ ହେଇନ, ମୁଁ ପିଲାଟିର ପାଠପଢ଼ା ଦାୟିତ୍ୱ ନେବି। ସେ ପଢ଼ିବ, ଖୁବ୍ ପଢ଼ିବ। ତାଙ୍କୁ ପାଠପଢ଼ାଇ ମଣିଷ ପରି ମଣିଷ କରିବାର ଦାୟିତ୍ୱ ମୋର। ତୁମେମାନେ ଧୈର୍ଯ୍ୟ ଧର।

ଆଶିଷର ସାନ୍ତ୍ୱନା ସେମାନଙ୍କୁ କେତେଦୂର ସହଜ କରିପାରିଥିଲା ଜଣା ନାହିଁ, କିନ୍ତୁ ସେଦିନ ଏ ଗୁରୁଦାୟିତ୍ୱଟି ଆପଣାଇ ନେଇ ଆଶିଷ ଚେଷ୍ଟା କରୁଥିଲା ତା'ର ମନ ତଳେ ଜମାଟ ବାନ୍ଧିଥିବା ଅବସୋସ ଓ ଗ୍ଲାନିକୁ କିଛି ପରିମାଣରେ ହାଲୁକା କରିବାକୁ।

ମୋ: ୯୧୩୬୧୧୯୭୫୩

## କବିତା

### ଉତ୍ତରଣ

**ସଂଘମିତ୍ରା ମହାନ୍ତି**

ସ୍ତୂପୀକୃତ ଯନ୍ତ୍ରଣାର ପାହାଡ଼ ତଳେ
ମୁଁ ଠିଆ ହୋଇ ଦେଖୁଛି
ଜହ୍ନ ଆଉ ବାଦଲର
ଲୁଚକାଳି ଖେଳ
ସମ୍ମୁଖରେ ଦିଗନ୍ତ ବିସ୍ତାରୀ
ସୁନୀଳ ସାଗର,
ଝାଉଁବଣ ଉହାଡ଼ରୁ ଭାସିଆସେ
ପବନର ସାଇଁ ସାଇଁ ଶବ୍ଦ
ଉଦ୍‌ଭ୍ରାନ୍ତ ମୋ' ମନ କାହିଁ
ହଜିଯାଏ ପ୍ରକୃତିର କୋଳେ
ହଜିଯାଏ ଯେସନ ଆକାଶ
ଆଉ ପୃଥିବୀ ଦୂର ଦିଗ୍‌ବଳୟେ
ମୋ' ପ୍ରେମର ଅସରନ୍ତି
ଲୁହର ହାବୁକା
ଆଉ ଦୀର୍ଘଶ୍ୱାସମାନ
ଭଗ୍ନ ମୋ' ଛାତିତଳ ପଞ୍ଜରାକୁ
ମାଘମାସ ଶୀତଠାରୁ
ଆହୁରି ଥରାଏ।

ତମେ ଦିଅ ହେ ଈଶ୍ୱର
ପ୍ରାଣେ ମୋର ଦିବ୍ୟ ସତ୍ତା
ଚେତନାର କର ଉତ୍ତରଣ
ଛୋଟ ଏକ ହୁଲି ଡଙ୍ଗା ଧରି
ତମେ ପ୍ରଭୁ କର ପାରି
ସମ୍ମୁଖରେ ଜଳାର୍ଣ୍ଣବ
ବିସ୍ତୀର୍ଣ୍ଣ ପ୍ରାନ୍ତର।

ମୋ: ୭୯୭୮୬୪୬୭୭୯

### ଚିତ୍କାର

**ଗାରିମା ନାଥ**

ପ୍ରବଳ ଇଚ୍ଛାଟିଏ
ତଣ୍ଟି ଫଟେଇ ଚିତ୍କାର କରିବାର।

ଝୋ ଝୋ ବର୍ଷାରେ
ଭିଜୁଥିବ...
ଗୋଟେ ଶୂନଶାନ୍ ରାସ୍ତା
ଭିଜୁଥିବି ମୁଁ
ଆଉ ମୋ' ତଣ୍ଟିଫଟା ଚିତ୍କାର।

କାହାକୁ ହରେଇବାର ଦୁଃଖରେ
ଆଣ୍ଠୁ ମାଡ଼ି ବସିଥିବି
କେଉଁ ଏକ ବେନାମ
ସଡ଼କର ମଝା-ମଝିରେ
ଆକାଶମୁହାଁ ହେଇଥିବ
ମୋ' ଦୁଇ ଭିଜାଭିଜା ଆଖି
ଲୁହ ସହ ଯୁଝୁଥିବ
ଆକାଶ ଛାତିରୁ ଦୁଃଖ ହେଇ
ବହି ଆସୁଥିବା ବର୍ଷାର ଟୋପା
ଆଉ, ମିଶୁଥିବ ମୋ' ଓଠରେ,
ଓଠ ବାରିପାରୁ ନ ଥିବ
ଲୁଣିଆ ଲୁହ ଓ ଆକାଶ ଛାତିର କୋହ।

ବର୍ଷାର ଗର୍ଜନଠାରୁ ବି
ଆହୁରି ଭୟଙ୍କର
ମୋ' ତଣ୍ଟିଫଟା ଚିତ୍କାରକୁ
ଭୟଭୀତ ହୋଇ ଶୁଣୁଥିବେ
ଗଛ, ତରୁଲତା ଓ ଅପଥିକ
ବର୍ଷାରେ ଲୁଚିଥିବା ଚଢ଼େଇମାନେ
ହୁଏତ ପ୍ରାର୍ଥନା କରୁଥିବେ
ଏ ଭୟଙ୍କର ଶବ୍ଦ ଥମିଯିବା ଆଶାରେ
ଏମିତି ଏକ ସ୍ୱପ୍ନ
ଚିତ୍କାର କରିବାରେ...।

ପାହାଡ଼ ଫଟେଇ ଚାଲିଯାଉଥିବ
ମୋ' କରୁଣ ଚିତ୍କାର
ଦୂର ଜଙ୍ଗଲରେ
ଲୁଚିଥିବା ବାଘୁଣୀ ପାଖେ
ସେ ଚିତ୍କାର ଶୁଣି
ନିଜକୁ ସୌଭାଗ୍ୟବତୀ ମଣୁଥିବ
ମଣିଷ ଜନ୍ମରୁ
ମୁକ୍ତି ପାଇଥିବା ଆଶାରେ
ଅନ୍ତତଃ କାହାକୁ
ହରେଇବାର ଦୁଃଖରେ
ଏମିତି ଚିତ୍କାରୁ ନ ଥାନ୍ତା
କୋଉ ବେନାମ ସଡ଼କ ଉପରେ
ଗୋଡ଼ ଭାଙ୍ଗି
ତଣ୍ଟିଫଟା ଯନ୍ତ୍ରଣାର ସ୍ୱରରେ...।

ଜୁନାଗଡ଼, କଳାହାଣ୍ଡି

**ଗୀତି-କବିତା**

### କାଶତଣ୍ଟୀର କବିତା

**ଧନଞ୍ଜୟ ସ୍ୱାଇଁ**

ନୁହେଁ ମୁଁ କାହାର ମାଳି ଅବା କେଉଁ
ମାଳାକାର ମନ ଲାଖି
ଶୀତ ଛୁଇଁଲେ ମୁଁ ଚାଲିଯାଏ ଦୂରେ
ଲୁହରେ ପଖାଳି ଆଖି... ॥ ୦ ॥


ତୋଳନା ପଛକେ ଫୁଲଟିଏ ଭାବି
ଫୁଟିବାକୁ ମତେ ଦିଅ
କାହା ସ୍ୱାଗତରେ ନାଚଇ ସିନା ମୁଁ
ବିଦାୟରେ ଢାଳେ ଲୁହ
ନହକାକଣିର ଅଣ୍ଟା ମୋ'
ହଲିଲେ ଦିଶେ ଭାରି ନିରିମାଖି
ଲୁହରେ ପଖାଳି ଆଖି.... ॥ ୧ ॥

କେବେ ବିଲହିଡ଼େ ଅବା ନଈଦାଢ଼େ
ଖରା ଓ କାକର ଖାଇ
ଦେବୀ ଆସୁଛନ୍ତି ବୋଲି କହିବୁଲେ
ଖୁସି ଓ ଖିଆଲ ପାଇଁ
ନଈପଠା ସାରା ହସଟୋପେ ବୁଣେ
ଶାରଦ ଜହ୍ନକୁ ଡାକି
ଲୁହରେ ପଖାଳି ଆଖି... ॥ ୨ ॥

ମୋ: ୯୪୩୭୦୦୦୬୩୬

## ପୁସ୍ତକ ପରିଚୟ

### ଶରତ ଗୀତିସମଗ୍ର




**କବି:** ପ୍ର. ଶରତ ଚନ୍ଦ୍ର ରଥ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୯୦୦/-

ଆଲୋଚ୍ୟ ଗୀତି-ଗ୍ରନ୍ଥରେ ଶରତଙ୍କର ମୋଟ ୯ଟି ଗୀତି-ପୁସ୍ତକକୁ ଏକାଠି କରାଯାଇଛି। ସେଗୁଡ଼ିକ ହେଲା- 'ଧୂପବାସ'(୧୯୯୫), 'ମାଟି ମହକ'(୧୯୯୭), 'ଆରାଧନା' (୧୯୯୮), 'କାଲି ସକାଳର ସୂର୍ଯ୍ୟ' (୧୯୯୯), 'ପ୍ରତିଧ୍ୱନି' (୧୯୯୯), 'ବନମାଳା'(୨୦୦୧), 'ତୁମେ ଓ ମୁଁ (୨୦୧୨), 'ନବ ଚେତନା' (୨୦୧୩) ଓ 'ବନ୍ଦନିକା' (୨୦୧୯)। ଶରତଙ୍କ ଗୀତି-କବିତାଗୁଡ଼ିକର ଭାଷା ସରଳ, ବୋଧଗମ୍ୟ ଓ ଭାବ ଉଦ୍ରେକକାରୀ। କେତେକ ଗୀତ ପ୍ରକୃତିକୈନ୍ଦ୍ରିକ ହୋଇଥିବା ବେଳେ କେତେକ ବିଭୁ ଆରାଧନାମୂଳକ ଓ ଆଉ କେତେକ ଦେଶାତ୍ମବୋଧକ। ଭକ୍ତି ଭାବନାମୂଳକ ଗୀତରୁ ଗୋଟିଏ ଉଦାହରଣ ନିଆଯାଉ- ''ମନ ଯେବେ ପ୍ରେମ କରିବୁ/ ପ୍ରେମ କର ସେଇ ରଙ୍ଗା ଅଧରେ/ ସେ ରସ ସାଗର ସେ ନାଗର ବର/ ହସରୁ ଯାହାର ଅମୃତ ଝରେ।'' ପ୍ରକୃତି ପ୍ରେମମୂଳକ ଗୀତର ଗୋଟିଏ ପଙ୍କ୍ତି ଏହିପରି: ''ଶ୍ରାବଣୀ ମେଘର ଘୋର ଘଡ଼ଘଡ଼ି/ ତା' ସାଥିରେ ପୁଣି ବିଜୁଳି ତାତି/ ଶରତ ଆସିଛି ଆଉଁଶି ଦେବାକୁ/ ଫାଟିଯାଇଥିବା ଆକାଶ ଛାତି।'' ଆଲୋଚ୍ୟ ଗୀତି-ସମଗ୍ରରେ 'କରୋନା'କୁ ନେଇ ଚାରୋଟି କବିତା ସ୍ଥାନିତ ହୋଇଛି। ଗ୍ରନ୍ଥ ଶେଷରେ 'ମତାମତ' ଶୀର୍ଷକରେ କବିଙ୍କ ଗୀତି-କବିତାର ଆକଳନ କରିଛନ୍ତି ସନ୍ତୋଷ କୁମାର ମିଶ୍ର, ଭଗବାନ ପଟେଲ, ସଂଘମିତ୍ରା ମିଶ୍ର, ପ୍ରସନ୍ନ କୁମାର ମହାନ୍ତି, ଭଗବାନ ନାୟକ ବର୍ମା, ପଠାଣି ପଟ୍ଟନାୟକ, ବୈଷ୍ଣବ ଚରଣ ସାମଲ, ମହାପାତ୍ର ନୀଳମଣି ସାହୁ, ରମେଶ ଦାସ, ତୁଳସୀ ଓଝା, ଅର୍ଚ୍ଚନା ନାୟକ ଓ ଅଧ୍ୟାପକ ବିଶ୍ୱରଞ୍ଜନ। କବିଙ୍କ ଜୀବନ ଓ କୃତିତ୍ୱର ସ୍ମାରକୀ ସ୍ୱରୂପ କତିପୟ ରଙ୍ଗିନ୍ ଫଟୋ ବହିଟିକୁ ଜୀବନ୍ତ କରିଛି।

### ଝଡ଼ପରର ପୃଥିବୀ




**ଗାଳ୍ପିକା:** ବିଜୟଲକ୍ଷ୍ମୀ ମହାନ୍ତି
**ପ୍ରକାଶକ:** ସ୍ୱାବଲମ୍ବନ ପବ୍ଲିଶର୍ସ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୨୦/-

ମୋଟ ୧୮ଟି ଗଳ୍ପ ଆଲୋଚ୍ୟ ପୁସ୍ତକରେ ସ୍ଥାନିତ। ସ୍ୱାମୀଙ୍କୁ ଉତ୍ସର୍ଗ କରି ଲେଖିକା 'ଉତ୍ସର୍ଗ'ର ଶେଷ ବାକ୍ୟରେ ଯାହା କହିଛନ୍ତି, ତାହା ତାଙ୍କ ଗଭୀର ମନପ୍ରାଣତାର ପରିଚୟ ଦିଏ। ସେ କହିଛନ୍ତି: ''ଜୀବନରେ ଅନେକ କଥା ଆମେ କହିପାରି ନ ଥାଉ।'' ଅତଏବ ଏହି କୁହାଯାଇ ପାରି ନ ଥିବା କଥାଗୁଡ଼ିକ ଲେଖା ହେବା ପାଇଁ ଗୋଟିଏ ଗୋଟିଏ ଗଳ୍ପକୁ ଅପେକ୍ଷା କରିଥାଏ। ଗଳ୍ପଗୁଡ଼ିକ ପଢ଼ିଲେ ମନେହୁଏ, ଏହାର ଚରିତ୍ରମାନେ ଯେପରି ନିଜର ମନକଥା କହିବା ପାଇଁ ଅନେକ ଦିନରୁ ଟାକି ବସିଛନ୍ତି। ଘଟଣା ସତ ହେଉ ବା ମିଛ, ତାକୁ ରୂପଦେବାକୁ ଚେଷ୍ଟା କରିଛନ୍ତି ଲେଖିକା କୌଣସି କୌଣସି ଜଗତ-କଲ୍ୟାଣ ଅଭିପ୍ରାୟକୁ ମନରେ ରଖି। ଏହି କାରଣରୁ ଲାଗେ ଯେମିତି ଏହା ଜଣ-ଜୀବନରେ ହୋଇ ବି ଗଣ-ଜୀବନର କାହାଣୀ। ଗଳ୍ପର ଭାଷା ଚରିତ୍ରମୁଖୀ ଓ ଗତିଦାୟୀ। ସରୋଜିନୀ ହେଉ କି ଶାନ୍ତା ହେଉ, ଅମିୟ ହେଉ କି ବିରୂପାକ୍ଷ ହେଉ- ସବୁରି ଭିତରେ ଜୀବନର ଯେଉଁ ଚଳମାନତା, ତାକୁ ତୋଳି ଧରିବାର ଚେଷ୍ଟା କରିଛନ୍ତି ବିଜୟଲକ୍ଷ୍ମୀ ଓ ମନେହୁଏ, ସେ ତାଙ୍କର ଏ ଉଦ୍ୟମରେ ବିଫଳ ହୋଇନାହାନ୍ତି। ପାଠିକାପାଠକଙ୍କ ଦ୍ୱାରା ବହିଟି ଆଦୃତ ହେବ ବୋଲି ଆଶା।

# ରୋହିତର ଡାଏରୀ

**ମହାଶ୍ୱେତା ସାହୁ**

**ବିଶେଷ ଗଳ୍ପ**

ରୋହିତର ଡାଏରୀର ପ୍ରତି ପୃଷ୍ଠାରେ ଥିଲା ତା' ହାତଲେଖା ଅକ୍ଷରରେ ତା' ଦେହର ମିଠାବାସ୍ନା। ଥିଲା ମଧ ତା'ର କପାଳରୁ ପୃଷ୍ଠାକୁ ଆସୁଥିବା ତା'ର ପ୍ରତିଟି ବିନ୍ଦି, ପ୍ରତି ନିର୍ଦ୍ଦିଷ୍ଟ ତାରିଖ ଥିବା ପୃଷ୍ଠା ଉପରେ।

ହତାଶରେ ଫେରେ ରୋହିତ। ତଥାପି ସେ ପ୍ରେମ କରେ, ମଗ୍ନ ହୋଇ ତା' ସ୍ମୃତିରେ ପୂରାପୂରି ବୁଡି ସେ ପ୍ରେମରେ ଆଲ୍ତାମାଲ୍ତା ହୁଏ। ସେ ଉବୁଟୁବୁ ହୁଏ ପ୍ରେମର ଅଥଳ ଜଳସ୍ମୃତିରେ। ପ୍ରତିଟି ସକାଳ ତା'ର ପ୍ରେମର ସକାଳ, ଯାହାର ପ୍ରତିଟି ଦିନ, ପ୍ରତିଟି ଘଣ୍ଟା, ପ୍ରତିଟି ମୁହୂର୍ତ୍ତ, ପ୍ରତିଟି ସେକେଣ୍ଡ ସେ ସମୀକ୍ଷା ନାଁରେ ଉତ୍ସର୍ଗ କରିଦେଇଛି।

ମାତ୍ର ସମୀକ୍ଷା ଏବେ କେଉଁଠି? ଆଜିକୁ ଦଶବର୍ଷ ତଳେ ସେ ସମୀକ୍ଷାକୁ ହରେଇ ଦେଇଛି, ଯାହାକୁ ସେ ଫେରାଇ ଆଣେ ପ୍ରତିଦିନ ନିଜ ଭିତରେ।

ସମୀକ୍ଷା! ସମୀକ୍ଷା! ଓଃ ସମୀକ୍ଷା!

ଯାହା ପାଇଁ ରୋହିତର ଡାଏରୀ, ଯାହା ପାଇଁ ସେ ଡାଏରୀ ଲେଖିବା ଆରମ୍ଭ କରିଥିଲା। ସମୀକ୍ଷା ଜିଦ୍ଦି କରେ ପ୍ରତିଟି ଖବର ଦେବାକୁ। ପ୍ରତିଟି କଥାରେ ତାକୁ ଭାଗୀଦାର କରିବାକୁ। ସେ ପାଇଁ ରୋହିତ ଲେଖେ। ପ୍ରତିଦିନର ପ୍ରତି ଘଟଣା... ସାଇତି ଦେଉଥିଲା ଅକ୍ଷରରେ ସମୀକ୍ଷା ପାଇଁ।

ସମୀକ୍ଷା ଦିନେ ତାଙ୍କ ଘରକୁ ତା' ମା'ର ବୋହୂ ହୋଇ ଆସିବ, ଭଉଣୀର ଭାଉଜ ହୋଇ, ତା'ର ପ୍ରିୟତମା ସଖୀ ହୋଇ ଆସିବ। ମାତ୍ର ଏଇ ଯେମିତି ଲମ୍ବିଗଲା ମୁହୂର୍ତ୍ତ-ମାନ, ଘଟଣାମାନ- ସବୁ ଦୀର୍ଘତମ ପ୍ରହର ହୋଇଗଲା। ସମୀକ୍ଷା ଗୋଟେ ସୀମାହୀନ ପ୍ରତୀକ୍ଷା ହୋଇ ରହିଗଲା।

ସମୀକ୍ଷାକୁ ଭାବି ତା' ପାଇଁ ରଙ୍ଗିନ ବିନ୍ଦି କିଣେ। ଡାଏରୀର ପ୍ରତି ପୃଷ୍ଠାରେ ପ୍ରତି ତାରିଖରେ ଗୋଟେ ରଙ୍ଗିନ ବିନ୍ଦି ନିଜ କପାଳରେ ପିନ୍ଧି ତାକୁ ପୃଷ୍ଠାରେ ଲଗାଇ ଆଙ୍ଗୁଠି ଟିପରେ ଚାପିଦିଏ। ସମୀକ୍ଷା ଖାଲି ଅନ୍ତହୀନ ପରୀକ୍ଷା ତା' ପାଇଁ ନ ଥିଲା, ବରଂ ଥିଲା ଗୋଟେ କଷ୍ଟକର ଜ୍ୟାମିତି ମଧ।

ରୋହିତ ବେଖିଆଲି ମନ ନେଇ ଅନେଇ ରହିଲା ଆକାଶ ଆଡ଼େ। ଆକାଶରେ ମେଘର ଅପୂର୍ବ ଚିତ୍ର, ସୂର୍ଯ୍ୟଙ୍କ ଅସ୍ତଗାମୀ କମଳା ରଙ୍ଗର ଆଲୋକ ସହ ଧୂସର ରଙ୍ଗର ମହୋତ୍ସବ ବିଛେଇ ହୋଇଥିଲା ଅନୁପମ କଳାକୃତି ନେଇ। ଆକାଶରେ ଶହଶହ ଗୃହ ଫେରନ୍ତା ଚଢ଼େଇଙ୍କ ଖିଆଲି ମନର ଉଡ଼ାଣ। ଆକାଶରେ ଖାଲି ଚଢ଼େଇ ନ ଥିଲେ, ଥିଲା ନାଲି ନେଳୀ ଶହଶହ ହାତଗୁଡ଼ି ଉଡୁଥିଲେ ବେଳାଭୂମିର ଆକାଶରେ।

ରୋହିତ ତତଲା ବାଲିରେ ଚିତ୍ ହୋଇ ଅନେଇ ରହେ ଆକାଶକୁ, ସମୁଦ୍ରକୁ, ବେଳାଭୂମିକୁ, ମେଘମାନଙ୍କୁ, ପକ୍ଷୀମାନଙ୍କୁ... ସେଇ ଆକାଶରେ କେତେ ଚିତ୍ର ଥାଏ। ଭାସିଯାଉଥିବା ଡଙ୍ଗା, ନିଦ୍ରିତ ଯୁଦ୍ଧରେ ଅବତୀର୍ଣ୍ଣ ଥିବା ବୁଦ୍ଧ, ନର୍ତ୍ତକୀ, ହାତୀ, ଦୌଡୁଥିବା ଘୋଡ଼ା, ସବୁ ଆକୃତିର ଫୁଲ। ଲମ୍ବା ଲଟାଯୁକ୍ତ ଗାଉଁଲି ଘର। ସେଇ ସବୁ ଭିତରେ ଯାହାର ସ୍ୱପ୍ନ ପ୍ରତିଦିନ ତାକୁ ଘାରେ ସେ ସମୀକ୍ଷା।

ସମୁଦ୍ରର ଢେଉ ବିରାଟ ବିରାଟ ଲହରି ନେଇ ଫେରୁଥିଲେ ତା'ର ବେଳାକୁ, କେଇଟା ନୋଳିଆ ପାଣି ଭିତରେ ପଶି ଜାଲ ଟାଣୁଥିଲେ। ଆଉ କେଇଜଣ ନୋଳିଆ ପିଲାଙ୍କୁ ପ୍ଲାଷ୍ଟିକ୍ ଟାୟାର ଭିତରେ ପୂରାଇ ସମୁଦ୍ରର ଢେଉ ଭାଙ୍ଗିବା ଶିଖାଉଥିଲେ।

କେଇଟା ନୋଳିଆବସ୍ତିର କିଶୋର ସମୁଦ୍ର କୂଳରୁ ଟଙ୍କା ଗୋଟାଇବାରେ ବ୍ୟସ୍ତ। କେଇ ପାଦ ଦୂରତାରେ ସମୁଦ୍ର ମାଛର ପସରା। ତା' ଆଗକୁ ସମୁଦ୍ର ମାଛଭଜାର ସ୍ୱାଦ ଦେବାକୁ ଗ୍ୟାସ୍‌ଚୁଲା, ମସଲା, ପାଣି ଧରି ସାଙ୍ଗେ ସାଙ୍ଗେ ମାଛଭଜା କରିଦେବ। ଲୁଣିମାଛ, ଚିଙ୍ଗୁଡ଼ି, କଙ୍କଡ଼ାର ପୋଡ଼ା ବାସ୍ନା ମହମହ ସନ୍ଧ୍ୟାର ପବନରେ ମିଶିଯାଇ ଖେଳେଇ ହୋଇ ପଡୁଥିଲା।

ସମୁଦ୍ରର ଲୁଣି ପବନରେ ଗୋଟେ ଅଠାଅଠା ଛାପ ଛାଡ଼ି ଯାଉଥିଲା ଚର୍ମରେ। ମାତ୍ର ରୋହିତକୁ ଅପରାହ୍ଣର ସମୁଦ୍ର ବେଶ୍ ସତେଜ ଓ ସୁନ୍ଦର ଦିଶେ। ସମୁଦ୍ର ପବନ ମନକୁ ପ୍ରଫୁଲ୍ଲିତ କରେ।

ରୋହିତ ମନେପକାଇଲା ସମୀକ୍ଷା ସହ କେତେଦିନ ଏଇ ସମୁଦ୍ର କୂଳରେ କଟିଛି। ଅସଂଖ୍ୟ ସ୍ମୃତି ବିଛେଇ ପଡ଼ିଛି ଏଇ ସମୁଦ୍ରର ବେଳାଭୂମିରେ। କଲେଜ ପଢ଼ିବା ଦିନରୁ ପଢ଼ା ସରିବାଯାଏ ଦୁହିଁଙ୍କ ପ୍ରେମର ଏଇ ସମୁଦ୍ର ହିଁ ସାକ୍ଷୀ। ପ୍ରଥମ ଚୁମ୍ବନଠାରୁ ପ୍ରଥମ ସ୍ପର୍ଶଯାଏ... ଏଇ ସମୁଦ୍ର ହିଁ ସାକ୍ଷୀ। ଖଟାମିଠା ଚକୋଲେଟ୍‌ର ସ୍ୱାଦକୁ ଅଦଳବଦଳ ପାଇଁ ଦୁହେଁ ଦୁହିଁଙ୍କ ଚକୋଲେଟ୍ ଅନେକଥର ବଦଳେଇଥା'ନ୍ତି ଅଧା ଖାଇବା ପରେ। ଗୋଟେ ଆଇସ୍‌କ୍ରିମ୍‌ରେ ଦୁଇଘଣ୍ଟା ଏଇଠି ଗପରେ କଟିବା, ଚିନାବାଦାମ ଖାଇବା, ବାଲିରେ ଗୋଡ଼ ବୁଡ଼ାଇ ବାଲି ମନ୍ଦିର ତିଆରି କରିବା ଏଇ ବେଳାଭୂମି ଗଢ଼ିଥିଲା ତାଙ୍କ ପ୍ରେମର ସୌଧ।

ସମୀକ୍ଷାର ଶ୍ୟାମଳ ରଙ୍ଗର ପାଦକୁ ଗାଢ଼ ନାଲି ରଙ୍ଗର ଅଳତା ବେଶ୍ ଚମତ୍କାର ମାନେ। ବାହାଘର ପରେ କେମିତି ଦିଶିବ ତା' ପାଦ ଦେଖିବାକୁ ରୋହିତ ସମୀକ୍ଷା ପାଇଁ କିଣିଥିଲା ଦୁଇଟା ଗୋଡ଼ମୁଦି। ପଥରବସା, ଯାହା ସମୀକ୍ଷାର ପାଦ ଆଙ୍ଗୁଠିରେ ଚିକ୍‌ଚିକ୍ କରୁଥିଲା। ରୋହିତ ଲୋଭ ସମ୍ଭାଳି ନ ପାରି ତା' ପାଦ ଦି'ଟାକୁ ତା' ଛାତିରେ ଜାକିଧରି ଚୁମାରେ ପୋତି ଦେଇଥିଲା। ସେଦିନ ସମୀକ୍ଷାର ମୁହଁ ଲାଜରେ ଲାଲ ହେବାବେଳେ ଗୋଟେ ଆତ୍ମତୃପ୍ତି ତାକୁ ବିହ୍ୱଳିତ କରିଦେଇଥିଲା।

ଅନେକ ସ୍ୱପ୍ନ, ଅନେକ ସମ୍ଭାବନା। ନାଲି ଶାଢ଼ିର ଚଉଡ଼ା ଧଡ଼ି... ଚତୁର୍ଥୀର କଳ୍ପନା, ଲମ୍ବାବେଣୀ, ଛୁଆର ନାଁ... କଳ୍ପନାର ଡେଣା ଲମ୍ବି ଯାଉଥିଲା। ସମୁଦ୍ରକୁ ସାକ୍ଷୀ କରି ସମୁଦ୍ର ଭିତରେ ସେଦିନ ସମୀକ୍ଷା ପଶିଥିଲା। ଚିତ୍କାର କରି କହୁଥିଲା- ''ଶୁଣ ରୋହିତ... ମୁଁ ତୁମକୁ ବହୁତ ଭଲପାଏ ଏଇ ସମୁଦ୍ର ଆମ ଭଲପାଇବାର ପ୍ରଥମ ସାକ୍ଷୀ। ଏ ଜନ୍ମରୁ ଆହୁରି ସାତଜନ୍ମଯାଏ ମୁଁ ତୁମ ସାଥୀ ରହିଲି। ତୁମଠୁ ମୋତେ କେହି ଅଲଗା କରିପାରିବେନି... ଆଇ ଲଭ୍ ୟୁ ରୋହିତ...''

ଏଇ ଥିଲା ତା'ର ଶେଷ ବାକ୍ୟ। ହଠାତ୍ ପ୍ରଚଣ୍ଡ ଶବ୍ଦ କରି ଗୋଟେ ବଡ଼ ଢେଉ ମାଡ଼ିଆସିଲା। କେଇକ୍ଷଣ ଭିତରେ ସମୀକ୍ଷା ଉଭାନ୍ ହୋଇଗଲା। ସବୁ ଦୃଶ୍ୟହୀନ, ନିର୍ବିକାର... କୁଆଡ଼େ ହଜିଗଲା ସମୀକ୍ଷା ସେଇ ଢେଉ ଆଉ ପାଣି ଭିତରେ, ତା'ର ଆଜିଯାଏ ଶବ କି ଠିକଣା କିଛି ମଧ ମିଳିଲା ନାହିଁ।



ପ୍ରତିଦିନ ରୋହିତ ଆସେ ଲୁହପୂର୍ଣ୍ଣ ଆକୃତିରେ ସମୁଦ୍ରକୁ ମାଗେ- ''କୁଆଡ଼େ ଗଲା ମୋ' ସମୀକ୍ଷା! ପ୍ଲିଜ୍ ଫେରେଇଦିଅ...।'' ସମୁଦ୍ର କୂଳରେ କଟେ ତା'ର ଦିନରୁ ରାତି। କିଛି ମଧ କରିବାକୁ ତା'ର ଇଚ୍ଛା ହୁଏ ନାହିଁ।

ପ୍ରଥମେ ଭାବୁଥିଲା ସେ ବଞ୍ଚିରହି କ'ଣ କରିବ- ଆତ୍ମହତ୍ୟା କରିଦେବ, ମାତ୍ର ମନେପଡ଼େ ସମୀକ୍ଷା! ଯେମିତି ସେ କହେ- ''ତୁମେ କେବେ ମଧ ଆତ୍ମହତ୍ୟା କରିବନି ରୋହିତ। ମୋତେ ଅପବାଦ ଦେବନି। ଲୋକ ତୁମ ନାଁରେ ମୋ' ନାଁ ମିଶାଇ କଳଙ୍କ ଲଗାଇବେ... ସେ ଅପମାନ ମୁଁ ସହିପାରିବି ନାହିଁ...।''

ରୋହିତ ଆଖିରେ ପୁଳାଏ ଲୁହ ଥିଲା। ସେ ସମୁଦ୍ରକୁ ତା'ର ଆକୂତି ଆବେଦନରେ ଯେମିତି ସମୀକ୍ଷାକୁ ଅପେକ୍ଷା କରିଥିଲା। ଆଖିର କୋଣରେ ବୟସର ଛାପ ଲାଗି ଆସୁଥିଲା। ବୋଧହୁଏ ସମୀକ୍ଷାକୁ ହରେଇବାର ଅନେକ ବର୍ଷ ବିତିସାରିଥିଲା।

ମୋ: ୮୩୨୭୭୫୭୬୧୯

## କାଳକାଳକୁ



''ପ୍ରତି ଲୋକର ଏକ ନିଜସ୍ୱ ଦାମ୍ ଅଛି। କାହା ପାଇଁ ତାହା ଟଙ୍କା, କାହା ପାଇଁ ନାରୀ ତ ଆଉ କାହା ପାଇଁ ଯଶ। କିନ୍ତୁ କିଛି ନ ନେଇ ନିଜର ହୁଏ କେବଳ ସଚ୍ଚା ଲୋକ।''

– ହାରୋଲ୍‌ଡ ରବିନ୍‌ସ

**ହାରୋଲ୍‌ଡ ରବିନ୍‌ସ**ଙ୍କ ଜନ୍ମ ୨୧ ମେ ୧୯୧୬ରେ, ଆମେରିକାର ନ୍ୟୁୟର୍କରେ ଓ ପରଲୋକ ୧୪ ଅକ୍ଟୋବର ୧୯୯୭ରେ ଆମେରିକାର କାଲିଫର୍ଣ୍ଣିଆରେ। ସେ ଜଣେ ଲୋକପ୍ରିୟ ଉପନ୍ୟାସ ଲେଖକ। ୨୫ ଖଣ୍ଡ ବହୁ ବିକ୍ରିତ ଉପନ୍ୟାସର ସେ ସ୍ରଷ୍ଟା। 'A Stone For Danny Fisher', 'Never Love a Stranger', 'The Carpetbaggers' ଓ 'The Adventures' ପ୍ରଭୃତି ତାଙ୍କର କେତେକ ଚର୍ଚ୍ଚିତ ପୁସ୍ତକ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


LG
Life's Good
Diwali
Life's Good
Celebrations
THE ONE AND ONLY
Celebration Of Your Success
WORLD'S LARGEST OLED TV | G2
WORLD'S ONLY ROLLABLE OLED TV | R1
LG OLED
Discover the Widest Range of LG OLED with Great Festive Offers.
Z2 | The Zenith of LG OLED TV
REAL 8K
Available Size: 223cm (88)
LG OLED 8K
SELF-LIT OLED | α9 Gen5 AI Processor* | Dolby VISION IQ | Dolby ATMOS
Offer Price: ₹1989990 | EMI Starts: ₹6999
G2 | Our Best 4K OLED TV
Available Sizes: 164cm (65) / 139cm (55)
LG OLED evo | Gallery Edition
Gallery Design | SELF-LIT OLED evo with Brightness Booster Max | webOS with user profiles
Range Starts: ₹214990 | EMI Starts: ₹2999
C2/C2X* | Our Most Celebrated OLED TV
Available Sizes: 210cm (83) / 195cm (77) / 164cm (65) / 139cm (55) / 121cm (48) / 106cm (42)
*C2X available in 164cm (65) / 139cm (55) / 121cm (48)
LG OLED evo
α9 Gen5 AI Processor* | 4K Upscaler | NVIDIA G-SYNC | 0.1ms Response Time
Range Starts: ₹119990 | EMI Starts: ₹2999
B2 | A Brilliant All-rounder OLED TV
Available Sizes: 164cm (65) / 139cm (55)
LG OLED
AI Picture Pro | FILMMAKER MODE™ | Ok Google
Range Starts: ₹134990 | EMI Starts: ₹2999
AWARDS*
World's No.1 OLED TV Brand* For 9 Consecutive Years
CES Innovation Awards 2022
Power of Trust | India's Most Trusted TV Brand For 3 Consecutive Years
Power of Desire | India's Most Desired TV Brand For 2 Consecutive Years
FESTIVE OFFERS*
5 YEAR* ASSURANCE On purchase of select LG TVs
Up to 20%* INSTANT CASHBACK Max ₹20000* ON SELECT CREDIT / DEBIT CARDS
FREE* Soundbar worth up to ₹64990* On purchase of select LG TVs
FIXED EMI Starting from ₹2999*
www.hsad.co.in
Care & Delight LG Service
LG 24 x 7 CUSTOMER CARE
1800-315-9999 5757554 (Send SMS)
1800-180-9999 (Toll Free)
www.lg.com/in/support
LG WhatsApp No. 9711709999
LG Service India Mobile App Available at Google Play
www.facebook.com/lgindiapage/
www.twitter.com/LGIndia
To know more about LG, visit www.lg.com/in
For Corporate/Institutional enquiries, please write to corp.enquiries@lge.com
24x7 NOW SHOP AT LG BRAND STORE www.lgbrandstore.com/in
LG Greencycle
Bank of Baroda Credit Card | citi Credit Cards | FEDERAL BANK | HDFC BANK | FESTIVE TREATS | ICICI Bank | kotak | one | SBI card | standard chartered
Regd. Office: LG Electronics India Pvt. Ltd., A-24/6, Mohan Cooperative Industrial Estate, Mathura Road, New Delhi-110044 CIN No. U32107DL1997PTC220109
*T&C Apply.
Contact your nearest LG Authorised Dealer.